بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد


وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ କାଦିୟାନ

# ବଦର

The Weekly
**BADAR** Qadian
ODIA

ସୀରତୁନ୍ ନବୀ ସଂଖ୍ୟା

ବର୍ଷ 5
ବାର୍ଷିକ ଦେୟ 500 ଟଙ୍କା

ସଂଖ୍ୟା 33
ସମ୍ପାଦକ
କମ୍‌ରୁଲ ହକ୍ ଖାନ
ସହ ସମ୍ପାଦକ
ମକ୍‌ସୁଦ୍ ଅଲୀ ଖାନ
(ଏଚ.ଏ. ଏମ୍.ଏ.)

Postal Reg. No. GDP/40/2020-22 • 13 ଅଗଷ୍ଟ 2020 • 13 ଜହୁର 1399 ହିଜ୍ରି ଶମ୍‌ସୀ • 22 ଜୁଲହଜ୍ 1441 ହିଜ୍ରି କମରୀ


## ପୁଣ୍ୟଶ୍ଳୋକ ହଜରତ ମସିହ ମଉଦ[ଅସ] କହିଛନ୍ତି :

"ଅଲ୍ଲାଃଙ୍କ ଉପାସନା ଗୃହ 'ଖାନା କାବା'କୁ ପାର୍ଥିବ ରୂପେ ସତ୍ୟାନୁରକ୍ତ ଧର୍ମପ୍ରେମୀମାନଙ୍କ ପାଇଁ ଏକ ପ୍ରତୀକାତ୍ମକ ଆଦର୍ଶ କରି ଦିଆଯାଇଛି । ଏବଂ ପରମେଶ୍ୱର କହିଛନ୍ତି ଯେ ଦେଖ, ଏହା ହେଉଛି ଆମ୍ଭ ଗୃହ ଓ ଏହି ପବିତ୍ର କୃଷ୍ଣକାୟ ପଥର 'ହଜ୍‌ରେ ଅସୱ୍ୱଦ୍' ହେଉଛି ଆମ୍ଭର ଶାଶ୍ୱତ ମହିମା ଗାଦିର ସ୍ମୃତିଚିହ୍ନ । ଏବଂ ଏପରି ଆଦେଶ ସେ ଏଥିପାଇଁ ଘୋଷଣା କଲେ ଯଦ୍ୱାରା ମନୁଷ୍ୟ ଶାରୀରିକ ଦୃଷ୍ଟିକୋଣରୁ ପ୍ରବଳ ଆସକ୍ତିରେ ନିଜର ଭାବପ୍ରବଣତା ପ୍ରକାଶ କରିବ ଓ ଗଭୀର ପ୍ରେମର ଉଦ୍‌ବେଳନକୁ ପ୍ରକଟ କରିଦେବ । ସେଥିପାଇଁ ହଜ୍ ଉଦ୍ଦେଶ୍ୟରେ ଯାଉଥିବା ତୀର୍ଥଯାତ୍ରୀମାନେ ହଜ୍ କରିବା ସ୍ଥାନରେ ପ୍ରତ୍ୟକ୍ଷ ରୂପେ ସେହି ଗୃହର ଚତୁର୍ପାର୍ଶ୍ୱରେ ଏପରି ଭାବରେ ପରିକ୍ରମା କରିବାରେ ଲାଗିଥାନ୍ତି, ସତେ ଯେପରି ଈଶ୍ୱର ପ୍ରେମରେ ସେମାନେ ପାଗଳପ୍ରାୟ ଉନ୍ମତ୍ତ ହୋଇ ଆପଣା ଅସ୍ତିତ୍ୱକୁ ହଜାଇ ଦେଇଥାନ୍ତି ।"

(ଚଶମା ଏ ମାରିଫତ୍, ରୁହାନି ଖଜାୟିନ୍, ଗ୍ରନ୍ଥଖଣ୍ଡ ୨୩, ପୃଷ୍ଠା ୧୦୦)



ଫଜଲେ ଉମର ପ୍ରିଣ୍ଟିଙ୍ଗ ପ୍ରେସ କାଦିୟାନରେ ଜମିଲ ଅହମଦ ନାସିରଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ,
ପ୍ରୋପ୍ରାଇଟର : ନିଗରାନ୍ ବଦର ବୋର୍ଡ, କାଦିୟାନ, ଜିଲ୍ଲା ଗୁରଦାସପୁର, ପଞ୍ଜାବ - ୧୪୩୫୧୬

Printed

# نام اُس کا ہے محمدؐ
# دلبر مرا یہی ہے

منظوم کلام سیّدنا حضرت مسیح موعود علیہ السلام

## ନାମଟି ତାଙ୍କର ଶିରୀ ମୁହମ୍ମଦ
## ମୋ ପରାଣ ପ୍ରିୟ ସେହି

وہ پیشوا ہمارا جس سے ہے نُور سارا
نام اُس کا ہے محمد دلبر مرا یہی ہے

**ୱହ ପେଶ୍ୱା ହମାରା          ଯିସ୍ ସେ ହୈ ନୁର୍ ସାରା ।**
**ନାମ୍ ଉସ୍‌କା ହୈ ମୁହମ୍ମଦ          ଦିଲବର୍ ମେରା ୟହି ହୈ ॥**

ଯାହାଙ୍କ ଜ୍ୟୋତିରେ ଝଟକେ ଜଗତ          ସେହି ପରା ଆମ ପଥପ୍ରଦର୍ଶକ
ନାମଟି ତାଙ୍କର ଶିରୀ ମୁହମ୍ମଦ          ମୋ ପରାଣ ପ୍ରିୟ ସେହି ॥

سب پاک ہیں پیمبر اِک دوسرے سے بہتر
لیک از خدائے برتر خیرالوریٰ یہی ہے

**ସବ୍ ପାକ୍ ହୈଁ ପୟମ୍ବର୍          ଇକ୍ ଦୁସରେ ସେ ବେହତର୍ ।**
**ଲେକ୍ ଅଜ୍ ଖୁଦାଏ ବରତର୍          ଖୈରୁଲ୍ ୱରା ୟହି ହୈ ॥**

ପରମ ପବିତ୍ର ସବୁ ଅବତାର          ଏକରୁ ଆରେକ ନାହିଁ କେ ଅସାର
ପ୍ରଭୁଙ୍କ ନିକଟେ ସେ ପୁରୁଷୋତ୍ତମ          ସୃଷ୍ଟି ମଧ୍ୟେ ସର୍ବଶ୍ରେଷ୍ଠ ॥

پہلوں سے خوب تر ہے خوبی میں اِک قمر ہے
اُس پر ہر اک نظر ہے بدرالدّجیٰ یہی ہے

**ପହେଲୋଁ ସେ ଖୁବ୍‌ତର୍ ହୈ          ଖୁବି ମେଁ ଇକ୍ କମର୍ ହୈ ।**
**ଉସ୍ ପର୍ ହରେକ୍ ନଜର୍ ହୈ          ବଦରୁଦ୍ ଦୁଜା ୟହି ହୈ ॥**

ପୂର୍ବ ଅବତାର ମଧ୍ୟେ ଶ୍ରେୟସ୍କର          ଗୁଣରେ ଶଶାଙ୍କ ସମ ଜୋଛନାର
ତାହାଙ୍କ ଉପରେ ସଭିଙ୍କ ନଜର          ଯେସନେ ପୂର୍ଣ୍ଣମୀ ଚନ୍ଦ୍ର ॥

وہ یارِ لامکانی وہ دلبرِ نہانی
دیکھا ہے ہم نے اُس سے بس رہنما یہی ہے

**ୱହ ୟାରେ ଲାମକାନୀ          ୱହ ଦିଲ୍‌ବରେ ନହାନୀ ।**
**ଦେଖା ହୈ ହମ୍‌ନେ ଉସ୍‌ସେ          ବସ୍ ରହନୁମା ୟହି ହୈ ॥**

ସବୁଠାରେ ବାସ ଯା'ର ନାହିଁ ଶେଷ          ଅବ୍ୟକ୍ତ ଅତୁଲ୍ୟ ପ୍ରାଣବନ୍ଧୁ ସେ ତ
ତାଙ୍କରି ଦର୍ଶନେ କୃତ୍ୟକୃତ୍ୟ ହେଲି          ଦେଖାଇଲେ ପ୍ରଭୁ ପଥ ॥

وہ آج شاہِ دیں ہے وہ تاجِ مرسلیں ہے
وہ طیّب و امیں ہے اُس کی ثنا یہی ہے

**ୱହ ଆଜ୍ ଶାହେ ଦିଁ ହୈ          ୱହ ତାଜେ ମୁର୍‌ସଲିଁ ହୈ ।**
**ୱହ ତୟବ୍ ଓ ଅମିଁ ହୈ          ଉସ୍‌କୀ ସନା ୟହି ହୈ ॥**

ଧରମ ଜଗତେ ଅଜେୟ ସମ୍ରାଟ          ହୋଇଛନ୍ତି ପରା ନବୀଙ୍କ ମୁକୁଟ
ସ୍ୱଚ୍ଛ ସାଧୁତାର ଜ୍ୱଳନ୍ତ ପ୍ରତୀକ          କର ତାଙ୍କ ଜୟଗାନ ॥

اُس نُور پر فدا ہوں اُس کا ہی میں ہوا ہوں
وہ ہے میں چیز کیا ہوں بس فیصلہ یہی ہے

**ଉସ ନୁର୍ ପର୍ ଫିଦା ହୁଁ          ଉସ୍‌କା ହୀ ମୈଁ ହୁଆ ହୁଁ ।**
**ୱହ ହୈ ମୈଁ ଚିଜ୍ କ୍ୟା ହୁଁ          ବସ୍ ଫଏସଲା ୟହି ହୈ ॥**

ତାଙ୍କରି ଜ୍ୟୋତିରେ ସମର୍ପିତ ହେଲି          କେବଳ ତାଙ୍କର ହୋଇ ରହିଗଲି
ସେ ହିଁ ସବୁକିଛି ନୁହେଁ ମୁହିଁ କିଛି          ଶେଷ କଥା ଏହି ମୋର ॥

ମୂଳ ଉର୍ଦ୍ଦୁ କାବ୍ୟ : **ହଜରତ ମସିହ ମଉଦ**[ଅସ] **(ପ୍ରତିଶ୍ରୁତ ମସିହ ଓ ମେହ୍‌ଦୀ)**
ଓଡିଆ ରୂପାନ୍ତର : **ଇଂ ରୌଶନ ଖାନ୍ (ଅଧ୍ୟକ୍ଷ ଅହମଦିୟା ରିଭ୍ୟୁ କମିଟି, ଓଡିଶା)**

ସମ୍ପାଦକୀୟ



لا اله الا الله محمد رسول الله

# ହଜରତ ମୁହମ୍ମଦ[ସଅ]ଙ୍କର ନିଜର ସହଚରମାନଙ୍କ ସହିତ ସଦ୍‌ବ୍ୟବହାର

ଅନୁଚରମାନେ ହଜରତ ମୁହମ୍ମଦ[ସଅ]ଙ୍କୁ ନିଜର ପ୍ରାଣ ଓ ନିଜ ପିତାମାତାଙ୍କ ଜୀବନ ଠାରୁ ମଧ୍ୟ ଅଧିକ ପ୍ରିୟ ମାନୁଥିଲେ ଏବଂ ପ୍ରତ୍ୟେକ ସମୟରେ ତାଙ୍କ ପାଇଁ ଉତ୍ସର୍ଗ ହେବାକୁ ସର୍ବଦା ପ୍ରସ୍ତୁତ ରହୁଥିଲେ । ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ଠାରୁ ଅଧିକ କୌଣସି ବିଷୟ ପ୍ରିୟ ନଥିଲା । ଫଳ ସ୍ୱରୂପ ହଜରତ ମୁହମ୍ମଦ[ସଅ] ମଧ୍ୟ ତାଙ୍କ ଅନୁଚରମାନଙ୍କୁ ଗଭୀର ପ୍ରେମ ଶ୍ରଦ୍ଧା ଓ ସହାନୁଭୂତି ଦେଖାଉଥିଲେ । ସେମାନଙ୍କ ସହିତ ସବୁପ୍ରକାର ଆଦର ସମ୍ମାନ କରୁଥିଲେ । ଅର୍ଥ ସହାୟତା କରୁଥିଲେ । ଯଦି କିଏ ଋଣଗ୍ରସ୍ତ ହେଉଥିଲା, ତାହାର ଋଣକୁ ସେ ପରିଶୋଧ କରି ଦେଉଥିଲେ । ହଜରତ ମୁହମ୍ମଦ[ସଅ] ସହଚରମାନଙ୍କ ସହିତ କରିଥିବା ସଦ୍‌ବ୍ୟବହାର ସମ୍ବନ୍ଧରେ କେତେକ ଘଟଣା ନିମ୍ନରେ ଉଲ୍ଲେଖ କରାଯାଉଛି ।

ହଜରତ ମୁହମ୍ମଦ[ସଅ] ଜଣେ ଅତି ଘନିଷ୍ଠ ଅନୁଚର ଭାବେ ହଜରତ ଜାବିର[ରଅ] ଜଣାଶୁଣା ଥିଲେ । ତାଙ୍କ ପିତାଙ୍କ ନାମ ଅବଦୁଲ୍ଲା ବିନ ଉମର ଓ ବିନ୍ ହରାମ ଥିଲା । ହଜରତ ଜାବିର[ରଅ]ଙ୍କ ପିତା ଅବଦୁଲ୍ଲା ଉହଦ ଯୁଦ୍ଧରେ ଶହୀଦ ହୋଇଥିଲେ । ସେହି ଯୁଦ୍ଧରେ ହଜରତ ମୁହମ୍ମଦ[ସଅ]ଙ୍କ ପକ୍ଷେ ନିଜର ସତରଜଣ ବୀର ଯୋଦ୍ଧା ଅନୁଚରମାନେ ପ୍ରାଣ ହରାଇ ଥିବାର ଦୁଃଖ ସହିବାକୁ ପଡିଥିଲା । ସେଥିରେ ମହାଭାଗଙ୍କ ପିତୃବାଚ୍ୟ ହଜରତ ହୁମଜା[ରଅ] ମଧ୍ୟ ସାମିଲ ଥିଲେ । ହଦିସରେ ଆସୁଛି, ହଜରତ ଜାବିର ବିନ ଅବଦୁଲ୍ଲା ନିଜେ ବର୍ଣ୍ଣନା କରିଛନ୍ତି ଯେ ଦିନେ ରସୁଲୁଲା ମୋତେ ଦେଖାଦେଇ କହିଲେ 'ହେ ଜାବିର ! ଆଜି ମୁଁ ତୁମକୁ ଏତେ ଦୁଃଖ ଓ ଉଦାସରେ ଭାଙ୍ଗି ପଡିଥିବାର କାହିଁକି ଦେଖୁଛି ?' ମୁଁ କହିଲି 'ହଜୁର ! ମୋ ପିତା ଶହୀଦ ହୋଇଗଲେ ଓ ଅନେକ କରଜ କରିଛନ୍ତି ଓ ପିଲାଛୁଆ ଛାଡି ଦେଇ ଯାଇଛନ୍ତି ।' ହଜୁର କହିବାକୁ ଲାଗିଲେ 'ମୁଁ ତୁମକୁ କଣ ଏହି ସୁସମାଚାର ଶୁଣାଇବି ନାହିଁ ଯେ କିପରି ଭାବେ ତୁମ ପିତା ଅଲ୍ଲାଃଙ୍କ ନିକଟରେ ଉପସ୍ଥିତ ହୋଇଛନ୍ତି ।' ମୁଁ କହିଲି 'ହଁ ହଜୁର ଆପଣ ଶୁଣାନ୍ତୁ ।' ଏହାପରେ ମହାଭାଗ କହିଲେ 'ଅଲ୍ଲାଃ ସବୁବେଳେ ପରଦା ଆଢୁଆଳରେ ରହି ଭକ୍ତମାନଙ୍କ ସହିତ କଥାବାର୍ତ୍ତା କରନ୍ତି । କିନ୍ତୁ ତୁମ ବାପାକୁ ସେ ଜୀବିତ କଲେ ଓ ସାମ୍ନାରେ ରହି ତାଙ୍କ ସହିତ କଥାବାର୍ତ୍ତା କଲେ । ପୁଣି କହିଲେ ହେ ବନ୍ଧୁ ! ମୋତେ ତୁମେ ଯାହା ମାଗୁଛ ମାଗ ମୁଁ ତୁମକୁ ଅବଶ୍ୟ ଦେବି । ତହୁଁ ତୁମ ପିତା ଉତରରେ କହିଲେ ହେ ମୋର ପାଳନକର୍ତ୍ତା ! ମୁଁ ଚାହୁଁଛି ଯେ ତୁମ୍ଭେ ମୋତେ ଜୀବିତ କରାଇ ପୁନର୍ବାର ସଂସାରକୁ ପଠାଅ, ଯଦ୍ୱାର ତୁମ୍ଭ ସକାଶେ ମୁଁ ପ୍ରାଣବଳି ଦେବି । ଏହା ଶୁଣି ଅଲ୍ଲାଃ କହିଲେ ଏହା କଦାପି ହୋଇପାରିବ ନାହିଁ । କାରଣ ମୁଁ ଏହି ନିୟମ ଲାଗୁ କରିସାରିଛି ଯେ କେହି ମରିବା ପରେ ଆଉଥରେ କାହାକୁ ଜୀବିତ କରାଇ ପୃଥିବୀକୁ ପଠାଯାଏ ନାହିଁ ।'

**(ତିରମିଜି, ଅବୱାବ ଅଲ ତଫସିର ଆଲେ ଇମ୍ରାନ, ହଦିସ ନଂ ୩୨୦)**

ହଜରତ ଜାବିର[ରଅ]ଙ୍କୁ ତାଙ୍କ ପିତା ଅବଦୁଲ୍ଲା କହିଥିଲେ ଯେ ଅମୁକ ଇହୁଦିଙ୍କ ଠାରୁ ମୁଁ ନେଇଥିବା ଋଣକୁ ମୋର ଶହୀଦ ହେବା ପରେ ଆମ ବଗିଚାର ଫଳ ବିକ୍ରି କରି ଶୁଝିଦେବ । ସେ ନିଜ ପିତାଙ୍କ ଏହି ଶେଷ ଇଚ୍ଛା ଅନୁଯାୟୀ କରଜ ଶୁଝି ଦେଇଥିଲେ ।

**(ଖୁତବା ଜୁମା, ୩୦ ମାର୍ଚ୍ଚ ୨୦୧୮)**

ସେହି ଯୁଗରେ ଏହା ଚଳଣି ଥିଲା ଯେ ଫଳ ବଗିଚା ଓ ଫସଲକୁ ବନ୍ଧକ ରଖି ଋଣ ନିଆଯାଉଥିଲା । ହଜରତ ଜାବିର ମଧ୍ୟ ନିଜ ଗୁଜୁରାଣ ମେଂଟାଇବା ପାଇଁ ଧାର ନେଉଥିଲେ । ଏପରି ଏକ ଘଟଣା ହଦିସରେ ଆସୁଛି ଯେ ସେ ଜଣେ ଇହୁଦୀ ଠାରୁ ଧାର ନେଇଥିଲେ । ସେ ଇହୁଦୀ ଜଣଙ୍କୁ କହିଲେ 'ଏ ବର୍ଷ ମୋର ଆମଦାନୀ ବହୁତ କମ ହୋଇଛି, ତେଣୁ ମୋତେ ଧାର ଶୁଝିବା ପାଇଁ କିଛି ଅଧିକ ସମୟ ଦିଅ । କିଛି ରାଶି ବର୍ତମାନ ନେଇଯାଅ ଓ ବାକି ଅଂଶ ଆସନ୍ତା ବର୍ଷ ନେବ ।' କିନ୍ତୁ ସେହି ଇହୁଦୀ ଏଥିରେ ରାଜି ହେଲେ ନାହିଁ । ହଜରତ ମୁହମ୍ମଦ[ସଅ] ଯେତେବେଳେ ଏହା ଜାଣିଲେ, ମହାଭାଗ ସେହି ଇହୁଦୀ ନିକଟରେ ହଜରତ ଜାବିର[ରଅ]ଙ୍କ ପାଇଁ ସୁପାରିଶ କଲେ । କିନ୍ତୁ ସେ ଆଦୌ ମାନିଲା ନାହିଁ । ତାପରେ ହଜରତ ମୁହମ୍ମଦ[ସଅ] କିପରି ଭାବେ ସେହି ଅନୁଚରଙ୍କୁ ତାହାର ଋଣ ପରିଶୋଧ କରିବା ବିଷୟରେ ସହାୟତା ପ୍ରଦାନ କଲେ ଏବଂ ପ୍ରାର୍ଥନା କଲେ  ଫଳସ୍ୱରୂପ କିପରି ଅଲ୍ଲାଃତାଲା ତାଙ୍କ ଉପରେ କୃପା କଲେ, ତାହାର ବିସ୍ତୃତ ବିବରଣୀ ହଦିସରେ ଏହିପରି ମିଳିଥାଏ ।

| | ସୂଚୀପତ୍ର | |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହତ୍ୱପୂର୍ଣ୍ଣ ଭୂମିକା ଓ ପଦମର୍ଯ୍ୟାଦା ପବିତ୍ର କୁର୍‌ଆନ୍ ତଥା ଆହାଦିସ୍ ର ଆଧାରରେ | ୨ |
| ୩ | ସୟଦନା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବାଣୀ | ୩ |
| ୪ | ପୃଥିବୀର ଉନ୍ନତି ନିମନ୍ତେ ଆଜି ଯାହାର ଆବଶ୍ୟକତା ରହିଛି, ତାହା ହେଉଛି ଇସ୍‌ଲାମୀୟ ଶିକ୍ଷା । | ୪ |
| ୫ | ଶ୍ରେଷ୍ଠ ଅବତାର ରୂପରେ ମୁହମ୍ମଦ ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ | ୯ |
| ୬ | ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଜୀବନ ଚରିତ | ୧୩ |

ହଜରତ ଜାବିର ସ୍ୱୟଂ ବର୍ଣ୍ଣନା କରିଛନ୍ତି ଯେ ଜଣେ ଇହୁଦୀ ମୋର ଖଜୁର ବଗିଚାର ନୂଆ ଫଳ ଉତ୍ପନ ହେବା ପର୍ଯ୍ୟନ୍ତ ମୋତେ ଋଣ ଦେଉଥିଲା । ମୋର ଏହି ଜମି ରୁମା ନାମକ କୂଅ ରହିଥିବା ଏକ ରାସ୍ତା ଉପରେ ଅବସ୍ଥିତ ଥିଲା । ଏକ ବର୍ଷ ବିତିଗଲା, କିନ୍ତୁ ଫଳ ବହୁତ କମ୍ ହେଲା ଏବଂ ହୃଷ୍ଟପୃଷ୍ଟ ହେଲା ନାହିଁ । ଫଳ ଆମଦାନୀ ସମୟରେ ସେହି ଇହୁଦୀ ଗତାନୁଗତିକ ଭାବେ ନିଜ ଋଣ ଆଦାୟ କରିବା ପାଇଁ ଆସିଲା । କିନ୍ତୁ ସେ ବର୍ଷ ମୁଁ କୌଣସି ଫଳ ଅମଳ କରିପାରିଲି ନାହିଁ । ସେଥିପାଇଁ ମୁଁ ତାକୁ ଆଉ ବର୍ଷେ ପାଇଁ ମହଲତ ମାଗିଲି, ଅଥଚ ସେ ମନାକଲା । ତାର ଉଦ୍ଦେଶ୍ୟ ଥିଲା ଯେ ବଗିଚାଟାକୁ ଋଣ ପରିଶୋଧ ବିନିମୟରେ କିପରି ତାର କବଜାକୁ ନେଇ ଆସିବ । ଏହି ଖବର ଯେତେବେଳେ ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ପହଂଚିଲା, ସେ ନିଜ ଅନୁଚରମାନଙ୍କୁ କହିଲେ ଯେ ଚାଲ ଆମେ ସେ ଇହୁଦୀ ଠାରୁ ଜାବିରଙ୍କ ପାଇଁ ଅଧିକ ମହଲତ ମାଗିବା । ସୁତରାଂ ରସୁଲଲ୍ଲା ଅନୁଚାରମାନଙ୍କ ଗହଣରେ ମୋର ବଗିଚାକୁ ଆସିଲେ ତଥା ସେହି ଇହୁଦୀ ସହିତ କଥାବାର୍ତ୍ତା କଲେ, କିନ୍ତୁ ଇହୁଦୀ କହିଲା 'ହେ ଅବୁ କାସିମ ! ମୁଁ ତାକୁ ଆଦୌ ମହଲତ ଦେବି ନାହିଁ ।' ଏହା ଦେଖି ମହାଭାଗ ଖଜୁର ଗଛଗୁଡିକର ଚାରିପଟେ ଚକର ଲଗାଇଲେ ଓ ପୁଣି ଆସି ଇହୁଦି ସହିତ କଥା ହେଲେ । ତଥାପି ସେ ମନା କରିଦେଲା । ସେ କହନ୍ତି ଯେ ସେହି ସମୟ ଭିତରେ ମୁଁ ବଗିଚାରୁ କିଛି ଖଜୁର ତୋଳି ହଜରତ ମୁହମ୍ମଦ[ସଅ]ଙ୍କ ସେବାରେ ରଖିଲି, ଯାହାକୁ ମହାଭାଗ ସେବନ କଲେ । ପୁଣି କହିଲେ 'ଜାବିର୍ ! ଏଠାରେ ତୁମ ବଗିଚାଗୁଡିକ ମଧ୍ୟରେ ବିଶ୍ରାମ ନେବା ପାଇଁ ଚାଳ ଘର କେଉଁଠି ଅଛି ?' ମୁଁ ତାହା ଦେଖାଇ ଦେବାରୁ ମହାଭାଗ କହିଲେ 'ମୋ ପାଇଁ ସେଠାରେ ଚଟାଇ ବିଛାଇ ଦିଅ ।' ମୁଁ କହିଲି 'ଯଥା ଆଜ୍ଞା ପ୍ରଭୁ ।' ତହୁଁ ମହାଭାଗ ସେଠାରେ ଯାଇ ଶୟନ କଲେ । ଯେତେବେଳେ ସେ ନିଦରୁ ଉଠିଲେ ମୁଁ ପୁଣି ମୁଠାଏ ଖଜୁର ନେଇ ଆସିଲି । ସେଥିରୁ ସେ କିଛି ଖାଇଲେ । ପୁଣି ଛିଡା ହୋଇଗଲେ ଓ ଇହୁଦୀ ସହିତ ଆଉଥରେ କଥାବାର୍ତ୍ତା ହେଲେ । କିନ୍ତୁ ସେ ତଥାପି ମାନିଲା ନାହିଁ । ଏହାପରେ ମହାଭାଗ ଦ୍ୱିତୀୟ ଥର ବଗିଚାର ପରିକ୍ରମା କଲେ ଓ ମତେ କହିଲେ 'ଜାବିର୍ ! ତୁମେ ଖଜୁରୀର ଫଳ ତୋଳିବା ଆରମ୍ଭ କର ଏବଂ ଇହୁଦୀର ଋଣ ପରିଶୋଧ କର ।' ତହୁଁ ମୁଁ ଫଳ ତୋଳିବାକୁ ଲାଗିଲି ଓ ସେହି ସମୟରେ ମହାଭାଗ ଖଜୁର ଗଛ ମଧ୍ୟରେ ଛିଡାହୋଇ ରହିଲେ । ଏପରି ସମୟ ଆସିଲା ଯେତେବେଳେ ମୁଁ ଫଳ ଏକାଠି କରି ଇହୁଦୀର ସମସ୍ତ ଋଣ ଶୁଝି ଦେଲି । ଶେଷରେ କିଛି ଖଜୁର ମଧ୍ୟ ବଳକା ରହିଗଲା । ମୁଁ ମହାଭାଗଙ୍କ ସେବାରେ ଏହି ସୁସମାଚାର ଦେବାରୁ ମହାଭାଗ କହିଲେ 'ମୁଁ ସାକ୍ଷ୍ୟ ଦେଉଅଛି ଯେ ମୁଁ ଅଲ୍ଲାଃଙ୍କ ରସୁଲ ।' **(ସହି ବୁଖାରି, କିତାବୁଲ ଅତାମା, ହଦିସ ନଂ ୫୪୪୩)**

ହଜରତ ଜାବିର୍[ରଅ]ଙ୍କ ସହିତ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରେମ ଓ ସହାନଭୁତିର ଅନ୍ୟ ଏକ ଘଟଣା ଉଲ୍ଲେଖ କରାଯାଉଛି । ସେ ସ୍ୱୟଂ ବର୍ଣ୍ଣନା କରୁଛନ୍ତି ଯେ ମୁଁ ଏକ ଯୁଦ୍ଧରେ ରସୁଲୁଲ୍ଲାଙ୍କ ସହିତ ଥିଲି । ହଜୁର ମୋ ନିକଟକୁ ଆସିଲେ ଓ କହିଲେ 'ତୁମ ଓଟର କଣ ହୋଇଛି ଯେ ସେ ଚାଲିପାରୁ ନାହିଁ ?' ମୁଁ କହିଲି 'ହଜୁର ଏହା ଚାଲିବାକୁ ଅକ୍ଷମ ହୋଇଗଲାଣି ।' ମହାଭାଗ ସେହି ଓଟକୁ ହାଁକିବାକୁ ଲାଗିଲେ ଓ ତତ ସଙ୍ଗେ ସଙ୍ଗେ ପ୍ରାର୍ଥନା ମଧ୍ୟ କଲେ । ଆଶ୍ଚାର୍ଯ୍ୟର କଥା, ସେହି ଓଟ କ୍ଷୀପ୍ର ଗତିରେ ଚାଲିବାକୁ ଲାଗିଲା । ଏହା ପରେ ମହାଭାଗ କହିଲେ 'ଏଥର ଦେଖ ତୁମ ଓଟ କିପରି ହୋଇଗଲା ।' ମୁଁ କହିଲି 'ଏହି ଚମତ୍କାର ଆପଣଙ୍କ ପ୍ରାର୍ଥନାର ଫଳ ।' ତହୁଁ ମହାଭାଗ କହିଲେ

*ଅବଶିଷ୍ଟାଂଶ ପୃଷ୍ଠା- ୧୬ ରେ ଦେଖନ୍ତୁ......*

# ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହତ୍ୱପୂର୍ଣ୍ଣ ଭୂମିକା ଓ ପଦମର୍ଯ୍ୟାଦା ପବିତ୍ର କୁର୍‌ଆନ୍ ତଥା ଆହାଦିସ୍ ର ଆଧାରରେ

### ଆପଣ ସ:ଆ:ସଙ୍କ ବୟତ ହେଉଛି ଅଲ୍ଲାଃଙ୍କର ବୟତ

إِنَّ الَّذِيْنَ يُبَايِعُوْنَكَ إِنَّمَا يُبَايِعُوْنَ اللّٰهَ ۚ يَدُ اللّٰهِ فَوْقَ أَيْدِيْهِمْ (الفتح:11)

ଅନୁବାଦ: ଯେଉଁ ଲୋକମାନେ ତୁମର ବୟତ କରୁଛନ୍ତି, ବାସ୍ତବ ପକ୍ଷେ ସେମାନେ ଅଲ୍ଲାଃଙ୍କର ବୟତ କରୁଛନ୍ତି । ଅଲ୍ଲାଃଙ୍କ ହାତ ସେମାନଙ୍କ ହାତରେ ରହିଛି । (ଅଲ୍‌ଫତହ୍:୧୧)

### ଆପଣ ସ:ଆ:ସଙ୍କର କାର୍ଯ୍ୟ ହେଉଛି ଖୁଦାଙ୍କ କାର୍ଯ୍ୟ

وَمَا رَمَيْتَ إِذْ رَمَيْتَ وَلٰكِنَّ اللّٰهَ رَمٰى ۚ وَلِيُبْلِيَ الْمُؤْمِنِيْنَ مِنْهُ بَلَاءً حَسَنًا ۚ إِنَّ اللّٰهَ سَمِيْعٌ عَلِيْمٌ (انفال:18)

ଅନୁବାଦ: ଏବଂ (ହେ ମୁହମ୍ମଦ) ଯେତେବେଳେ ତୁମେ (ସେମାନଙ୍କ ଆଡ଼କୁ ଗୋଡ଼ି) ନିକ୍ଷେପ କରିଥିଲ, ତାହା ତୁମେ ନିକ୍ଷେପ କରି ନଥିଲ ବରଂ ଅଲ୍ଲାଃ ନିକ୍ଷେପ କରିଥିଲେ; ଫଳରେ ଏହାଦ୍ୱାରା ଅଲ୍ଲାଃ ବିଶ୍ୱାସକାରୀମାନଙ୍କୁ ଅନୁଗ୍ରହ ପୂର୍ବକ ପରୀକ୍ଷା କଲେ; ବାସ୍ତବରେ ଅଲ୍ଲାଃ ହିଁ ମହାନ ଶ୍ରୋତା (ଓ) ସର୍ବଜ୍ଞ । (ଅନ୍‌ଫାଲ୍: ୧୮)

### ଆପଣ ସ:ଆ:ସଙ୍କ ଆଜ୍ଞାପାଳନ କରିବା ହେଉଛି ଅଲ୍ଲାଃଙ୍କ ଆଜ୍ଞା ପାଳନ କରିବା

مَنْ يُّطِعِ الرَّسُوْلَ فَقَدْ أَطَاعَ اللّٰهَ ۚ وَمَنْ تَوَلّٰى فَمَآ أَرْسَلْنٰكَ عَلَيْهِمْ حَفِيْظًا (النساء:81)

ଅନୁବାଦ: ଯେ କେହି ରସୁଲଙ୍କର ଆଜ୍ଞାପାନଳ କରେ, (ତେବେ ଜାଣିରଖ ଯେ) ସେ ଅଲ୍ଲାଃଙ୍କର ଆଜ୍ଞା ପାଳନ କରେ; ଏବଂ ଯେଉଁ ଲୋକମାନେ ବିମୁଖ ହୁଅନ୍ତି ତେବେ (ମନେରଖ ଯେ) ଆମ୍ଭେ ତୁମକୁ ସେମୋନଙ୍କର ତତ୍ୱାବଧାରକ ରୂପେ ପ୍ରେରଣ କରିନାହୁଁ । (ଅଲ୍‌ନିସାଆ: ୮୧)

### ଆପଣ ସ:ଆ:ସଙ୍କ କାବା କୌସୈନ୍ (ଅର୍ଥାତ ଦୁଇଟି ଧନୁର ମିଳିତ ଗୁଣ) ରୂପକ ପଦମର୍ଯ୍ୟାଦା

فَكَانَ قَابَ قَوْسَيْنِ أَوْ أَدْنٰى (النجم:10)

ଅନୁବାଦ: ଏବଂ ସେ ଦୁହେଁ (ଅର୍ଥାତ ଅଲ୍ଲାଃ ଓ ହଜ୍‌ରତ୍ ମୁହମ୍ମଦ) ଦୁଇଗୋଟି ଧନୁର ମିଳିତ ଗୁଣ ଆକାରରେ ପରିବର୍ତିତ ହୋଇଗଲେ, ଏବଂ କ୍ରମଶଃ ଏହାଠାରୁ ଆହୁରି ଅଧିକ ନିକଟବର୍ତୀ ହୋଇଗଲେ । (ଅଲ୍‌ନଜମ୍: ୧୦)

### ଆପାଦ ମସ୍ତକ ଜ୍ୟୋତିରେ ପରିପୂର୍ଣ୍ଣ

يٰٓأَيُّهَا النَّاسُ قَدْ جَآءَكُمْ بُرْهَانٌ مِّنْ رَّبِّكُمْ وَأَنْزَلْنَآ إِلَيْكُمْ نُوْرًا مُّبِيْنًا (النساء:175)

ଅନୁବାଦ: ହେ ଲୋକମାନେ ! ତୁମମାନଙ୍କ ନିକଟକୁ ତୁମମାନଙ୍କ ପାଳନକର୍ତାଙ୍କ ତରଫରୁ ଏକ ପ୍ରକାଶ୍ୟ ପ୍ରମାଣ ଆସିଅଛି ଏବଂ ଆମ୍ଭେ ତୁମମାନଙ୍କ ପ୍ରତି (ଅତି) ଉଜ୍ଜ୍ୱଳ ଜ୍ୟୋତି ଅବତୀର୍ଣ୍ଣ କରିଅଛୁ । (ଅଲ୍‌ନିସା:୧୭୫)

يٰٓأَهْلَ الْكِتٰبِ قَدْ جَآءَكُمْ رَسُوْلُنَا يُبَيِّنُ لَكُمْ كَثِيْرًا مِّمَّا كُنْتُمْ تُخْفُوْنَ مِنَ الْكِتٰبِ وَيَعْفُوْا عَنْ كَثِيْرٍ ۚ قَدْ جَآءَكُمْ مِّنَ اللّٰهِ نُوْرٌ وَّكِتٰبٌ مُّبِيْنٌ (المائدہ:16)

ଅନୁବାଦ: ହେ ଗ୍ରନ୍ଥାଧାରୀମାନେ ! ଆମ୍ଭର ରସୁଲ ତୁମମାନଙ୍କ ନିକଟରୁ ଆସିଛନ୍ତି; ତୁମେମାନେ (ଧର୍ମ) ଗ୍ରନ୍ଥ ମଧ୍ୟରୁ ଯାହା ଗୋପନ କରୁଥିଲ ତହିଁରୁ ଅନେକ (ଅଂଶ) ସେ ତୁମମାନଙ୍କ ନିକଟରେ ବର୍ଣ୍ଣନା କରୁଛନ୍ତି ଏବଂ ଅନେକ ଦୋଷ କ୍ଷମା କରୁଛନ୍ତି; ବସ୍ତୁତଃ ଅଲ୍ଲାଃଙ୍କ ତରଫରୁ ତୁମମାନଙ୍କ ଲାଗି ଏକ ଜ୍ୟୋତି ଓ ଏକ ଉଜ୍ଜ୍ୱଳ ଗ୍ରନ୍ଥ ଆସିଛି । (ଅଲ୍‌ମାଏଦାଃ:୧୬) ।

### ଅଲ୍ଲାଃଙ୍କ ଜ୍ୟୋତିର ମହାନ ଅନୁରୁପ

نُوْرٌ عَلٰى نُوْرٍ ۚ يَهْدِى اللّٰهُ لِنُوْرِهٖ مَنْ يَّشَآءُ ۚ وَيَضْرِبُ اللّٰهُ الْأَمْثَالَ لِلنَّاسِ ۚ وَاللّٰهُ بِكُلِّ شَىْءٍ عَلِيْمٌ (النور:36)

ଅନୁବାଦ: (ଏହି ପ୍ରଦୀପ) ଅନେକ ଜ୍ୟୋତିର ସମାହାର ଅଟେ; ଅଲ୍ଲାଃ ଯାହାକୁ ଇଚ୍ଛା କରନ୍ତି ତାହାକୁ ନିଜ ଜ୍ୟୋତି ପ୍ରତି ସତ୍‌ମାର୍ଗ ପ୍ରଦର୍ଶିତ କରାନ୍ତି; ଏବଂ ଅଲ୍ଲାଃ ଲୋକମାନଙ୍କ (ସମସ୍ତ ଅତ୍ୟାବଶ୍ୟକ) ବିଷୟମାନ ବର୍ଣ୍ଣନା କରନ୍ତି, ଏବଂ ଅଲ୍ଲାଃ ସବୁ ବିଷୟକୁ ଭଲଭାବରେ ଜାଣନ୍ତି । (ଅଲ୍‌ନୂର:୩୬)

### ଆଁ ହଜ୍‌ରତ୍ ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ ଅତ୍ୟନ୍ତ ସହାନୁଭୁତିଶୀଳ, ନମ୍ର ସ୍ୱଭାବ ସମ୍ପନ୍ନ ଏବଂ ଉଦାରଗୁଣ ସମ୍ପନ୍ନ ଥିଲେ ।

عَنْ أَبِيْ سَعِيْدٍ الْخُدْرِيِّ رَضِيَ اللّٰهُ عَنْهُ أَنَّ رَسُوْلَ اللّٰهِ صَلَّى اللّٰهُ عَلَيْهِ وَسَلَّمَ كَانَ يَعْلِفُ الْبَعِيْرَ وَيُقِيْمُ الْبَيْتَ وَيَخْصِفُ النَّعْلَ وَيَرْقَعُ الثَّوْبَ وَيَحْلِبُ الشَّاةَ وَيَأْكُلُ مَعَ الْخَادِمِ وَيَطْحَنُ مَعَهُ إِذَا أَعْيَا وَكَانَ لَا يَمْنَعُهُ الْحَيَاءُ أَنْ يَحْمِلَ بِضَاعَتَهُ مِنَ السُّوْقِ إِلٰى أَهْلِهٖ وَكَانَ يُصَافِحُ الْغَنِيَّ وَالْفَقِيْرَ وَيُسَلِّمُ مُبْتَدِئًا وَلَا يَحْتَقِرُ مَا دُعِيَ إِلَيْهِ وَلَوْ إِلٰى حَشَفِ التَّمْرِ وَكَانَ هَيِّنَ الْمُؤْنَةِ لَيِّنَ الْخُلُقِ كَرِيْمَ الطَّبِيْعَةِ جَمِيْلَ الْمُعَاشَرَةِ طَلِقَ الْوَجْهِ بَسَّامًا مِنْ غَيْرِ ضَحِكٍ مَحْزُوْنًا مِنْ غَيْرِ عُبُوْسَةٍ مُتَوَاضِعًا مِنْ غَيْرِ مَذَلَّةٍ جَوَّادًا مِنْ غَيْرِ سَرَفٍ رَقِيْقَ الْقَلْبِ رَحِيْمًا بِكُلِّ مُسْلِمٍ لَمْ يَتَجَشَّأْ قَطُّ مِنْ شِبَعٍ وَلَمْ يَمُدَّ يَدَهٗ إِلٰى طَمَعٍ۔

(اسد الغابہ جلد اوّل صفحہ 29، قشیریہ صفحہ 75، الشفاء جلد 1 صفحہ 77، بحوالہ حدیقۃ الصالحین حدیث نمبر 43)

ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରୀ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ(ଙ୍କ ଜୀବନ ବହୁତ ସାଧାସିଧା ଥିଲା । ଆପଣ ସ:ଆ:ସ କୌଣସି କାର୍ଯ୍ୟ କରିବାକୁ ନ୍ୟୁନ ମଣୁନଥିଲେ) ନିଜ ଓଟ ମାନଙ୍କ ପାଇଁ ନିଜେ ଚାରା ଖୁଆଇବାର ବ୍ୟବସ୍ଥା କରୁଥିଲେ । ଘରର କାମ ନିଜେ କରୁଥିଲେ । ନିଜ ଯୋତାର ନିଜେ ହିଁ ମରାମତି କରୁଥିଲେ । ନିଜର କପଡ଼ାକୁ ନିଜେ ରଫୁ କରୁଥିଲେ । ଛେଳି ଦୁହିଁ ନେଉଥିଲେ । ନିଜ ସେବକଙ୍କୁ ନିଜ ସାଥିରେ ବସାଇ ଖାଇବାକୁ ଦେଉଥିଲେ । ସେ ଯଦି ଅଟା ପେଷି ପେଷି ଥକି ଯାଉଥିଲା, ତାକୁ ସାହାଯ୍ୟ କରିଦେଉଥିଲେ । ବଜାରରୁ ନିଜ ଘର ପାଇଁ ସାମାନପତ୍ର ଗୁଡ଼ିକୁ ନିଜେ ଉଠାଇ ଆଣିବାକୁ କୌଣସି ଲଜ୍ୟା ଅନୁଭବ କରୁନଥିଲେ ଧନୀ ଗରିବ ପ୍ରତ୍ୟେକଙ୍କ ସହିତ ହାତ ମିଳାଉଥିଲେ । ପ୍ରଥମେ ସଲାମ କରୁଥିଲେ । ଯଦି କିଏ ତାଙ୍କୁ ମାମୁଲି ଖଜୁରୀ କୋଳି ଖାଇବାକୁ ନିମନ୍ତ୍ରଣ କରୁଥିଲା, ଆପଣ ସ:ଆ:ସ ଏଥିରେ ସଙ୍କୋଚ ନ କରି ସାଦରେ ଗ୍ରହଣ କରୁଥିଲେ । ଆପଣ ସ:ଆ:ସ ଅତ୍ୟନ୍ତ ସହାନୁଭୁତିଶୀଳ, ନମ୍ର ସ୍ୱଭାବସମ୍ପନ୍ନ ଓ ଉଦାର ଚରିତ୍ର ସମ୍ପନ୍ନ ଥିଲେ । ଆପଣ ସ:ଆ:ସଙ୍କ ଜୀବନ ଶୈଳୀ ବହୁତ ସ୍ୱଚ୍ଛ ଥିଲା । ବହୁତ ଉତ୍‌ଫୁଲ୍ ଓ ହର୍ଷ ମନୋଭାବ ପୋଷଣ କରି ମିଶୁଥିଲେ । ଆପଣ ସ:ଆ:ସଙ୍କ ଶ୍ରୀମୁଖରୁ ସର୍ବଦା ହସ ଝଟକୁ ଥିଲା । ଆପଣ ସ:ଆ:ସ ଜୋର୍‌ରେ ଠୋ ଠୋ ହୋଇ ହସୁନଥିଲେ । ଖୁଦାଙ୍କ ଭୟ ଯୋଗୁଁ ଚିନ୍ତିତ ରହୁଥିଲେ । କିନ୍ତୁ ଅପ୍ରସନ୍ନତା ଏବଂ ଶୁଷ୍କତା ଟିକିଏ ମଧ୍ୟ ନଥିଲା । ବିନୟଶୀଳ ଥିଲେ । କିନ୍ତୁ ସେଥିରେ କୌଣସି ଦୃବଳତା, ହତୋତ୍ସାହିତ ପଣର ଛାୟା ମଧ୍ୟ ନଥିଲା । ବଡ଼ ଦାନୀ କିନ୍ତୁ ଅକାରଣ ଖର୍ଚ୍ଚରୁ ସର୍ବଦା ବଂଚୁଥିଲେ । ନମ୍ର ହୃଦୟ ଓ ଦୟାଶୀଳ, ଓ ଅନୁକମ୍ପାଶୀଳ ଥିଲେ । ପ୍ରତ୍ୟେକ ମୁସଲମାନଙ୍କ ସହିତ ଦୟା ଆଚରଣ କରୁଥିଲେ । ଏତେମାତ୍ରାରେ ପେଟ ଭରି ଖାଉନଥିଲେ ଯେ ଡହ୍‌କାରି ଆସିଯିବ । କେବେ ଲୋଭ ଓ ଆଶାରଖି ହାତ ବଢ଼ାଉନଥିଲେ ବରଂ ଧୈର୍ଯ୍ୟବାନ ଓ କୃତଜ୍ଞ ଥିଲେ ଏବଂ ଅଳ୍ପକେ ସନ୍ତୁଷ୍ଟ ରହୁଥିଲେ । ***(ଉସ୍‌ଦୁଲ୍ ଗାବାଃ ଖଣ୍ଡ-୧, ପୃ-୨୯)***

### ଯେବେ ତୁମମାନଙ୍କ ମଧ୍ରୁ କେହି ନମାଜରେ ଦୁଆ କରିବାକୁ ଚାହେଁ ପ୍ରଥମେ ସେ ନିଜ ପାଳନକର୍ତାଙ୍କ ସ୍ତୁତିଗାନ କରୁ ତା'ପରେ ପୁଣି ନବୀ କରିମ୍ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରୁ ।

عَنْ فَضَالَةَ بْنِ عُبَيْدٍ رَضِيَ اللّٰهُ عَنْهُ قَالَ: سَمِعَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ رَجُلًا يَدْعُوْ فِيْ صَلٰوتِهٖ لَمْ يُمَجِّدِ اللّٰهَ تَعَالٰى. وَلَمْ يُصَلِّ عَلَى النَّبِيِّ صَلَّى اللّٰهُ عَلَيْهِ وَسَلَّمَ فَقَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ: عَجِلَ هٰذَا ثُمَّ دَعَاهُ فَقَالَ لَهٗ. أَوْ لِغَيْرِهٖ. إِذَا صَلّٰى أَحَدُكُمْ فَلْيَبْدَأْ بِتَحْمِيْدِ رَبِّهٖ سُبْحَانَهٗ وَالثَّنَاءِ عَلَيْهِ ثُمَّ يُصَلِّيْ عَلَى النَّبِيِّ صَلَّى اللّٰهُ عَلَيْهِ وَسَلَّمَ ثُمَّ يَدْعُوْ بَعْدُ بِمَا شَآءَ۔ (ابوداؤد کتاب الصلوٰۃ باب الدعا)

ହଜ୍‌ରତ୍ ଫଜାଲା ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ ଜଣେ ଲୋକକୁ ନମାଜରେ ଏପରି ଦୁଆ କରିବାର ଶୁଣିଲେ ଯେ ନା' ତ ସେ ଅଲ୍ଲାଃଙ୍କର ସ୍ତୁତିଗାନ କରୁଥିଲା ଓ ନା ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପେର ଦରୁଦ୍ ପ୍ରେରଣ କରୁଥିଲା । ଏହା ଦେଖି ଆପଣ ସ:ଆ:ସ କହିଲେ: ସେ ଏଥିରେ ଶିଘ୍ର କରିଦେଇଛି ଓ ସଠିକ୍ ରୂପେ ଦୁଆ (ପ୍ରାର୍ଥନା) କରିନାହିଁ । ଆପଣ ସ:ଆ:ସ ସେହି ଲୋକଟିକୁ ଡ଼ାକିଲେ ଓ କହିଲେ ଯେବେ ତୁମମାନଙ୍କ ମଧ୍ୟରୁ ଜଣେ ନମାଜରେ ଦୁଆ କରିବାକୁ ଲାଗେ, ସେ ପ୍ରଥମେ ନିଜ ପାଳନକର୍ତାଙ୍କର ସ୍ତୁତିଗାନ କରୁ ପୁଣି ନବୀ କରିମ୍ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରୁ । ତା'ପରେ ତା ଇଚ୍ଛା ଅନୁସାରେ ଦୂଆ କରୁ ।

***(ଅବୁ ଦାଉଦ୍ କିତାବୁସ୍ ସଲାତ୍ ବାବୁଦ୍ ଦୁଆ)***

**ହଜ୍‌ରତ୍ ମୁହମ୍ମଦ ସ:ଆ:ସ ନିଜର ପବିତ୍ର ଆତ୍ମା, ପ୍ରଶସ୍ତ ହୃଦୟ, ଲଜ୍ଜାଶୀଳତା, ସାଧୁତା, ଭରଷା ଓ ବିଶ୍ୱସ୍ତତା ଏବଂ ଇଶ୍ୱର ପ୍ରେମରେ ପ୍ରତ୍ୟେକ କ୍ଷେତ୍ରରୁ ସମସ୍ତ ଆବତାରଙ୍କଠାରୁ ଶ୍ରେଷ୍ଠତମ, ଉଚ୍ଚତମ, ଉଚ୍ଚ ମର୍ଯ୍ୟାଦା ସର୍ମ୍ପନ୍ନ ତଥା ଅଲୌକିକ ପ୍ରତିଭାଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ।**

# ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାଣୀ

### ଉଚ୍ଚସ୍ତରର ସ୍ୱଚ୍ଛ ହୃଦୟଧାରୀ

ହଜ୍‌ରତ୍ ଖାତମୁଲ୍ ଅମ୍ବିୟା (ଶ୍ରେଷ୍ଠ ଅବତାର) ସ:ଆ:ସଙ୍କ ଜୀବନ ଚରିତମୂଳକ ଘଟଣାବଳୀ ଉପରେ ଦୃଷ୍ଟି ନିକ୍ଷେପ କଲେ ଏହା ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ ହୋଇଯାଉଅଛି ଯେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଜଣେ ଉଚ୍ଚସ୍ତରର ସ୍ୱଚ୍ଛ ହୃଦୟଧାରୀ, ନିର୍ଭିକ ପ୍ରଭୁଭକ୍ତ ତଥା ସଂସାର ପ୍ରତି ସମ୍ପୂର୍ଣ୍ଣ ବୈରାଗ୍ୟ ଥିଲେ । ସେ ନିଛକ ଭାବେ ଇଶ୍ୱରଙ୍କ ପ୍ରତି ଭରଷା ରଖିଥିଲେ ଏବଂ ଇଶ୍ୱରଙ୍କ ଇଚ୍ଛାରେ ବଶୀଭୁତ ଓ ଲୀନ ହୋଇ ଏକଥାକୁ କେବେବି ଭ୍ରୁକ୍ଷେପ କରୁନଥିଲେ ଯେ ଏକେଶ୍ୱରବାଦର ଘୋଷଣା କରିବା ଦ୍ୱାରା କି କି ପ୍ରକାରର ବିପତିର ମୁଁ ସମ୍ମୁଖିନ ହେବି ଏବଂ ଅନେକେଶ୍ୱରବାଦୀମାନଙ୍କ ଦ୍ୱାରା ମୁଁ କି ପ୍ରକାରର ଦୁଃଖ ଓ ଯନ୍ତ୍ରଣା ଭୋଗ କରିବି । ବରଂ ସମସ୍ତ ପ୍ରକାରର କଠୋର ଯନ୍ତ୍ରଣା, କଷ୍ଟକର ପରିସ୍ଥିତି ଓ ନିଷ୍ଠୁରତାକୁ ସହ୍ୟ କରି ନିଜ ପ୍ରଭୁଙ୍କ ନିର୍ଦ୍ଦେଶକୁ ପାଳନ କରୁଥିଲେ । ଯେଉଁ ସବୁ ସର୍ତାବଳୀମାନ ନିତି ଉପଦେଶ ଓ ନିର୍ଦ୍ଦେଶାବଳୀକୁ ପାଳନ କରିବା ପାଇଁ ରହିଛି ତାହା ସବୁକୁ ପୂରଣ କଲେ ଏବଂ କୌଣସି ଆତଙ୍କ ସୃଷ୍ଟିକାରୀ ଲୋକମାନଙ୍କ ଭୟକୁ ଖାତିର୍ କଲେ ନାହିଁ । ଆମେ ସତ୍ୟ କହୁଅଛୁ ଯେ ସମସ୍ତ ଅବତାରମାନଙ୍କ ଜୀବନଚରିତକୁ ମୁହମ୍ମଦ ସ:ଆ:ସଙ୍କ ଜୀବନ ଚରିତ ସହିତ ତୂଳନା କଲେ ଏହା ଜଣାପଡୁଛି ଯେ ଏପରି ବିପଦ ସଂକୁଳ ପରିସ୍ଥିତିରେ ରହି ମଧ୍ୟ ଇଶ୍ୱରଙ୍କ ଉପରେ ଏପରି ଭରଷା କରିବା ତଥା ସ୍ପଷ୍ଟଭାବରେ ଅନେକେଶ୍ୱର ଉପାସନା ଏବଂ ବହୁ ଦେବାଦେବିଙ୍କ ପୂଜାରୁ ବାରଣ କରିବା, ସେହିପରି ଏତେମାତ୍ରାରେ ଶତୃଥାଇ ମଧ୍ୟ ଏପରି ଦୃଢ଼ତା ଓ ଧୈର୍ଯ୍ୟ ପ୍ରଦର୍ଶନକାରୀ ଜଣେ ମଧ୍ୟ ନାହାନ୍ତି । ତେଣୁ ଟିକିଏ ନିରପେକ୍ଷ ହୋଇ ଚିନ୍ତା କରିବା ଉଚିତ ଯେ ଏସବୁ ପରିସ୍ଥିତି କିଭଳି ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଅନ୍ତର୍ନିହିତ ସତ୍ୟତାର ପ୍ରମାଣ ଦେଉଅଛି । ଏତଦ୍‌ବ୍ୟତିତ ଯଦି ଜଣେ ବୁଦ୍ଧିମାନ ବ୍ୟକ୍ତି ଏ ବିଷୟରେ ଅଧିକା ଚିନ୍ତା କରେ ସେ ଜାଣିପାରିବ ଯେ ସେହି ଯୁଗରେ ଯେତେବେଳେ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଆବିର୍ଭୁତ ହେଲେ, ପ୍ରକୃତରେ ତାହା ଏପରି ଯୁଗଥିଲା ସେଥିରେ ଜଣେ ଯୁଗ ଶିଦ୍ଧ ପୁରୁଷ ତଥା ଜଣେ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଐଶି ସୁଧାରକ ଓ ପଥପ୍ରଦର୍ଶକଙ୍କର ଅତ୍ୟନ୍ତ ପ୍ରୟୋଜନ ଥିଲା । ତାଙ୍କ ଦ୍ୱାରା ଯେଉଁ ସବୁ ଶିକ୍ଷା ପ୍ରଦାନ କରାଯାଇଥିଲା ତାହା ମଧ୍ୟ ବାସ୍ତବରେ ଏପରି ସତ୍ୟ ଉପରେ ଆଧାରିତ ଥିଲା, ଯାହା ଅତି ଜରୁରୀ ଥିଲା । ତାହା ସକଳ ବିଷୟର ସମାହାର ଥିଲା ଯାହା ଚଳିତ ଯୁଗର ସମସ୍ତ ଆବଶ୍ୟକତାକୁ ପୂରଣ କରୁଥିଲା । ସେହି ଶିକ୍ଷା ଏପରି ପ୍ରଭାବ ପକାଇଲା ଯେ ଲକ୍ଷ ଲକ୍ଷ ହୃଦୟକୁ ସତ୍‌ପଥ ପ୍ରତି ଆକର୍ଷିତ କରି ଟାଣିଆଣିଲା ଏବଂ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟ ଉପରେ **ଲା ଇଲାହା ଇଲ୍ଲଲ୍ଲାହୁ** କୁ ଅଙ୍କିତ କରିଦେଲା । ସେହିପରି ମୋକ୍ଷପ୍ରାପ୍ତ କରିବାର ଶିକ୍ଷା ଯାହା ହେଉଛି ଅବତାରତ୍ୱର ଚରମ ଉଦ୍ଦେଶ୍ୟ, ତାହାକୁ ଏପରି ଶୀର୍ଷ ସ୍ଥାନରେ ପହଂଚାଇ ଦେଲା ଯାହା କୌଣସି ମଧ୍ୟ ନବୀଙ୍କ ଦ୍ୱାରା କୌଣସି ଯୁଗରେ ପହଂଚିନଥିଲା । ଅତଏବ୍ ଏହି ଘଟଣାବଳୀଗୁଡ଼ିକ ଅନୁଧ୍ୟାନ କଲେ ସ୍ୱତଃପ୍ରୃତଃ ଭାବେ ହୃଦୟ ଭିତରୁ ଏହି ସାକ୍ଷ୍ୟ ପ୍ରବଳ ଆବେଗର ସହିତ ବହିପଡ଼େ ଯଦ୍ୱାରା ଏହା ସତ୍ୟ ପ୍ରମାଣିତ ହୁଏ ଯେ ହଜ୍‌ରତ୍ ମୁହମ୍ମଦ ନିଶ୍ଚିତ ରୂପେ ହେଉଛନ୍ତି ଇଶ୍ୱର ପ୍ରେରିତ ସତ୍ୟ ମାର୍ଗଦର୍ଶକ । ଯେଉଁ ବ୍ୟକ୍ତି ବିଦ୍ୱେଷଭାବ ପୋଷଣ କରି ତଥା ଜିଦ୍‌ଖୋର ମନୋଭାବ ଦେଖାଇ ତାକୁ ଅସ୍ୱୀକାର କରୁଅଛି ତା' ବ୍ୟାଧିର କୌଣସି ଉପଚାର ନାହିଁ । ସେ ଅଲ୍ଲାଃଙ୍କୁ ଅସ୍ୱୀକାର କରିବାକୁ ପଛାଇବ ନାହିଁ । ଅନ୍ୟଥା ଯେଉଁ ସମସ୍ତ ସତ୍ୟତାର ଲକ୍ଷଣମାନ ମୁହମ୍ମଦ ସ:ଆ:ସଙ୍କଠାରେ ସମ୍ପୁର୍ଣ୍ଣରୂପେ ଠୂଳ ହୋଇଅଛି, ତାହା ଅନ୍ୟ କୌଣସି ନବିଙ୍କଠାରେ ପ୍ରମାଣ କରି ତ ଦେଖାଇ ଦିଅ ଫଳତ ଆମେ ମଧ୍ୟ ଜାଣିବୁ ।

***(ବରାହିନେ ଅହମଦୀୟା, ରୁହାନି ଖଜାଇନ୍ ଖଣ୍ଡ-୧, ପୃ-୧୧୧)***

### ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ବିଶାଳ ବକ୍ଷ ଓ ହୃଦୟ ଆଗପଛ ସମସ୍ତ ବକ୍ଷ ଓ ହୃଦୟଧାରୀଙ୍କଠାରୁ ଅଧିକ ଉଦାର, ଅଧିକ ପବିତ୍ର, ଅଧିକ ନିରୀହ ଓ ଅଧିକ ଦିପ୍ତିମୟ ଥିଲା ।

ହଜରତ୍ ମୁହମ୍ମଦ ସ:ଆ:ସ ନିଜର ପବିତ୍ର ଆତ୍ମା, ପ୍ରଶସ୍ତ ହୃଦୟ, ଲଜ୍ଜାଶୀଳତା, ସାଧୁତା, ଭରଷା ଓ ବିଶ୍ୱସ୍ତ ତଥା ଇଶ୍ୱର ପ୍ରେମ ସମସ୍ତ ଦୀଗରେ ସବୁ ଅବତାରଙ୍କଠାରୁ ଶ୍ରେଷ୍ଠତମ, ଉଚ୍ଚତମ ତଥା ଉଚ୍ଚ ମର୍ଯ୍ୟାଦା ସମ୍ପନ୍ନ ଏବଂ ଆଲୌକିକ ପ୍ରତିଭାଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେଥିପାଇଁ ଅଲ୍ଲାଃ ପରମବ୍ରହ୍ମ ତାଙ୍କୁ ଉତମ ବୈଶିଷ୍ଟ୍ୟଯୁକ୍ତ ସୁବାସ ଦ୍ୱାରା ସମସ୍ତଙ୍କଠାରୁ ଅଧିକ ସୁବାସିତ କଲେ । ସେ ଏପରି ବିଶାଳ ବକ୍ଷ ଓ ହୃଦୟ ପ୍ରାପ୍ତ କରିଥିଲେ ଯାହା ଆଗପଛ ସମସ୍ତ ବକ୍ଷ ଓ ହୃଦୟଧାରୀଙ୍କଠାରୁ ଅଧିକ ଉଦାର, ଅଧିକ ପବିତ୍ର, ଅଧିକ ନିରୀହ ତଥା ଅଧିକ ପ୍ରକାଶମୟ ଥିଲା । ତାହା ଏପରି ଯୋଗ୍ୟ ବିବେଚିତ ହେଲା ଯେ ତାହା ଉପରେ ଐଶିବାଣୀ ପ୍ରକଟିତ ହେଉ ଏବଂ ଆଗପଛ ସମସ୍ତଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଐଶିବାଣୀଠାରୁ ଶକ୍ତିଶାଳୀ, ପୂର୍ଣ୍ଣତାପ୍ରାପ୍ତ, ଉଚ୍ଚତମ ଓ ଚୁଡ଼ାନ୍ତ ହେବା ସଙ୍ଗେ ସଙ୍ଗେ ଐଶିଗୁଣାବଳୀକୁ ପ୍ରଦର୍ଶିତ କରିବାପାଇଁ ଏକ ଅତ୍ୟନ୍ତ ସ୍ୱଚ୍ଛ, ପ୍ରଶସ୍ତ ତଥା ବ୍ୟାପକ ଦର୍ପଣ ହୋଇଯାଉ । ସୁତରାଂ ଏହା ହିଁ ତାହାର କାରଣ ଯେ ପବିତ୍ର କୁର୍‌ଆନ୍ ଏପରି ଉଚ୍ଚକୋଟିର ବିଶେଷଗୁଣ ବହନ କରିଅଛି ଯେ ତାହାର ତେଜସ୍ୱୀୟ ରଶ୍ମୀ ଏବଂ ପ୍ରଖର କୀରଣ ସମ୍ମୁଖରେ ସମସ୍ତ ପୂର୍ବତନ ଧର୍ମଗ୍ରନ୍ଥର ଚମକ ମଳିନ ପଡ଼ିଯାଇଛି

***(ସୁର୍‌ମାଃ ଚଶ୍‌ମେ ଆର୍‌ୟା, ରୁହାନୀ ଖଜାଇନ୍, ଖଣ୍ଡ-୨, ପୃ-୭୧, ହାଶିୟା)***

### ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଶାଶ୍ୱତ ଜୀବନର ଏକ ଦୃଢ଼ ପ୍ରମାଣ

ହଜରତ ମୁହମ୍ମଦ ସ:ଆ:ସଙ୍କ ଶାଶ୍ୱତ ଜୀବନର ଏହା ଏକ ବଡ଼ ପ୍ରମାଣ ଯେ ହଜରତ ପ୍ରଶଂସିତ (ମୁହମ୍ମଦ ସ:ଆ:ସ)ଙ୍କ ଶାଶ୍ୱତ ବୈଭବ ନିରନ୍ତର ଅବ୍ୟାହତ ରହିଛି । ଯେଉଁ ବ୍ୟକ୍ତି ଏ ଯୁଗରେ ମଧ୍ୟ ହଜରତ ମୁହମ୍ମଦ ସ:ଆ:ସଙ୍କୁ ଅନୁସରଣ କରିଥାଏ ତାଙ୍କ ନିଶ୍ଚିତ ରୂପେ (ଏହି ଭୌତିକ ଏ ସାଂସାରିକ) କବର ମଧ୍ୟରୁ ବାହାର କରାଯାଇ ଏକ ଆଧ୍ୟାତ୍ମିକ ଜୀବନ ପ୍ରଦାନ କରାଯାଇଥାଏ । ନା କେବଳ ମନଗଢ଼ା ଭାବେ ବରଂ ସଚ୍ଚା ଓ ସଠିକ ଲକ୍ଷଣମାନ ତା ଦ୍ୱାରା ପ୍ରକାଶ ହୋଇଥାଏ । ଆକାଶୀୟ ସାହାଯ୍ୟ, ସ୍ୱର୍ଗୀୟ ବୈଭବମାନ ତଥା ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା)ର ଇଶ୍ୱରୀୟ ସାହାଯ୍ୟ ତାକୁ ପ୍ରାପ୍ତ ହୋଇଥାଏ । ସେ ସାରା ପୃଥିବୀର ଲୋକମାନଙ୍କ ମଧ୍ୟରେ ଜଣେ ସ୍ୱତନ୍ତ୍ର ବ୍ୟକ୍ତି ରୂପେ ପରିଗଣିତ ହୁଏ । ଏପରିକି ଇଶ୍ୱର ତା ସହିତ ବାର୍ତାଳାପ କରିଥାନ୍ତି ଓ ନିଜର ବିଶେଷ ଗୁଣକୁ ତା' ଉପରେ ପ୍ରକାଶ କରିଥାଏ, ନିଜର ଭେଦ ଓ ତତ୍ୱଜ୍ଞାନକୁ ଖୋଲି ସ୍ପଷ୍ଟ କରିଥାଏ ଏବଂ ନିଜର ପ୍ରେମ ଓ ଅନୁକମ୍ପାର ଚମକପ୍ରଦ ନିଦର୍ଶନମାନ ତା'ଠାରେ ପ୍ରକଟ କରିଦିଏ । ନିଜର ସହାୟତା ତାକୁ ପ୍ରଦାନ କରିବା ସଙ୍ଗେ ସଙ୍ଗେ ତା'ଉପରେ କଲ୍ୟାଣ କରିଥାଏ ତଥା ତାକୁ ନିଜ ଇଶ୍ୱରତ୍ୱର ଆଇନା ବନାଇଦିଏ । ତା ମୂଖରୁ ବୁଦ୍ଧିମତା ଜାରି ହୋଇଥାଏ ଏବଂ ତା ହୃଦୟରୁ ଅଦ୍ଭୁତ ମାର୍ମିକ ବାଣୀର ସ୍ରୋତ ବାହାରିଥାଏ ତଥା ତା ଉପରେ ଗୁପ୍ତ ରହସ୍ୟକୁ ଖୋଲି ଦିଆଯାଏ । ଇଶ୍ୱର ତାକୁ ଏକ ମହାନ ଦିବ୍ୟାଲୋକ ପ୍ରଦାନ କରିଥାନ୍ତି ଓ ତା'ର ଅତି ନିକଟତର ହୋଇଥାନ୍ତି । ତା' ପ୍ରାର୍ଥନାର ଉତର ପାଇବାରେ, ନିଜେ ଇଶ୍ୱରଙ୍କ ନିକଟରେ ଗ୍ରହଣୀୟ ହେବାରେ, ତତ୍ୱଜ୍ଞାନର ଦରଜା ତା ପାଇଁ ଖୋଲାଯିବାରେ, ଅଦୃଶ୍ୟ ଭେଦ ଉନ୍ମୋଚନ ହେବାରେ ତଥା ଇଶ୍ୱରୀୟ ବୈଭବ ଅବତୀର୍ଣ୍ଣ ହେବାରେ ସେ ସମସ୍ତଙ୍କଠାରୁ ଉପରେ ରହି ସମସ୍ତଙ୍କ ଉପରେ ବିଜୟ ପ୍ରାପ୍ତ କରିଥାଏ ।

***(ଆଇନାଏ କମାଲାତେ ଇସ୍‌ଲାମ୍, ରୁହାନି ଖଜାଇନ, ଖଣ୍ଡ-୫, ପୃ-୨୨୧)***

### ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଉଚ୍ଚକୋଟିର ମହିମା ଓ ସ୍ଥାନ

ଆମ ପ୍ରୀୟ ନବି ସ:ଆ:ସ ସତ୍ୟକୁ ପ୍ରକାଶ କରିବା କ୍ଷେତ୍ରରେ ଜଣେ ମହାନ ସଂସ୍କାରକ ଥିଲେ ଯେ କି ଲୁକ୍କାୟିତ ସତ୍ୟତାକୁ ପୂନର୍ବାର ପୃଥିବୀ ପୃଷ୍ଠକୁ ଘେନି ଆସିଲେ । ଏହି ଗାରିମାରେ ଅମ ନବୀ ସ:ଅଙ୍କ ସହିତ କୌଣସି ମଧ୍ୟ ଅବତାର ସମକକ୍ଷ ନୁହନ୍ତି । ଯେହେତୁ ମହାଭାଗ ସମଗ୍ର ଜଗତକୁ ଅନ୍ଧକାରଚ୍ଛନ୍ନ ଅବସ୍ଥାରେ ପାଇଲେ ଏବଂ ତାଙ୍କ ଆବିର୍ଭାବ ହେବାପରେ ସେହି ଅନ୍ଧକାରଚ୍ଛନ୍ନ ଅବସ୍ଥା ଜ୍ୟୋତିର୍ମୟ ଆଲୋକରେ ପରିବର୍ତିତ ହୋଇଗଲା । ଯେଉଁ ଜାତିରେ ମହାଭାଗ ଜନ୍ମଗ୍ରହଣ କରିଥିଲେ ସେହି ସମଗ୍ର ଜାତିର ପ୍ରଚଳିତ ହୋଇଆସୁଥିବା ଅନେକେଶ୍ୱର ଉପାସନାର ଖୋଳପା ଛଡ଼ାଇ ଏକେଶ୍ୱରବାଦର ପୋଷାକ ନ ପିନ୍ଧାଇବା ପର୍ଯ୍ୟନ୍ତ ଶେଷ ନିଶ୍ୱାସ ତ୍ୟାଗ କଲେ ନାହିଁ । କେବଳ ଏତିକି ନୁହେଁ ବରଂ ସେହି ଲୋକମାନେ ବିଶ୍ୱାସର ଉଚ୍ଚସ୍ତରୀୟ ସୋପାନରେ ପହଂଚିଗଲେ । ସେମାନଙ୍କଠାରେ ସେହି କାର୍ଯ୍ୟ ସତ୍ୟ, ନିଷ୍ଠା ଏବଂ ଆସ୍ଥା ସହିତ ଏପରି ପ୍ରକଟିତ ହେଲା । ଯେ ଯାହାର ଦୃଷ୍ଟାନ୍ତ ଏ ପୃଥିବୀରେ ଦେଖିବାକୁ ମିଳେନାହିଁ । ହଜ୍‌ରତ୍ ମୁହମ୍ମଦ ସ:ଅଙ୍କ ଅତିରିକ୍ତ ଅନ୍ୟ କୌଣସି ନବୀଙ୍କଠାରେ ଏପରି ସଫଳତା ଏବଂ ଏହାଠାରୁ ବଳି ଅପାର ସଫଳତା ଅନ୍ୟ ନବୀମାନଙ୍କ ସୌଭାଗ୍ୟରେ ନାହିଁ । ଏହା ହିଁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପାଇଁ ଏକ ବଳିଷ୍ଠ ପ୍ରମାଣ ଯେ ମହାଭାଗ ଏପରି ଯୁଗରେ ଆବିର୍ଭୁତ

*ଅବଶିଷ୍ଟାଂଶ ପୃଷ୍ଠା- ୨୦ ରେ ଦେଖନ୍ତୁ......*

# ପୃଥିବୀର ଉନ୍ନତି ନିମନ୍ତେ ଆଜି ଯାହାର ଆବଶ୍ୟକତା ରହିଛି, ତାହା ହେଉଛି ଇସ୍‌ଲାମୀୟ ଶିକ୍ଷା ।

**ପୃଥିବୀବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସହିତ ପରିଚିତ କରାଇବାକୁ ପ୍ରତ୍ୟେକ ଅହେମଦୀଙ୍କୁ ନିଜ ନିଜର ଭୂମିକା ନିର୍ବାହ କରିବାର ଆବଶ୍ୟକ ଅଛି ।**

**ନବୀ କରିମ୍ ସ:ଆ:ସଙ୍କ ପବିତ୍ର ଆଦର୍ଶରୁ ଇସ୍‌ଲାମ୍‌ର ଅସଲ ଶିକ୍ଷା ସମ୍ବନ୍ଧରେ ବର୍ଣ୍ଣନା ଯମାତ୍ ଅହେମଦୀୟାକୁ ହଜୁର ସ:ଆ:ସଙ୍କ ପବିତ୍ର ଜୀବନ ଚରିତ ଉପରେ ପରିଚାଳିତ ହୋଇ ଦୁନିଆରେ ଇସ୍‌ଲାମ୍‌ର ଅସଲ ଚେହେରାକୁ ଉପସ୍ଥାପନ କରିବାପାଇଁ ଉପଦେଶ ।**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଅନୁପମ ଉତମ ଚରିତ୍ର, ଈଶ୍ୱର ଉପାସନା, ବାଯମାତ୍ ନମାଜରେ ନିୟମିତତା, ଅଲ୍ଲାଃଙ୍କ ଉପରେ ଭରସା, ବିନମ୍ରତା, କୃତଜ୍ଞତା, ଅମାନତ୍ ଓ ପ୍ରତିଶୃତିର ରକ୍ଷା, ସମାନ୍ତରତା ଏବଂ ହଜୁର ସ:ଆ:ସଙ୍କ ସୌନ୍ଦର୍ଯ୍ୟର ମନମୁଗ୍ଧକାରୀ ବର୍ଣ୍ଣନା ।**

**ଅଲ୍ଲାଃ ତାଲା ଆମକୁ ଏହି ପୂର୍ଣ୍ଣ ନବୀଙ୍କ ଉମ୍ମତରେ ରହିବାର ହକ୍‌କୁ ପ୍ରଦାନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ସୁନ୍ଦର ଓ ଉଜ୍ଜଳମୟ ଚେହେରାକୁ ଆମେ ଦୁନିଆ ସମ୍ମୁଖରେ ଉପସ୍ଥାପନ କରି ପୃଥିବୀରୁ ଅନ୍ଧକାରକୁ ଦୂର କରିପାରିବା । ଅଲ୍ଲାଃ ତାଲା ଆମକୁ ଏହାର ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍**

**୪୪ତମ ଜଲ୍‌ସା ସାଲାନା ଯମାତ୍ ଅହେମଦୀୟା ଜର୍ମାନୀ ଅନୁଷ୍ଠିତ ୫-୭ ଜୁଲାଇ ୨୦୧୯ ସ୍ଥାନ କାର୍‌ସୁର୍‌ଓ୍ୱେ ର ଉଦଯାପନି ସଭାରୁ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶ୍ୱାସ ବର୍ଦ୍ଧକ ମନମୁଗ୍ଧକାରୀ ଅଭିଭାଷଣ ।**

**ଅଭିଭାଷଣର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ -
إِيَّاكَ نَعْبُدُ وَإِيَّاكَ نَسْتَعِينُ - اِهْدِنَا الصِّرَاطَ الْمُسْتَقِيمَ -
صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -
لَقَدْ كَانَ لَكُمْ فِي رَسُولِ اللّٰهِ أُسْوَةٌ حَسَنَةٌ لِّمَنْ كَانَ يَرْجُوا اللّٰهَ وَالْيَوْمَ
الْآخِرَ وَذَكَرَ اللّٰهَ كَثِيرًا ۔ (الاحزاب - 22)

ଅର୍ଥାତ:- ତୁମମାନଙ୍କ ସକାଶେ (ଅର୍ଥାତ ସେହି ଲୋକମାନଙ୍କ ସକାଶେ) ଯେଉଁମାନେ ଅଲ୍ଲାଃ ଓ ଅନ୍ତିମ ଦିବସର ସାକ୍ଷାତ ବିଷୟରେ ଆଶ ପୋଷଣ କରନ୍ତି ଓ ଅଲ୍ଲାଃଙ୍କୁ ବହୁତ ସ୍ମରଣ କରନ୍ତି ଅଲ୍ଲାଃଙ୍କ ରସୁଲଙ୍କଠାରେ ଉତମ ଚରିତ୍ରର ଏକ ଉଚ୍ଚ ଆଦର୍ଶ ରହିଅଛି (ଯାହାକୁ ଅନୁସରଣ କରିବା ସେମାନଙ୍କ ପକ୍ଷରେ ଉଚିତ) ।

ଅଣ ମୁସ୍‌ଲିମ୍ ରାଷ୍ଟ୍ରଗୁଡ଼ିକରେ ବା ପାଶ୍ଚାତ୍ୟ ଦେଶଗୁଡ଼ିକରେ ବା ବିକଶିତ ରାଷ୍ଟ୍ରଗୁଡ଼ିକରେ ମୁସଲମାନମାନଙ୍କ ସମ୍ବନ୍ଧରେ ଯେଉଁ ଶଙ୍କା ଓ ସନ୍ଦେହ ଦେଖାଯାଇଥାଏ, ତାହା ସେମାନଙ୍କର ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ ସ୍ୱଳ୍ପ ଜ୍ଞାନ ଥିବା ଯୋଗୁଁ ହିଁ ହୋଇଥାଏ । ଏଥିରେ ପୁଣି କେତେକ ମୁସଲମାନ ଇସ୍‌ଲାମ୍ ନାମରେ ଚରମପନ୍ଥୀ କାର୍ଯ୍ୟକଳାପ ଓ ସନ୍ତ୍ରାସବାଦ କାର୍ଯ୍ୟକଳାପ ଓ କାନୁନକୁ ନିଜ ହାତରେ ନେବା କାର୍ଯ୍ୟ ଇତ୍ୟାଦି କାର୍ଯ୍ୟକଳାପ ଏହି ରାଷ୍ଟ୍ରଗୁଡ଼ିକ ମନରେ ଏକଥା ଭରିଦେଇଛି ଯେ (ବୋଧ ହୁଏ) ଇସ୍‌ଲାମ୍ ହିଁ ହେଉଛି ସନ୍ତ୍ରାସବାଦର ଧର୍ମ । ବର୍ତମାନ ଯୁଗରେ ଇସ୍‌ଲାମ୍‌ର ଶିକ୍ଷାକୁ ପୃଥିବୀରେ ପ୍ରଚାର ପ୍ରସାର କରିବା ନିମନ୍ତେ ଓ ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ ଉପୁଜିଥିବା ଭୁଲ ବୁଝାମଣା ଓ ଭୁଲ ଚିନ୍ତାଧାରକୁ ଦୂର କରିବାର କାର୍ଯ୍ୟ ଅଲ୍ଲାଃ ତାଲା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ସଚ୍ଚା ଗୁଲାମ୍ (ଦାସ) ମସିହ୍ ମଉଦ୍ ଏବଂ ମେହେଦୀ ମାହୁଦ୍‌ଙ୍କ ଯମାତ୍ ନିକଟରେ ନ୍ୟସ୍ତ କରିଛନ୍ତି । ଅତଏବ୍ ଏଥିଯୋଗୁଁ ପ୍ରତ୍ୟେକ ଅହେମଦୀଙ୍କୁ ଭରପୁର ପ୍ରଚେଷ୍ଟା କରିବାର ଆବଶ୍ୟକ ରହିଛି । ଦୁନିଆର ଲୋକମାନେ ତ ପ୍ରେସ ଏବଂ ମିଡ଼ିଆରୁ ଖବର ଶୁଣି ଏକଥା ଭାବୁଛନ୍ତି ଯେ ଯାହା କିଛି ଏମାନେ କହୁଛନ୍ତି (ଅର୍ଥାତ ଏହି ଗଣମାଧମ ଗୁଡ଼ିକ ଯାହା କହୁଛନ୍ତି) ତାହା ହିଁ ଶତପ୍ରତିଶତ ସତ୍ୟ । ସାଧାରଣତଃ ବର୍ତମାନ ଯୁଗରେ ପୃଥିବୀର ଅଧିକାଂଶ ଲୋକ ଧର୍ମ ପ୍ରତି ଆଗ୍ରହ ରଖୁନାହାନ୍ତି । ତେଣୁ ଏହିଭଳି ପରିସ୍ଥିତିରେ ବହୁତ ପରିଶ୍ରମ କରି ଓ ଅନବରତ ପ୍ରଚେଷ୍ଟା ଦ୍ୱାରା ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ପୃଥିବୀବାସୀଙ୍କ ନିକଟରେ ପହଂଚାଇବା ହେଉଛି ବହୁତ ବଡ଼ ଚ୍ୟାଲେଞ୍ଜ । ସାଧାରଣତଃ ଅଣମୁସଲିମ୍ ଲୋକେ ତ ଏକଥା ଭାବୁଛନ୍ତି ଯେ ମୁସଲମାନମାନଙ୍କର ଏହି କାର୍ଯ୍ୟକଳାପ, ସେମାନଙ୍କ ଶିକ୍ଷା ଯୋଗୁଁ ହିଁ ହେଉଛି ଓ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ କର୍ମ ଯୋଗୁଁ ମୁସଲମାନମାନେ ଏପରି କରୁଛନ୍ତି । ଅତଃ ଯେମିତି କି ମୁଁ ଏକଥା କହିସାରିଛି ଯେ ଏହିପରି ଭାବନାକୁ ଦୂରିଭୁତ କରିବାପାଇଁ ଏବଂ ପୃଥିବୀବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦରଶିକ୍ଷା ସମ୍ବନ୍ଦରେ ଅବଗତ କରାଇବା ପାଇଁ ପ୍ରତ୍ୟେକ ଅହେମଦୀଙ୍କୁ ନିଜ ନିଜର ଭୂମିକାକୁ ନିର୍ବାହ କରବାର ଆବଶ୍ୟକତା ରହିଛି । ନିଜର କଥନ ଓ କର୍ମଦ୍ୱାରା ପୃଥିବୀବାସୀଙ୍କୁ ଏକଥା ବତାଇବାର ଆବଶ୍ୟକତା ରହିଛି ଯେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା କଣ ଓ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ କର୍ମ କଣ ଥିଲା । ଅଲ୍ଲାଃ ତାଲା ମନୁଷ୍ୟକୁ ଏ ଦୁନିଆରେ ସୃଷ୍ଟି କରିଛି, ତେଣୁ ମନୁଷ୍ୟ ଖୁଦାତାଲାଙ୍କ ଉପାସନାର ହକ୍‌କୁ ମଧ୍ୟ ପ୍ରଦାନ କରୁ ଓ ଭକ୍ତଙ୍କ ଅର୍ଥାତ ପ୍ରାଣୀଜଗତର ହକ୍‌କୁ ମଧ୍ୟ ପ୍ରଦାନ କରୁ । ଯେଉଁମାନେ ଅଲ୍ଲାଃ ତାଲାଙ୍କ ହକ୍‌କୁ ପ୍ରଦାନ କରୁଥିବେ ନିଶ୍ଚିତ ରୂପେ ସେମାନେ ପ୍ରାଣୀଜଗତର ହକ୍‌କୁ ମଧ୍ୟ ପ୍ରଦାନ କରିବେ ଏବାଂ ଏହି ଅଧିକାରଗୁଡ଼ିକୁ ପ୍ରଦାନ କରିବା ପାଇଁ ଅଲ୍ଲାଃ ତାଲା ଆମ ସମ୍ମୁଖରେ ନିଜର ପ୍ରୀୟ ନବୀଙ୍କ ଆଦର୍ଶକୁ ରଖିଛନ୍ତି । ପୁଣି ଆମକୁ ଏ ନିର୍ଦ୍ଦେଶ ଦିଆଯାଇଅଛି କି ଇଏ ହେଉଛନ୍ତି ପୂର୍ଣ୍ଣ ଆଦର୍ଶ ଓ ତୁମର ମାର୍ଗଦର୍ଶକ, ଯେଉଁମାନେ ତାହାଙ୍କ ଉମ୍ମତ ରୂପେ ଦାବି କରୁଅଛୁ, ତାହାଙ୍କୁ ଆପଣାଅ । ଏହି ଆଦର୍ଶର ପ୍ରତ୍ୟେକ ପାର୍ଶ୍ୱ ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କର ଓ ପୁଣି ଦୁନିଆକୁ ମଧ୍ୟ ବତାଇ ଦିଅ ଯେ ପ୍ରକୃତ ଇସ୍‌ଲାମ୍ ହେଉଛି ଏହା ନା କି ସେହି ଇସ୍‌ଲାମ୍ ଯାହାକୁ କିଛି ସନ୍ତ୍ରାସବାଦ ଇସ୍‌ଲାମ୍ ନାମରେ ଉପସ୍ଥାପନ କରୁଛନ୍ତି ଓ ସେ ସମ୍ବନ୍ଧରେ ପାଶ୍ଚାତ୍ୟ ଗଣମାଧମଗୁଡ଼ିକ ଅଧିକ ବଢ଼ାଇ ଚଢ଼ାଇ ପ୍ରଚାର ପ୍ରସାର କରୁଛନ୍ତି ।

ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଆମ ସମ୍ମୁଖରେ କିସମ କିସମର ସୁନ୍ଦର ଉଦାହରଣ / ଦୃଷ୍ଟାନ୍ତ ନିଜ ଆଦର୍ଶ ଦ୍ୱାରା ଉପସ୍ଥାପନ କରିଛନ୍ତି, ସେଥିମଧ୍ୟରୁ କିଛିଟା ମୁଁ ଏବେ ଉପସ୍ଥାପନ କରିବି ଫଳତଃ ଆମେ ନିଜକୁ ଏହି ଆଦର୍ଶ ମୁତାବକ ପରଖିବା ଓ ଯେଉଁ ଉତମ ଚରିତ୍ରକୁ ଆପଣେଇବା ପାଇଁ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଆମକୁ ଉପଦେଶ ଦେଇଛନ୍ତି ତଦାନୁସାରେ ଆମ କାର୍ଯ୍ୟ ନମୁନା ର ଅନୁଶୀଳନ କରିବା । ଆପଣ ସ:ଆ:ସ ଇସ୍‌ଲାମୀୟ ଶିକ୍ଷାର ଆଲୋକରେ ଯେଉଁ ଉପଦେଶ ଦେଇଛନ୍ତି,

ଯେଉଁ ଆଦର୍ଶ ଦେଖାଇଛନ୍ତି, ସେ ସବୁର ଅନୁଶୀଳନ କରି, ତା ମୁତାବକ ନିଜକୁ ଦେଖିବା । ଯେତେବେଳେ ଆମେ ତା ମୁତାବକ ନିଜ ଜୀବନକୁ ଢ଼ାଳିନେବା, ସେତେବେଳେ ଆମେ ଦୁନିଆକୁ ବତାଇ ପାରିବା ଯେ ପ୍ରକୃତ ପକ୍ଷେ ଇସ୍‌ଲାମ୍ କଣ ବସ୍ତୁ ଏବଂ ଦୁନିଆର ଉନ୍ନତି ପାଇଁ ଆଜି ଯାହାର ଆବଶ୍ୟକତା ଅଛି ତାହା ହେଉଛି ଇସ୍‌ଲାମୀୟ ଶିକ୍ଷା । ଅଲ୍ଲାଃ ତାଲା ତ ମଣିଷ ଜୀବନର ଅସଲ ଉଦ୍ଦେଶ୍ୟକୁ ତାହାର ଉପାସନା କରିବା ହିଁ ଅଭିହିତ କରିଛନ୍ତି । ଆମ ପ୍ରୀୟ ଆକା ଓ ମୁନୀବ ଆମକୁ କେବଳ ଏତିକି କହିନାହାନ୍ତି ଯେ ଅଲ୍ଲାଃ ତାଲା ଏହା କହିଛନ୍ତି କି ତୁମ ଜୀବନର ଉଦ୍ଦେଶ୍ୟ ହେଉଛି ଉପାସନା କରିବା ତେଣୁ ଉପାସନା କରିବା ପ୍ରତି ପ୍ରତ୍ୟେକ ମୋମିନ୍ ଧ୍ୟାନ ଦେବା ଉଚିତ ଏବଂ ସେ ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ଚେଷ୍ଟା କରୁ ବରଂ ଆପଣ ସ:ଆ:ସ ନିଜ ଉପାସନାର ସ୍ତରକୁ ପ୍ରତିଷ୍ଠା କରି ଆମ ସମ୍ମୁଖରେ ତାହାକୁ ଉପସ୍ଥାପନ କରିଛନ୍ତି, ଯାହା ଗ୍ରହଣୀୟ ହୋଇଛି ବୋଲି ଅଲ୍ଲାଃ ତାଲା ସାର୍ଟିଫିକେଟ୍ ଦେଇ କହୁଛନ୍ତି ଯେ,

**ଅଲ୍ଲଜି ୟରାକା ହିନା ତକୁମୁ ୱ ତକଲ୍ଲୁବକା ଫିସ୍ ସାଜିଦୀନ୍ (ଶୋଅରା : ୨୧୯-୨୨୦)** ଅର୍ଥାତ: ଯେ କି ତୁମକୁ ସେତେବେଳେ ଲକ୍ଷ୍ୟ କରନ୍ତି ଯେତେବେଳେ ତୁମେ (ଏକାକୀ ନମାଜ ପାଇଁ) ଦଣ୍ଡାୟମାନ ହୁଅ ଏବଂ ସେତେବେଳେ ମଧ୍ୟ (ଲକ୍ଷ୍ୟ କରନ୍ତି) ଯେତେବେଳେ ତୁମେ (ସାମୂହିକ ନମାଜ ଉଦ୍ଦେଶ୍ୟରେ) ସିଜ୍‌ଦା କରୁଥିବା ଗୋଷ୍ଠୀଙ୍କ ମଧ୍ୟରେ ଚଳପ୍ରଚଳ ହେଉଥାଅ । ସୁତରାଂ ଏହା ହେଉଛି ଆପଣ ସ:ଆ:ସଙ୍କ ସିଜ୍‌ଦା ଓ ଉପାସନାର ଅବସ୍ଥା, ଯାହା ଏତେମାତ୍ରାରେ ବଢ଼ିଯାଇଥିଲା ଯେ ଅଲ୍ଲାଃ ତାଲା ନିଜର ପ୍ରେମପୂର୍ଣ୍ଣ ଦୃଷ୍ଟିକୁ ବିଶେଷ ରୂପେ ଆପଣ ସ:ଆ:ସଙ୍କ ଏହି ଉପାସନା ଓ ବ୍ୟାକୁଳତା ବିଷୟରେ ଚର୍ଚ୍ଚା କରୁଛନ୍ତି । ଏହି ବ୍ୟାକୁଳତା କାହା ପାଇଁ ଥିଲା, କଣ ପାଇଁ ଥିଲା ? ଏହି ବ୍ୟାକୁଳତା ଓ ପ୍ରାର୍ଥନା ନିଜ ଉମ୍ମତ୍ ପାଇଁ ଥିଲା । ଏହି ବ୍ୟାକୁଳତା ମାନବ ଜାତି ପାଇଁ ଥିଲା । ଏହି ବ୍ୟାକୁଳତା ଓ ଦୁଆ ସେହି ଲୋକମାନଙ୍କୁ ନିଜ ଜୀବନର ଉଦ୍ଦେଶ୍ୟକୁ ବୁଝିବାପାଇଁ ଥିଲା ଯେଉଁମାନେ ଅଲ୍ଲାଃ ତାଲାଙ୍କ ଠାରୁ ଦୁରେଇ ଯାଇଛନ୍ତି । କାରଣ ଏହି ଦୂରତା ଅଲ୍ଲାଃ ତାଲାଙ୍କୁ ନାରାଜ କରିଦେବାର କାରଣ ହୋଇପାରେ । ଅତଏବ ଆପଣ ସ:ଆ:ସଙ୍କ ଏହି ଆକୁଳ ପ୍ରାର୍ଥନାକୁ ଦେଖି ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କୁ ଏହା ମଧ୍ୟ କହିଲେ ଯେ **ଲଅଲ୍ଲକା ବାଖେଉନ୍ ନଫ୍‌ସକା ଅଲ୍ଲା ୟକୁନୁ ମୁମିନିନ୍ (ଶୋଅରା: ୪)** ଅର୍ଥାତ: କଣ ତୁମେ ନିଜ ଜୀବନକୁ ବିନାଶ କରିଦେବ ଯେ ସେମାନେ କାହିଁକି ବିଶ୍ୱାସ କରୁନାହାନ୍ତି । ତୁମ ମନ ଏକଥାରେ ବ୍ୟସ୍ତ ବିବ୍ରତ ହେଉଅଛି ଯେ କାଫିର୍ (ଅର୍ଥାତ ଅବିଶ୍ୱାସୀକାରୀମାନେ) କାହିଁକି ସତପଥକୁ ପାଉନାହାନ୍ତି, କାହିଁକି ସେମାନେ ଇମାନ୍ ଆଣି ନିଜ ଇହକାଳ ଓ ପରକାଳକୁ ସୁଧାରୁ ନାହାନ୍ତି । ଅତଏବ୍ ଯେଉଁଠି ଆପଣ ସ:ଆ:ସଙ୍କ ଉପାସନାର ସ୍ତର ଏଥିରୁ ଜଣାପଡୁଛି ସେଠି ଏଥିରୁ ଆପଣ ସ:ଆ:ସଙ୍କ ମନର ଅବସ୍ଥା ମଧ୍ୟ ଜଣାପଡୁଛି ଯାହା ଆପଣ ସ:ଆ:ସଙ୍କ ହୃଦୟରେ ମାନବଜାତିକୁ ଧ୍ୱଂସ ମୁହଁରୁ ବଂଚାଇବା ପାଇଁ ନିହିତ ଥିଲା । ଆପଣ ଆ:ସଙ୍କ ବେଦନା ସମ୍ବନ୍ଧରେ ଜଣାପଡୁଛି । ଅତଏବ୍ ମାନବଜାତି ପାଇଁ ଯାହାଙ୍କ ହୃଦୟରେ ବେଦନାର ଏପରି ଭାବନା ରହିଛି ସେ କଣ କେବେ ଅତ୍ୟାଚାର କରିପାରେ ? ଅବଶ୍ୟ ନୁହେଁ । ଆପଣ ସ:ଆ:ସ ତ ଖୁଦାଙ୍କ ଉପାସନା ଓ ତାହାଙ୍କ ସୃଷ୍ଟଜଙ୍କ ସେବା ଓ ସେମାନଙ୍କ ପ୍ରତି ଥିବା ସହାନୁଭୁତିରେ ଜୀବନର ପ୍ରତିକ୍ଷଣକୁ ଉତ୍ସର୍ଗ କରିଛନ୍ତି । ଆପଣ ସ:ଆ:ସଙ୍କ ଉପାସନାର ଅବସ୍ଥାକୁ ଦେଖିବାର ସୁଯୋଗ ବେଳେବେଳେ ସାହାବାମାନଙ୍କୁ ମଧ୍ୟ ମିଳିଯାଉଥିଲା । ଜଣେ ସାହାବି ବର୍ଣ୍ଣନା କରୁଛନ୍ତି ଯେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ନମାଜ ପଢୁଥିବା ଅବସ୍ଥାରେ ଦେଖିଛି । ସେତେବେଳେ ମହାଭାଗଙ୍କ ଛାତିରୁ ଆକୁଳ ପ୍ରାର୍ଥନା ଯୋଗୁଁ ଏପରି ଶବ୍ଦ ବାହାରୁଥିଲା ଯେପରି ଚକି ଚାଲିବାବେଳେ ଶବ୍ଦ ବାହାରିଥାଏ ।

***(ସୁନନେ ଅବୁ ଦାଉଦ୍, କିତାବୁସ୍ ସଲାତ୍.......... ହଦିସ୍ ୯୦୪)***

ଏହି ଦୁଆଗୁଡ଼ିକ କଣ ଥିଲା ? ଏହା ଅଲ୍ଲାଃ ତାଲାଙ୍କ ଶରଣରେ ରହିବାର ଦୁଆ ଥିଲା । ଏହା ଉମ୍ମତ ପାଇଁ ଦୁଆ ଥିଲା । ଏହା ମାନବସମାଜକୁ ଧ୍ୱଂସ ମୁହଁରୁ ବଂଚାଇବାର ଦୁଆ ଥିଲା । ଏହା ହଜ୍‌ରତ୍ ମୁହମ୍ମଦ ସ:ଆ:ସ ପ୍ରାର୍ଥନା ହିଁ ଥିଲା ଯାହା ସେ ସମୟରେ ପରିବର୍ତନ ସୃଷ୍ଟି କରିଥିଲା ଫଳତଃ ଶହ ଶହ ବର୍ଷର ମୃତ ଜୀବିତ ହୋଇ ବାସ୍ତବିକ ଉପାସନାକାରୀ ହୋଇଗଲେ ଏବଂ ଏହା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଦୁଆ ହିଁ ଥିଲା ଯାହାସବୁ ଗ୍ରହଣୀୟ ହୋଇ ଏ ଯୁଗରେ ଆପଣ ସ:ଆ:ସଙ୍କ ସଚ୍ଚା ପ୍ରେମୀ ହଜ୍‌ରତ୍ ମସିହ ମଉଦ ଆ:ସଙ୍କୁ ଏହି ବିଗିଡ଼ି ଯାଇଥିବା ଯୁଗରେ ଇସ୍‌ଲାମ୍‌ର ପୁର୍ନଥାନ ପାଇଁ ପ୍ରେରଣ କଲା । ଅତଏବ୍ ଆଜି ଆମ ଅହେମଦୀମାନଙ୍କର ଏ କର୍ତବ୍ୟ ଯେ ନିଜ ଉପାସନାର ସ୍ତରକୁ ଉଚ୍ଚ କରନ୍ତୁ । ଈଶ୍ୱରଙ୍କ ନିକଟରେ ସେହି ଆଦର୍ଶ ଉପରେ ପରିଚାଳିତ ହୋଇ ଏପରି ସିଜ୍‌ଦା କରନ୍ତୁ ଯାହା କେବଳ ଆମ ନିଜର ଉଦ୍ଦେଶ୍ୟ ସାଧନ ନିମନ୍ତେ ନ ହେଉ ବରଂ ଅଲ୍ଲାଃ ତାଲାଙ୍କ ହୁକୁମତ୍ (ସର୍‌କାର)କୁ ଦୁନିଆରେ ପ୍ରତିଷ୍ଠା କରିବାପାଇଁ ହେଉ । ରସୁଲୁଲ୍ଲାଃ ସ:ଆ:ସଙ୍କ ବାନାକୁ ଦୁନିଆରେ ଉଡ଼ାଇବା ପାଇଁ ହେଉ । ନିଜକୁ ଅଲ୍ଲାଃ ତାଲାଙ୍କ ପ୍ରକୃତ ଭକ୍ତ ବନାଇବା ପାଇଁ ହେଉ । ମାନବଜାତିକୁ ତା ସୃଷ୍ଟିକର୍ତା ଖୁଦାଙ୍କ ନିକଟତର କରାଇବା ପାଇଁ ହେଉ । ଦୁନିଆକୁ ଧ୍ୱଂସମୁହଁରୁ ବଂଚାଇବା ପାଇଁ ହେଉ ।

ଫଜର୍ ନମାଜ ଓ ବାଯମାଅତ୍ ନମାଜ ପାଠ କରିବାପାଇଁ ଆଁ ହଜ୍‌ରତ୍ ସ:ଆ:ସ କିଭଳି ପ୍ରବନ୍ଧ କରୁଥିଲେ । ବରଂ ଏହା କହିବା ଠିକ୍ ହେବ ଯେ କେତେ କଷ୍ଟ କରୁଥିଲେ, ତାହା ଏହି ଗୋଟିଏ ଘଟଣାରୁ ଖୁବ୍ ଅନୁମାନ ଲଗାଯାଇପାରିବ । ୱହଦ୍ ଯୁଦ୍ଧ ଦିନ ସଂଧ୍ୟା ସମୟରେ ଯେତେବେଳେ ଲୁହା ନିର୍ମିତ ଶିରସ୍ତ୍ରାଣର ଲୁହାଖଣ୍ଡ ହଜୁର ଅକ୍‌ରମ୍ ସ:ଆ:ସଙ୍କ ଡ଼ାହାଣ ଗାଲରେ ଲାଗି ଭାଙ୍ଗିଗଲା, ସେଥିଯୋଗୁଁ ଆପଣ ସ:ଆ:ସଙ୍କଠାରୁ ବହୁତ ରକ୍ତଶ୍ରାବ ହୋଇଯାଇଥିଲା । ଆପଣ ସ:ଆ:ସ କ୍ଷତାକ୍ତ ହୋଇ ଥକି ପଡ଼ିଥିଲେ ଏତଦ୍ ବ୍ୟତିତ ସତୁରୀ ଜଣ ସାହାବାଙ୍କର ଶହୀଦ ହୋଇଯିବାର ଦୁଃଖ ତା'ଠାରୁ ଆହୁରି କେତେ ଅଧିକା ଥିଲା । କିନ୍ତୁ ସେହି ଦିନ ମଧ୍ୟ ଆପଣ ସ:ଆ:ସ ଅଜାନ୍‌ର ଶବ୍ଦ ଶୁଣି ଫଜର୍ ନମାଜ ପାଠ କରିବାପାଇଁ ଏପରି ଧାଇଁ ଆସିଲେ ଯେପିର ସାଧାରଣ ଦିନମାନରେ ଆସନ୍ତି ।

***(ଉସ୍‌ୱାଏ ଇନ୍‌ସାନେ କାମିଲ୍, ପୃ-୮୪)***

ସୁତରାଂ ଆପଣ ସ:ଆ:ସଙ୍କର ଏହି ଆଦର୍ଶ ଓ କାର୍ଯ୍ୟନମୁନାକୁ ଦେଖି ସାହାବାମାନେ ମଧ୍ୟ ଉପାସନାର ଉଚ୍ଚସ୍ତରକୁ ସ୍ଥାପନ କରି ଦେଖାଇଦେଲେ ।

ଅତଏବ୍ ଆଜି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଜ ନିଜର ସମୀକ୍ଷା କରିବା ଉଚିତ ଯେ, ଯେତେବେଳେ ଆମେ ଏ ସ୍ଲୋଗାନ୍ ଦେଉଛୁ ଯେ ମସିହ ମଉଦ୍ ଆ:ସଙ୍କ ଯମାତ୍ ଜରିଆରେ ଇସ୍‌ଲାମ୍‌ର ଶିକ୍ଷାକୁ ପୂନର୍ବାର ଜୀବିତ କରିବୁ, ତେବେ କଣ ଆମର ଉପାସନା ଓ ବାଯମାତ୍ ନମାଜ ପଢ଼ିବାର ସ୍ତର ତାହାର ନିକଟତର ବି ଅଛି ? ଟିକିଏ କଷ୍ଟ ହେଲେ ମସ୍‌ଜିଦ୍ ନ ଯିବାର ବାହାନା ହୋଇଥାଏ ସକାଳେ ଉଠି ଦୁଇଟା ଛିଙ୍କ ହୋଇଗଲେ, କହିଦେଉଛେ ଆଜି ସ୍ୱାସ୍ଥ୍ୟ ଖରାପ ଅଛି ନମାଜ ଘରେ ପଢ଼ିନେବା । ଚେଷ୍ଟାଦ୍ୱାରା ହିଁ ଆଳସ୍ୟତା ଦୂର ହୋଇଥାଏ । ତେଣୁ ଆମକୁ ଏ ଚେଷ୍ଟା କରିବା ଉଚିତ ଯେ ଆମେ ମଧ୍ୟ ଆମ ଉପାସନାର ସ୍ତରକୁ ଉଚ୍ଚ କରିବା ପାଇଁ ଚେଷ୍ଟା କରିବା । ଏହା ହେଉଛି ସେହି ଦୁଆ ଯାହା ଏ ଯୁଗରେ ପରିବର୍ତନ ଆଣିବାର ଜରିଆ ହେବ । ଆମର ତବ୍‌ଲିଗ୍ ବିନା ଦୁଆରେ ଫଳପ୍ରଦ ହେବ ନାହିଁ । ଆମର ଶିକ୍ଷା ପ୍ରତି ପ୍ରଚେଷ୍ଟା ଦୁଆ ବିନା ନିରର୍ଥକ । ଅତଏବ୍ ପୃଥିବୀବାସୀଙ୍କୁ ବାସ୍ତବିକ ଇସ୍‌ଲାମ୍ ଶିଖାଇବାକୁ ହେଲେ ସର୍ବ ପ୍ରଥମେ ଆମକୁ ଖୁଦାତାଲାଙ୍କ ସହିତ ଉପାସନାର ସେହି ସ୍ତରକୁ ଯୋଡ଼ିବାପାଇଁ ଚେଷ୍ଟା କରିବା ଉଚିତ ଯାହାକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସାହାବାମାନେ ଆପଣ ସ:ଆ:ସଙ୍କ ଆଦର୍ଶରେ ପରିଚାଳିତ ହୋଇ ପ୍ରତିଷ୍ଠା କରିଥିଲେ ଏବଂ ଯାହାର ନକ୍‌ସା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏପରି ଟାଣିଛନ୍ତି ଯେ "ବଡ଼ କଥା ହେଉଛି ଏହା କି ପବିତ୍ର କୁର୍‌ଆନ୍ ସେମାନଙ୍କର ପ୍ରଥମ ଅବସ୍ଥାକୁ ଏପରି ବର୍ଣ୍ଣନା କରିଛି **ୟାକୁଲୁନା କମା ତାକୁଲୁଲ୍ ଅନ୍‌ଆମ୍** (ମୁହମ୍ମଦ:୧୩) ଅର୍ଥାତ: ସେମାନେ ଏମିତି ପାନାହାର କରୁଛନ୍ତି ଯେମିତି ଚତୁଷ୍ପଦପ୍ରାଣୀ ପାନାହାର କରୁଛନ୍ତି ।" ଏହା ତ ସେମାନଙ୍କର କୁଫର୍ ଅର୍ଥାତ ଅମାନ୍ୟକାରୀ ଅବସ୍ଥା ଥିଲା । ପୁଣି ଯେତେବେଳେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ପବିତ୍ର ପ୍ରଭାବ ସେମାନଙ୍କଠାରେ ପରିବର୍ତନ ସୃଷ୍ଟି କରିଦେଲା, ସେତେବେଳେ ସେମାନଙ୍କର ଅବସ୍ଥା ଏପରି ହୋଇଗଲା **ୟବିତୁନା ଲିରବ୍‌ବିହିମ୍ ସୁଜ୍ଜଦଉଁ ୱ କିୟାମା** (ଫୁର୍‌କାନ୍ : ୬୫) ଅର୍ଥାତ:- ସେମାନେ ନିଜ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପାଳନକର୍ତାଙ୍କ ଉଦ୍ଦେଶ୍ୟରେ ସିଜ୍‌ଦା କରୁଥିବା ଏବଂ ଦଣ୍ଡାୟମାନ ଥିବା ଅବସ୍ଥାରେ ରାତ୍ରି ଅତିବାହିତ କରୁଛନ୍ତି ।" ***(ମଲ୍‌ଫୁଜାତ୍, ଖଣ୍ଡ-୯, ପୃ-୧୪୫)***

ଅତଏବ ଏହିପରି ଅବସ୍ଥାକୁ ଆମେ ନିଜ ଭିତରେ ସୃଷ୍ଟିକରିବାପାଇଁ ଚେଷ୍ଟା କରିବା ଉଚିତ । ନା କି ଫଜର୍ ନମାଜ ସମୟରେ ମଧ୍ୟ ଉଠିବାକୁ ଆଳସ୍ୟ ଦେଖାଇବା । ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଶେଷ ୱସିୟତ୍ (ଇଚ୍ଛା) ଏବଂ ଶେଷ ବାର୍ତା ଏହା ଥିଲା କି ନମାଜ ଓ ଗୁଲାମ୍‌ର ଅଧିକାର ପ୍ରତି ଧ୍ୟାନ ଦେବ, ଯେବେକି ଆଁ ହଜ୍‌ରତ୍ ସ:ଆ:ସ ସେତେବେଳେ ଜୀବନର ଶେଷ କିଛି କ୍ଷଣ ବିତାଉଥିଲେ ଅର୍ଥାତ ଆପଣ ସ:ଆ:ସଙ୍କ ଶେଷ ସମୟ ଥିଲା । ***(ସୁନନେ ଇବ୍‌ନେ ମାଜାଃ, କିତାବୁଲ୍ ୱସାୟା....... ହଦିସ୍- ୨୬୯୮)***

ଅଲ୍ଲାଃ ତାଲାଙ୍କ ଉପାସନାର ହକ୍‌କୁ ପ୍ରଦାନ କରିବା ପ୍ରତି ଓ ପ୍ରାଣୀ ଜଗତର ହକ୍‌କୁ ପ୍ରଦାନ କରିବା ପ୍ରତି ଏହା ହେଉଛି ହଜ୍‌ରତ୍ ମୁହମ୍ମଦ ଆ:ସଙ୍କର ଅବସ୍ଥା ଏବଂ ଏହା ହେଉଛି ସେହି ଶେଷ ଉପଦେଶ ଯାହାକୁ ଜଣେ ମୋମିନ୍ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ ନା କି ଆଳସ୍ୟତା ଓ ସାଂସାରିକ କାର୍ଯ୍ୟବ୍ୟସ୍ତତାରେ ମଜ୍ଜିଯାଇ ଜୀବନର ଉଦ୍ଦେଶ୍ୟକୁ ଭୁଲିଯିବା ।

ପୁଣି ଅଲ୍ଲାଃ ତାଲାଙ୍କ ଉପରେ ଭରଷା କରିବାର ଯେଉଁ ବିଶେଷ ଗୁଣ ଆପଣ ସ:ଆ:ସଙ୍କର ଥିଲା, ସେଥିରେ ମଧ୍ୟ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଉଚ୍ଚକୋଟିର ଆଦର୍ଶ ଅଟନ୍ତି । ଅଲ୍ଲାଃଙ୍କ ବାଣୀ ଏ ସମ୍ବନ୍ଧରେ ରହିଛି ଯେ **ୱ ତୱକ୍କଲ୍ ଅଲଲ୍ଲାହି ୱ କଫା ବିଲ୍ଲାହି ୱକିଲା** (ନିସା:୮୨) ଅର୍ଥାତ ଅଲ୍ଲାଃଙ୍କ ଉପରେ ନିର୍ଭର କର ଏବଂ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟ ସମ୍ପାଦନାକାରୀଙ୍କର ଆବଶ୍ୟକତା ନାହିଁ । ଅତଏବ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନର ପ୍ରତ୍ୟେକ ପରିସ୍ଥିତିରେ ଏହି ନମୁନା ଆମକୁ ଦେଖିବାକୁ ମିଳୁଅଛି ବରଂ ଜୀବନର ଶେଷ ସମୟରେ ମଧ୍ୟ ଆପଣ ସ:ଆ:ସଙ୍କୁ ଏ ଚିନ୍ତା ଘାରୁଥିଲା ଯେ, ଏମିତି ନ ହେଉ ଯେ ମୁଁ ଏଭଳି ଅବସ୍ଥାରେ ଅଲ୍ଲାଃଙ୍କ ଦରବାରରେ ଉପସ୍ଥିତି ହୁଏ, ଯେଉଁଥିରେ ଏକ ଅଣୁମାତ୍ର ମଧ୍ୟ ଅଲ୍ଲାଃଙ୍କ ଉପରେ ଭରଷା / ନିର୍ଭର ନ କରିବାର ସନ୍ଦେହ ସୃଷ୍ଟି ହେଉଥିବ । ସୁତରାଂ ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୋ ନିକଟରେ ଆପଣ ସ:ଆ:ସ ସାତ ବା ଆଠ ଦିନାର୍ ରଖିଲେ । ଶେଷ ବିମାର ଅବସ୍ଥାରେ କହିଲେ ଯେ ହେ ଆଇଶା ! ଯେଉଁ ସୁନା ତୁମ ନିକଟରେ ଥିଲା ତାହା କଣ ହେଲା ? ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି, ମୁଁ କହିଲି ଯେ ତାହା ମୋ ପାଖରେ ଅଛି । ଏହା ଶୁଣି ମହାଭାଗ କହିଲେ ଆଇଶା ତାହା ସଦ୍‌କା କରିଦିଅ ଅର୍ଥାତ ଦାନ ଦେଇଦିଅ । ପୁଣି ହଜ୍‌ରତ୍ ଆଇଶା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତ ହୋଇଗଲେ । ପୁଣି ଯେତେବେଳେ ଆପଣ ସ:ଆ:ସଙ୍କୁ ପୂନର୍ବାର ଚେତା ଆସିଲା, ପଚାରିଲେ କଣ ତାହା ଦାନ କରିଦେଲ ! ହଜ୍‌ରତ୍ ଆଇଶା ର:ଅ କହିଲେ ଏ ପର୍ଯ୍ୟନ୍ତ କରିନାହିଁ । ଏଥିରେ ଆପଣ ସ:ଆ:ସ କହିଲେ ଯାଅ ଏବେ ତାହା ମୋ ନିକଟକୁ ଘେନି ଆଣ । ଆପଣ ସ:ଆ:ସ ସେହିସବୁ ଦିନାର ଗୁଡ଼ିକୁ ମଗାଇ ନିଜ ହାତରେ ଧରି ଗଣିଲେ ତା'ପରେ ମହାଭାଗ କହିଲେ ମୁହମ୍ମଦ୍ (ସ:ଆ:ସ)ର ନିଜ ପାଳନକର୍ତାଙ୍କ ଉପରେ ଏହା କି ପ୍ରକାର ଭରଷା/ନିର୍ଭର ହେବ ଯଦି ଖୁଦାଙ୍କ ସହିତ ସାକ୍ଷାତ କରିବା ସମୟରେ ଓ ଏ ସଂସାରରୁ ବିଦାୟ ନେଉଥିବା ସମୟରେ ଏହି ଦିନାର ଗୁଡ଼ିକ ତା ନିକଟରେ ରହିଥିବ । ପୁଣି ସେହି ଦିନାରଗୁଡ଼ିକୁ ଆପଣ ସ:ଆ:ସ ସଦ୍‌କା (ଦାନ) କରିଦେଲେ । ***(ତବକାତୁଲ୍ କୁବ୍‌ରା, ଖଣ୍ଡ-୨, ପୃ-୧୮୩....... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୦)***

କିନ୍ତୁ ଅନ୍ୟମାନଙ୍କୁ ଆପଣ ସ:ଆ:ସ ଏ ଉପଦେଶ ଦେଇଛନ୍ତି ଯେ ମୁଁ ତ ହେଉଛି ଅଲ୍ଲାଃଙ୍କ ନବୀ ଓ ତାହାଙ୍କ ପ୍ରୀୟପାତ୍ର, ଏହା ମୋ ସହିତ ତାହାଙ୍କ ବ୍ୟବହାର । ଅଲ୍ଲାଃଙ୍କ ଉପରେ ତୁମେମାନେ ମଧ୍ୟ ଭରଷା କର କିନ୍ତୁ ନିଜ ସନ୍ତାନମାନଙ୍କୁ ଦରିଦ୍ରତା ଓ ଅଭାବରୁ ବଂଚାଇବା ପାଇଁ, ଯଦି ତୁମ ନିକଟରେ କିଛି ଜମିବାଡ଼ି ଅଛି ବା କିଛି ଅର୍ଥ ଅଛି, ତାହା ସେମାନଙ୍କ ପାଇଁ ଛାଡ଼ିଯାଅ । ୧/୩ (ଏକ ତୃତୀୟାଂଶରୁ) ଅଧିକା ୱସିୟତ୍ କରିବାପାଇଁ ଅନୁମତି ଦେଇନାହାନ୍ତି ।

***(ସହି ବୁଖାରୀ.......... ହଦିସ୍-୨୭୪୨)***

ଓ ଅଲ୍ଲାଃ ତାଲା ମଧ୍ୟ ସେଥିଯୋଗୁଁ ପବିତ୍ର କୁର୍‌ଆନ୍‌ରେ ୱରାସତ୍ (ଅର୍ଥାତ ଉତରାଧିକାରୀ ରୂପେ ଧନସମ୍ପତି ପାଇବା)ର ଶୈଳୀ ମଧ୍ୟ ବ୍ୟାଖ୍ୟା କରି ବତାଇ ଦେଲେ । କିନ୍ତୁ ଆପଣ ସ:ଆ:ସ ଏହା ମଧ୍ୟ କହିଛନ୍ତି ଯେ ଆଦମଙ୍କ ସନ୍ତାନ ଅର୍ଥାତ ମଣିଷର ହୃଦୟର ପ୍ରତ୍ୟେକ ଉପତ୍ୟକାରେ ଗୋଟିଏ ଗୋଟିଏ ଘାଟି ରହିଛି ଯାହାର ମନ ସେହି ସବୁ ଘାଟି ପଛରେ ଲାଗି ରହିଛି, ତା ପାଇଁ ଅଲ୍ଲାଃ ତାଲା କିଛି ପରବାଏ କରନ୍ତି ନାହିଁ ଯେ କେଉଁ ଉପତ୍ୟାକା ତା'ର ଧ୍ୱଂସର କାରଣ ହେବ । କିନ୍ତୁ ଯିଏ ଅଲ୍ଲାଃ ତାଲାଙ୍କ ଉପରେ ଭରଷା / ନିର୍ଭର କରିଥାଏ ଅଲ୍ଲାଃ ତାଲା ତାକୁ ସେହି ସବୁ ଘାଟିରୁ ବଂଚାଇ ଦିଏ । ***(ସୁନନେ ଇବ୍‌ନେ ମାଯାଃ.......... ହଦିସ୍-୪୧୬୬)***

ଅତଏବ୍ ଇସ୍‌ଲାମ୍ ସାଂସାରୀକ କାର୍ଯ୍ୟ କରିବାକୁ ଅନୁମତି ଦେଇଛି କିନ୍ତୁ ଦିନରାତି କେବଳ ଧନସମ୍ପତି ଠୁଳ କରିବା ଓ ସାଂସାରିକ କାର୍ଯ୍ୟରେ ଲିପ୍ତ ରହିବାକୁ ମନା କରିଛି । ଯେଉଁ କାର୍ଯ୍ୟପ୍ରତି ଇସ୍‌ଲାମ୍ ଧ୍ୟାନ ଆକର୍ଷଣ କରିଛି ତାହା ହେଉଛି ଅଲ୍ଲାଃ ତାଲାଙ୍କର ଉପାସନା ଓ ତାହାଙ୍କ ଉପରେ ଭରଷା । ଯଦି ଏହା ହୁଏ ତେବେ ସାଂସାରିକ ଅସୁବିଧାରୁ ମଧ୍ୟ ମଣିଷ ବଂଚିଯାଏ । ଆପଣ ସ:ଆ:ସ ଉମ୍ମତକୁ ଅଲ୍ଲାଃ ତାଲାଙ୍କ ଉପରେ ଭରଷା କରିବାପାଇଁ ଉପଦେଶ ଦେଇ କହୁଛନ୍ତି:- ଯଦି ତୁମେ ଅଲ୍ଲାଃ ତାଲାଙ୍କ ଉପରେ ଯେମିତି ଭରସା କରିବା କଥା ସେମିତି ଭରସା କର ତେବେ ସେ ତୁମକୁ ନିଶ୍ଚିତରୂପେ ସେହିଭଳି ଜୀବିକା ପ୍ରଦାନ କରିବ ଯେଉଁଭଳି ସେ ପକ୍ଷୀମାନଙ୍କୁ ଦେଇଥାଏ, ଯେଉଁମାନେ ସକାଳୁ ସକାଳୁ ଖାଲି ପେଟରେ ବାହାରିଥାନ୍ତି ଓ ସଂନ୍ଧ୍ୟାବେଳକୁ ପେଟପୁରା ଲେଉଟିଥାନ୍ତି ।

***(ସୁନନେ ଇବ୍‌ନେ ମାଯାଃ.........ହଦିସ୍- ୪୧୬୪)***

ତେଣୁ ଏକଥା ଆମକୁ ସର୍ବଦା ଏଥିପ୍ରତି ଧ୍ୟାନ ଆକର୍ଷଣ କରିବା ଉଚିତ ହେବ କି ଜୀବିକା ଖୁଦାତାଲାଙ୍କ ତରଫରୁ ହିଁ ମିଳିଥାଏ ଓ ତାକୁ ପ୍ରାପ୍ତ କରିବାପାଇଁ ଆମକୁ ଆମର ଉପାସନାକୁ କୁର୍ବାନ (ଉତ୍ସର୍ଗ) କରିବା ଠିକ୍ ନୁହେଁ । କାର୍ଯ୍ୟ ଅବଶ୍ୟ କରାଯାଉ କିନ୍ତୁ ଅସଲ ଭରଷା ଅଲ୍ଲାଃଙ୍କ ଅସ୍ତିତ୍ୱ ଉପରେ କରାଯାଉ ଓ କାମ ପାଇଁ ଉପାସନାକୁ ବଳୀ ନ ଦିଆଯାଉ । ଆଁ ହଜ୍‌ରତ୍ ସ:ଆ:ସଙ୍କ ତୱକ୍କଲ୍ (ଅଲ୍ଲାଃ ତାଲାଙ୍କ ଉପରେ ଭରସା କରିବା) ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ କହୁଛନ୍ତି ଯେ- "ହଜ୍‌ରତ୍ ଖାତମୁଲ ଅମ୍ବିୟା ସ:ଆ:ସଙ୍କ ଜୀବନ ଚରିତ ଉପରେ ଦୃଷ୍ଟି ନିକ୍ଷେପ କଲେ ଏହା ସ୍ୱଷ୍ଟ୍ ଭାବେ ବାରି ହୋଇଯାଉଛି ଯେ ଆଁ ହଜ୍‌ରତ୍ ଉଚ୍ଚସ୍ତରର ଏକେଶ୍ୱରବାଦୀ, ଶଦ୍ଧ ହୃଦୟ ସମ୍ପନ୍ନ, ଖୁଦାଙ୍କ ପାଇଁ ନିର୍ଭିକ, ଲୋକମାନଙ୍କ ଆଶା ଓ ନିରାଶାରୁ ସମ୍ପୁର୍ଣ୍ଣରୂପେ ଦୂରେଇ ରହିଥିବା ଏବଂ କେବଳ ଖୁଦାଙ୍କ ଉପରେ ଭରଷା କରୁଥିବା ବ୍ୟକ୍ତି ବିଶେଷ ଥିଲେ । ଯିଏ ଖୁଦାଙ୍କ ଇଚ୍ଛା ଓ ମର୍ଜିରେ ଲୀନ ହୋଇ ଏ ବିଷୟରେ କିଛି ମଧ୍ୟ ପରବାଏ କରୁନଥିଲେ ଯେ ଏକେଶ୍ୱାରବାଦର ଆହ୍ୱାନ ଦେବା ଦ୍ୱାରା କଣ କଣ ବିପତି ମୋ ମୁଣ୍ଡ ଉପରେ ପଡ଼ିବ ଏବଂ ମୁସ୍‌ରିକ୍‌ଙ୍କ ହାତରେ କି ପ୍ରକାର ଅତ୍ୟାଚର ଓ ଦୁଃଖ ଉଠାଇବାକୁ ପଡ଼ିବ । ବରଂ ସମସ୍ତ କଠୋରତା, ଦୁଃଖ, ପୀଡ଼ା ଓ ଅସୁବିଧାକୁ ନିଜେ ସହିଯାଇ ନିଜର ପ୍ରଭୁଙ୍କ ନିର୍ଦ୍ଦେଶକୁ ପାଳନ କଲେ ଏବଂ ଧର୍ମ ପ୍ରଚାର ଏବଂ ସତଶିକ୍ଷା ଓ ଉପଦେଶ ଦେବାରେ ଯେଉଁ ସବୁ ସର୍ତାବଳୀ ରହିଛି ତାହା ସବୁ ପୂରଣ କଲେ ଏବଂ ଭୟ ପ୍ରଦାନକାରୀ ଲୋକମାନଙ୍କର ଭୃକ୍ଷେପ କଲେନାହିଁ । ଆମେ ସତ୍ୟ କହୁଅଛୁ ଯେ ସମସ୍ତ ନବିମାନଙ୍କର ଜୀବନ ଚରିତରେ ଏଭଳି ବିପଦକୁ ସମ୍ମୁଖିନ କରିଥବା ଏବଂ ପୁଣି ଏପରି କିଏ ଖୁଦାଙ୍କ ଉପରେ ଭରଷା କରି ଖୋଲା ଖୋଲି ସିର୍କକୁ (ଈଶ୍ୱରଙ୍କ ବ୍ୟତିତ) ସୃଷ୍ଟିର ପୂଜାକୁ ମନାକରୁଥିବା ଏବଂ ଏତେମାତ୍ରାରେ ଶତୃଥିବା ସତ୍ୱେ ମଧ୍ୟ ପୁଣି ଏପରି ଦୃଢ଼ମନା ଓ ସ୍ଥାୟିତ୍ୱବାନ ଥିବାର ଜଣେ ମାତ୍ର ମଧ୍ୟ ପ୍ରମାଣ ନାହିଁ ।

***(ବରାହିନେ ଅହ୍‌ମଦିୟା ଭାଗ-୨, ରୁହାନି ଖଜାଇନ୍, ଖଣ୍ଡ-୧, ପୃ-୧୧୧-୧୧୨)***

ପୁଣି ଉତମ ଚରିତ୍ରର ଗୋଟିଏ ବିଶେଷ ଗୁଣ ହେଉଛି କୃତଜ୍ଞ ହେବା । ଏହି ଗୁଣର ଉଚ୍ଚତମ ସ୍ତର ଆମ ପ୍ରୀୟ ମୁନୀବଙ୍କର ନମୁନା ଓ ଆଦର୍ଶ କଣ ଥିଲା । ଆପଣ ସ:ଆ:ସଙ୍କୁ ପ୍ରତିକ୍ଷଣ ଏ ଅନ୍ୱେଷଣ ରୁହଥିଲା ଯେ କିପରି କୃତଜ୍ଞତା ଜ୍ଞାପନ କରିବେ । ଖୁଦାତାଲାଙ୍କ ନିକଟରେ ସମସ୍ତଙ୍କଠାରୁ ଅଧିକା କୃତଜ୍ଞ୍ୟ ଭକ୍ତ ହେବେ । ଅତଏବ ହଦିସ୍‌ରେ ଆସୁଛି ଯେ ଏହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିବାପାଇଁ ଆପଣ ସ:ଆ:ସ ଦୁଆ କରୁଥିଲେ ଯେ ହେ ମୋର ଅଲ୍ଲାଃ ! ତୁମେ ମତେ ନିଜର କୃତଜ୍ଞତା ଜ୍ଞାପନକାରୀ ଏବଂ ବହୁଳଭାବେ ତୁମର ଗୁଣଗାନକାରୀ ବନାଇ ଦିଅ ।

***(ସୁନନେ ଅବୁଦାଉଦ୍, କିତାବୁଲ୍ ୱିତର୍....... ହଦିସ୍ ୧୫୧୦)***

ଆଉ ଏକ ରିୱାୟତ୍‌ରେ ଏହି କେତେଟା ଶବ୍ଦ ଅଧିକା ଅଛି ଯେ ହେ ଅଲ୍ଲାଃ ! ମତେ ଏପରି ବନାଇଦିଅ ଯେ ମୁଁ ଅନ୍ୟ ସମସ୍ତଙ୍କ ତୁଳନାରେ ଅଧିକ କୃତଜ୍ଞତା ହୋଇଯାଏ ଏବଂ ତୁମର ଉପଦେଶକୁ ସମସ୍ତଙ୍କଠାରୁ ଅଧିକା ପାଳନକାରୀ

ହୁଏ ଓ ତୁମର ଓ୍ୱସିୟତ୍ (ଇଚ୍ଛା)କୁ ମନେ ପକାଇବା ବାଲା ହୋଇଯାଏ ।

***(ମସ୍‌ନଦେ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୩, ପୃ-୨୧୬, ହଦିସ୍-୮୦୮୭......... ବେରୁତ ୧୯୯୮)***

କେତେ ବିନମ୍ର ସ୍ୱଭାବ ! ସଂସାରର ସମସ୍ତଙ୍କଠାରୁ ଅଧିକା କୃତଜ୍ଞ ବ୍ୟକ୍ତି ଏ ପ୍ରାର୍ଥନା କରୁଛି ଯେ ମୁଁ ସବୁଠାରୁ ଅଧିକା କୃତଜ୍ଞ ହୁଏ ।

ଥରେ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଗୋଟିଏ ରୁଟି ଖଣ୍ଡ ଉପରେ ଖଜୁରୀ ରଖି ଖାଉଥିଲେ ଏବଂ ଏକଥା କହୁଥିଲେ ଯେ ଖଜୁରୀ ହେଉଛି ଏହି ରୁଟିର ତରକାରୀ, ଏବଂ ଏଥିଯୋଗୁଁ କୃତଜ୍ଞତା ଜ୍ଞାପନ କରୁଥିଲେ ।

***(ସୁନନେ ଅବୁ ଦାଉଦ୍............ ହଦିସ୍- ୩୮୩୦)***

ଅଧିକାଂଶ ସମୟ ଏପରି ହେଉଥିଲା ଯେ ସିର୍କା (ଭିନେଗାର୍) ଦ୍ୱାରା ବା ପାଣିଦ୍ୱାରା ରୁଟି ଖାଇ ନେଉଥିଲେ ଓ ସେଥିରେ ମଧ୍ୟ ଅଲ୍ଲାଃ ତାଲାଙ୍କୁ କୃତଜ୍ଞତା ଜ୍ଞାପନ କରୁଥିଲେ । ***(ସହିହୁଲ୍ ଅସର୍ ଓ୍ୱ ଯମିଲୁଲ୍ ଅବର୍ ମିନ୍ ସିରତେ ଖୈରୁଲ୍ ବଶର୍ ସ:ଆ:ସ, ଖଣ୍ଡ-୧, ପୃ-୨୫୪....... ଜଦାଃ ୨୦୧୦)***

ଆଜିକାଲି ଆମମାନଙ୍କ ମଧ୍ୟରେ ବହୁତ ଲୋକ ଏପରି ଅଛନ୍ତି, ଯେଉଁମାନଙ୍କୁ ଉତମ ଖାଦ୍ୟ ଖାଇବାକୁ ସୁଯୋଗ ମିଳୁଛି । ଏହା ସତ୍ୱେ ମଧ୍ୟ ହଜାର ବାହାନା/ ନଖରା କରୁଛନ୍ତି । ଘରେ ବିଭ୍ରାଟ ମଧ୍ୟ ସୃଷ୍ଟି ହୋଇଯାଉଛି ଯେ ସ୍ତ୍ରୀ କାହିଁକି ଭଲ ଖାଇବା ତିଆରି କଲେ ନାହିଁ ।

ପୁଣି ଫତ୍‌ହ ମକ୍କା (ମକ୍କା ବିଜୟ) ସମୟରେ ଆପଣ ସ:ଆ:ସଙ୍କ ବିନମ୍ରତା ଓ କୃତଜ୍ଞତାର ଉଦାହରଣ ବହୁତ ଉଚ୍ଚ ସ୍ତରରେ ପହଂଚିଥିଲା । ରିଓ୍ୱାୟତ୍‌ରେ ଆସୁଛି ଯେ ଯେତେବେଳେ ଆପଣ ସ:ଆ:ସ ଜିତ୍ ତଓ୍ୱା ନାମକ ସ୍ଥାନରେ ପହଂଚିଲେ ସେତେବେଳେ ଆପଣ ସ:ଆ:ସ ଲାଲ୍ ରଙ୍ଗର ୟମିନି ବସ୍ତ୍ରର ପଗଡ଼ି ପିନ୍ଧି ନିଜ ବାହନ ଉପରେ ବସିଥିଲେ ଓ ଏକଥା ଭାବୁଥିଲେ ଯେ ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କୁ ବିଜୟ ପ୍ରଦାନ କରି କେତେ ପ୍ରସନ୍ନିତ କରିଛନ୍ତି । ଏକଥା ଭାବି ଭାବି ହଜୁର ସ:ଆ:ସ ଅତ୍ୟନ୍ତ ବିନମ୍ର ହୋଇ ଏବଂ କୃତଜ୍ଞତା ଜ୍ଞାପନ କରି ନିଜର ମୁଣ୍ଡକୁ ଏତେମାତ୍ରାରେ ନୁଆଁଇ ଦେଇଥିଲେ ଯେ ଏପରି ଲାଗୁଥିଲା କି ଆପଣ ସ:ଆ:ସଙ୍କ ପବିତ୍ର ଦାଢ଼ି ବାହନର ପିଠିରେ ଲାଗିଯିବ ।

***(ସିରତ୍ ଇବ୍‌ନେ ହୁଶାମ୍, ପୃ-୫୪୬.......... ବେରୁତ ୨୦୦୯)***

ପୁଣି ମହାଭାଗ କୃତଜ୍ଞତାର ଉଚ୍ଚତମ ନମୁନା ଏପରି ମିଳୁଛି ଯେ, ଯେତେବେଳେ ମକ୍କାର ମୁସଲମାନମାନଙ୍କ ଉପରେ କୁଫାର୍ (ଅମାନ୍ୟକାରୀ) ମାନଙ୍କ ତରଫରୁ ଅତ୍ୟାଚାର କରାଗଲା ଫଳତଃ ମୁସଲମାନମାନେ ହବ୍‌ଶା ଦେଶ ଆଡ଼କୁ ହିଜ୍‌ରତ୍ କରି ଚାଲିଗଲେ ଓ ହବଶା ଦେଶର ସମ୍ରାଟ ନଜାଶିଙ୍କର ଏହି ଉପକାରକୁ ସର୍ବଦା ମନେରଖିଥିଲେ । ଅତଏବ ଏକଦା ଯେତେବେଳେ ନଜାଶିଙ୍କର ପ୍ରତିନିଧିମଣ୍ଡଳ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ସେମାନଙ୍କୁ ସ୍ୱାଗତ କରିବା ପାଇଁ ସ୍ୱୟଂ ଛିଡ଼ା ହୋଇଗଲେ । ଏହା ଦେଖି ସାହାବାମାନେ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ ! ଏମାନଙ୍କୁ ସ୍ୱାଗତ କରିବାପାଇଁ ଆମେମାନେ ଯଥେଷ୍ଟ ଆମେ ସେମାନଙ୍କ ଅତିଥି ସତ୍କାର ଓ ସ୍ୱାଗତ କରିନେବୁ ଆପଣ କାହିଁକି କଷ୍ଟ କରୁଛନ୍ତି । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ଏହି ଲୋକମାନେ ଆମ ସାଥିମାନଙ୍କ ସହିତ ବହୁତ ଉତମ ବ୍ୟବହାର କରିଥିଲେ ଓ ସସମ୍ମାନେ ତାଙ୍କୁ ନିଜ ନିକଟରେ ରଖିଥିଲେ ତେଣୁ ମୁଁ ସେମାନଙ୍କର ଏହି ଉପକାରର ପ୍ରତିବଦଳରେ ନିଜେ ହିଁ ସମ୍ମାନ ଦେବାକୁ ପସନ୍ଦ କରିବି ।

***(ସିରତୁଲ ହଲ୍‌ବିୟା, ଖଣ୍ଡ-୩, ପୃ-୭୨......... ବେରୁତ ୨୦୦୨)***

ଅତଏବ୍ ଏହି ଘଟଣାରୁ ସେମାନଙ୍କ ପାଇଁ ମଧ୍ୟ ଶିକ୍ଷା ନେବା ଉଚିତ ଯେଉଁମାନେ ଏଠାକୁ ହିଜ୍‌ରତ୍ କରି ଆସିଛନ୍ତି । କାରଣ ଯେଉଁ ସରକାର / ରାଷ୍ଟ୍ରମାନେ ଆମକୁ ଏଠାରେ ଶରଣ ଦେଇ ଆମପାଇଁ ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି, ସେମାନଙ୍କର କୃତଜ୍ଞତା ଜ୍ଞାପନ କରି ଏହି ଦେଶଗୁଡ଼ିକର ଉନ୍ନତି ଓ ବିକାଶ ପାଇଁ ନିଜର ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରନ୍ତୁ । ସେମାନଙ୍କୁ ଇସଲାମ୍‌ର ସୁନ୍ଦର ଶିକ୍ଷାକୁ ନା କେବଳ ଜ୍ଞାନ ଆକାରରେ ବରଂ କାର୍ଯ୍ୟରେ ମଧ୍ୟ କରିଦେଖାନ୍ତୁ ଯେ ବାସ୍ତବିକ ଇସଲାମ କଣ । ଏବଂ ଏକଥା ସର୍ବଦା ମନେରଖନ୍ତୁ ଯେ ଆମେ କୌଣସି ପ୍ରକାରର ମଧ୍ୟ କ୍ଷତି ନ ପହଂଚାଇବା ସେମାନଙ୍କଠାରୁ ଭୁଲ୍‌ମାର୍ଗରେ ଆର୍ଥିକ ଲାଭ ନ ଉଠାଇବା । କୌଣସି ପ୍ରକାରର ସୁବିଧାକୁ ଅନତି ଉପାୟରେ ହାସଲ ନ କରିବା । ଯେଉଁ ଦୀନ୍(ଧର୍ମ) ଆମକୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଜରିଆରେ ମିଳିଛି ଏବଂ ଯେଉଁଭଳି ଆମକୁ ପ୍ରତ୍ୟେକ ଆଚରଣର ଗଭୀରତା ଓ ଉଚ୍ଚତମ ସ୍ତର ବିଷୟରେ ଜ୍ଞାନ ମିଳିଲା, ସେଥିଯୋଗୁଁ ଆମକୁ କୃତଜ୍ଞତା ଜ୍ଞାପନ କରିବା ଉଚିତ । ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ "ଏହା ଅଲ୍ଲାଃ ତାଲାଙ୍କର ଅସିମ ଦୟା ଯେ ପୂର୍ଣ୍ଣ ଓ ସ୍ୱୟସମ୍ପୂର୍ଣ୍ଣ ବିଶ୍ୱାସର ମାର୍ଗକୁ ନିଜ ନବୀ କରିମ୍ ସ:ଆ:ସଙ୍କ ଜରିଆରେ ଆମକୁ ବିନା କୌଣସି କଷ୍ଟ ଓ ପରିଶ୍ରମରେ ଦେଖାଇ ଦେଇଛନ୍ତି । ବହୁତ ଜ୍ଞାନୀ ଏପର୍ଯ୍ୟନ୍ତ ଏଥିରୁ ବଂଚିତ ଅଛନ୍ତି । ତେଣୁ ଅଲ୍ଲାଃ ତାଲାଙ୍କର ଏହି କରୁଣା ଓ ଅନୁଗ୍ରହର କୃତଜ୍ଞତା ଜ୍ଞାପନ କର ଏବଂ ସେହି କୃତଜ୍ଞତା ହେଉଛି ଏହା କି ସହୃଦୟତାର ସହିତ ସେହି ପୂଣ୍ୟକର୍ମଗୁଡ଼ିକୁ ସମ୍ପାଦନ କର ଯାହା ଯଥାର୍ଥ ବିଶ୍ୱାସ ଓ ଆସ୍ଥା ପରେ ଦ୍ୱିତୀୟ ଭାଗରେ ଆସୁଅଛି ଏବଂ ନିଜର କର୍ମ ସାହାଯ୍ୟରେ ଦୁଆ ମାଗ ଯେ ସେ ଏହି ଯଥାର୍ଥ ଆସ୍ଥା / ବଶ୍ୱାସ ଉପରେ ସ୍ଥାୟିତ୍ୱ ପ୍ରଦାନ କରନ୍ତୁ ଏବଂ ପୂଣ୍ୟକର୍ମ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।"

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୪୯-୧୯୦)***

ଅତଏବ୍ ଏହା ହେଉଛି ଜଣେ ଅହେମଦୀର ବାସ୍ତବିକ କୃତଜ୍ଞତା ଜ୍ଞାପନ କରିବାର ଶୈଳୀ ।

ପୁଣି ଏକ ଚରିତ୍ର ହେଉଛି ଅମାନତ (ନ୍ୟାସ)କୁ ପ୍ରଦାନ କରିବା ଏବଂ ନିଜର ଅଙ୍ଗୀକାରଗୁଡ଼ିକ ଉପେର ପ୍ରତିବଦ୍ଧ ରହିବା । ଅଲ୍ଲାଃ ତାଲା କହୁଛନ୍ତି **ଓ୍ୱଲ୍ଲଜିନାହୁମ୍ ଲିଅମାନାତିହିମ୍ ଓ୍ୱ ଅହ୍‌ଦିହିମ୍ ରାଉନ୍** (ମୁମିନନ୍ : ୯) ଅର୍ଥାତ ସେହି ଲୋକମାନେ (ଅର୍ଥାତ ସମ୍ପୂର୍ଣ୍ଣ ବିଶ୍ୱାସକାରୀମାନେ) ଯେଉଁମାନେ ନିଜର ଅମାନତ ଓ ନିଜ ଅଙ୍ଗୀକାରଗୁଡ଼ିକ ପ୍ରତି ସଜାଗ ଥାନ୍ତି । ସେମାନେ ଏକଥା ଦେଖିଥାନ୍ତି ଯେ କିଭଳି ଆମେ ଏହାକୁ ପୂରଣ କରୁଅଛୁ । ଏହାର ଉଚ୍ଚତମ ସ୍ତରକୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସ କିଭଳି ପ୍ରତିଷ୍ଠା କରି ଆମ ସମ୍ମୁଖରେ ନିଜର ଆଦର୍ଶ ଉପସ୍ଥାପନ କରିଛନ୍ତି । ରିଓ୍ୱାୟତ୍‌ରେ ଆସୁଛି ଯେ ଯେତେବେଳେ ଇସ୍‌ଲାମୀୟ ସେନା ଖୈବର୍‌କୁ ଘେରିଗଲା ସେତେବେଳେ ସେଠିକାର ଜଣେ ଇହୁଦୀ ସରଦାରଙ୍କ ଚାକର ଯିଏ ପଶୁମାନଙ୍କୁ ଚରାଏ ସେ ପଶୁମାନଙ୍କ ସମେତ ଇସ୍‌ଲାମୀୟ ସେନା ରହୁଥିବା ଇଲାକାକୁ ଚାଲିଆସିଲା ଓ ମୁସଲମାନ ହୋଇଗଲା । ସେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ ନିବେଦନ କଲା ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୁଁ ତ ଏବେ ମୁସଲମାନ ହୋଇସାରିଛି ଓ ଏଠାରୁ ଫେରିଯିବାକୁ ଚାହୁଁନାହିଁ । ଯଦି ଏଠାରୁ ଯିବି ତା ହେଲେ ମୋ ଉପରେ ଅତ୍ୟାଚାର ମଧ୍ୟ କରାଯିବ । ଏହି ଛେଳିଗୁଡ଼ିକ ମୋ ନିକଟରେ ଅଛନ୍ତି, ମୁଁ ଏହାସବୁ କଣ କରିବି ? ଏହା ଇହୁଦୀଙ୍କ ପଶୁ, ଏ ସବୁର ମାଲିକ ହେଉଛନ୍ତି ଇହୁଦି । ଏଥିରେ ମହାଭାଗ କହିଲେ ଏହି ଛେଳିଗୁଡ଼ିକର ମୁହଁକୁ କିଲା ଆଡ଼କୁ କରି ଘଉଡ଼ାଇ ଦିଅ, ଏମାନେ ଆପେ ଆପେ ତାଙ୍କ ମାଲିକଙ୍କ ନିକଟରେ ପହଂଚିଯିବେ । ଏତଏବ ଏହିପରି କରାଗଲା ଓ କିଲାର ଲୋକମାନେ ନିଜ ନିଜର ଛେଳିଗୁଡ଼ିକୁ ନେଇଗଲେ ।

***(ସିରତ୍ ଇବ୍‌ନେ ହୁଶାମ୍, ପୃ-୫୧୭...... ବେରୁତ ୨୦୦୯)***

ଏହା ହେଉଛି ଅମାନତ ଏବଂ ଦିଆନତ୍‌ର ଉଚ୍ଚତମ ଉଦାହରଣ ଯେ ଯୁଦ୍ଧ ଚାଲିଥିବା ସମୟରେ ଶତ୍ରୁପକ୍ଷର ଧନ ହାତରେ ପଡ଼ିଲା କିନ୍ତୁ ମୁସଲମାନ ହୋଇଥିବା ଲୋକଟିକୁ ପ୍ରଥମ ଶିକ୍ଷା ଆଁ ହଜ୍‌ରତ୍ ସ:ଆ:ସ ଏପରି ଦେଉଛନ୍ତି ଯେ ଜଣେ ମୁସଲମାନର ଅମାନତ୍ ଓ ଦିୟାନତ୍‌ର ସ୍ତର ବହୁତ ଉଚ୍ଚ ହେବା ଉଚିତ । ଏହି ଧନ ଉପରେ ନା ତୁମର କୌଣସି ଅଧିକାର ଅଛି ନା ଆମର । ଏହା ତାଙ୍କ ମାଲିକଙ୍କୁ ଲେଉଟାଇ ଦିଅ । ଆଜିକାଲିର ଉନ୍ନତ ସମାଜରେ ଯୁଦ୍ଧ ଚାଲିଥିବା ସମୟରେ ଦୁନିଆରେ କେଉଁଠି ମଧ୍ୟ ଆପଣଙ୍କୁ ଏହି ସ୍ତର ଦେଖିବାକୁ ମିଳିବ ନାହିଁ । ଯେଉଁମାନେ ଇସ୍‌ଲାମ ଉପରେ ଓ ଇସ୍‌ଲାମ୍‌ର ଶିକ୍ଷା ଉପରେ ଆପତି କରୁଛନ୍ତି, ସେହିମାନେ ହିଁ ସବୁଠାରୁ ଅଧିକା ଏହି ଖୟାନତ୍ (ବିଶ୍ୱାସଘାତ) କରୁଛନ୍ତି ।

ପୁଣି ପ୍ରତିଶୃତି ରକ୍ଷା କରିବାର ଚରିତ୍ର ଏପରି କି ଶତ୍ରୁମାନେ ମଧ୍ୟ ଏହା କହିବା ପାଇଁ ବାଧ୍ୟ ହୋଇଯାଉଛନ୍ତି ଯେ ଆପଣ ସ:ଆ:ସ ବଚନରକ୍ଷା କିପରି କରିଛନ୍ତି । ହିର୍‌କଲ୍ ସମ୍ରାଟଙ୍କ ଦରବାରରେ ଅବୁସୁଫିୟାନଙ୍କୁ ଏହା ସ୍ୱୀକାର କରିବାକୁ ପଡ଼ିଲା ଯେ ଆଜି ପର୍ଯ୍ୟନ୍ତ ସେ (ଅର୍ଥାତ ମୁହମ୍ମଦ ସ:ଆ:ସ) କେବେ ଆମ ସହିତ ପ୍ରତିଶୃତି ଭଙ୍ଗ କରିନାହାନ୍ତି । ***(ସହି ମୁସ୍‌ଲିମ୍ କିତାବୁଲ୍ ଜିହାଦ୍............ ହଦିସ୍ ୧୭୭୩)***

ପୁଣି ସୁଲାହ୍ ହୁଦବିୟା ଅବସରରେ ଯେବେ ଚୁକ୍ତିପତ୍ର ଲେଖାଯାଉଥିଲା, ସେତେବେଳେ ଜଣେ ବ୍ୟକ୍ତି ଜଞ୍ଜିର୍ ଦ୍ୱାରା ଆଚ୍ଛାଦିତ ହୋଇ ଆସୁଛନ୍ତି, ଯାହାଙ୍କୁ

ମୁସଲମାନ ହୋଇଯାଇଥିବା ଯୋଗୁଁ ଜଞ୍ଜିର୍ ଦ୍ୱାରା ବାନ୍ଧି ଦିଆଯାଇଅଛି । ସେ ଆସି ଶରଣ ଭିକ୍ଷା କରୁଛି କିନ୍ତୁ ତାଙ୍କ ବାପା ଯିଏ ମୁସଲମାନ ନୁହେଁ, ସେଠାରେ ଉପସ୍ଥିତ ଅଛି । ସେ ଆପଣ ସ:ଆ:ସଙ୍କୁ କହୁଛି ଯେ ଏବେ ଆମର ସନ୍ଧି ହୋଇସାରିଛି ଯେ ଆମର କୌଣସି ବ୍ୟକ୍ତି ଆପଣଙ୍କ ସହିତ ଯିବ ନାହିଁ । ତେଣୁ ଏବେ ଆପଣ ତାକୁ ସାଥିରେ ନେଇ ଯାଇପାରିବେ ନାହିଁ, ସେ ଆପଣଙ୍କୁ ଶରଣ ମାଗୁଥିଲେ ମଧ୍ୟ ଆପଣ ନେଇ ପାରିବେ ନାହିଁ । ସେହି ବ୍ୟକ୍ତି ଜଣଙ୍କ ବହୁତ ଚିତ୍କାର କରୁଥିଲା ଯେ କଣ ମତେ କାଫିର୍‌ମାନଙ୍କ ନିକଟକୁ ଫେରାଇ ଦିଆଯିବ ଯଦ୍ୱାରା ସେମାନେ ମତେ ଦୁଃଖ ଓ କଷଣ ପହଂଚାଇବେ । ଏହା ଶୁଣି ମଧ୍ୟ ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଲେ ହଁ ଏବେ ଚୁକ୍ତି ହୋଇସାରିଛି, ଯେବେ କି ସେତେବେଳେ ଚୁକ୍ତି ଲେଖା ହେଉଥିଲା କେବଳ କିଛି ସର୍ତାବଳୀ ଲେଖାହୋଇଥିଲା କିନ୍ତୁ ଦସ୍ତଖତ ହେବା ପୂର୍ବରୁ ହିଁ ମହାଭାଗ କହିଲେ ଯେହେତୁ ଲେଖା ହୋଇଛି ତେଣୁ ବଡ଼ ଉଦ୍ଦେଶ୍ୟ ଖାତିର୍ ଓ ଏହି ଚୁକ୍ତି/ସନ୍ଧି ଖାତିର୍ ତୁମକୁ ବଳିଦାନ ଦେବାକୁ ପଡ଼ିବ । ତେଣୁ ତୁମେ ଲେଉଟିଯାଅ । କିନ୍ତୁ ତତ୍‌ସହିତ ଏହା ମଧ୍ୟ କହିଦେଲେ ଯେ ତୁମେ କିଛିଦିନ ଧୈର୍ଯ୍ୟ ଧର ମୁଁ ତୁମକୁ ସୁସମାଚାର ଦେଉଅଛି ଯେ ଖୁଦାତାଲା ତୁମ ପାଇଁ କୌଣସି ରାସ୍ତା ବାହାର କରିଦେବେ । ମହାଭାଗ କହିଲେ ଯେ ଏହି ଚୁକ୍ତି/ସନ୍ଧି ଯୋଗୁଁ ମୁଁ ବିବଶ ହୋଇଯାଇଛି କାରଣ ଆମେ ଚୁକ୍ତିଭଙ୍ଗ କରନ୍ତି ନାହିଁ । ***(ସିରତ୍ ଇବ୍‌ନେ ହୁଶାମ୍ ପୃ-୫୦୪........ ମୁଦ୍ରଣ ଦାର ଇବ୍‌ନେ ହଜମ୍ ବେରୁତ ୨୦୦୯)***

ସୁତରାଂ ଏହା ଥିଲା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କର ପ୍ରତିଶୃତି/ସନ୍ଧି ପାଳନ କରିବାର ସ୍ତର । ଆଜିକାଲିର ସାଂସାରିକ/ଭୌତିକବାଦୀ ସରକାର ଏହା ନିକଟରେ ମଧ୍ୟ ପହଂଚିପାରିବେ ନାହିଁ । ଆଜି ଗୋଟିଏ ଚୁକ୍ତି ଯଦି ହେଉଛି ତାହା କାଲି ଭାଙ୍ଗି ଯାଉଛି । କିନ୍ତୁ ଆମକୁ ମଧ୍ୟ ନିଜର ସମୀକ୍ଷା କରିବା ଉଚିତ ଯେ ଆମର ପ୍ରତିଶୃତି ପାଳନ କରିବା ସ୍ତର କିପରି ଅଛି । ଆମ ନିତିଦିନିଆଁ ଜୀବନରେ ଆମକୁ ଆମର ଦୃଷ୍ଟାନ୍ତ ଦେଖିବାକୁ ହେବ । ନିଜର ପାରିବାରିକ ଜୀବନରେ ଆମକୁ ଆମର ଦୃଷ୍ଟାନ୍ତ ଦେଖିବାକୁ ହେବ । ନିଜର ପାରିବାରିକ ଜୀବନରେ ମଧ୍ୟ ଏହାର ଉଦାହରଣ ଦେଖନ୍ତୁ ଯେ କଣ ଆମେମାନେ ପ୍ରତିଶୃତି/ବଚନ ରକ୍ଷା କରୁଅଛେ ? ଆଁ ହଜ୍‌ରତ୍ ସ:ଆ:ସ ତ ପାରିବାରିକ ଜୀବନରେ ପ୍ରତିଶୃତି ରକ୍ଷା କରିବା ସମ୍ବନ୍ଧରେ ଏକଦା କହିଛନ୍ତି ଯେ କୟାମତ ଦିନ ସବୁଠାରୁ ବଡ଼ ଖୟାନତ (କପଟତା/ବିଶ୍ୱାସଘାତକତା) ଏହା ଗଣନା ହେବ ଯେ ଜଣେ ବ୍ୟକ୍ତି ତା ସ୍ତ୍ରୀ ସହିତ ସମ୍ପର୍କ ସ୍ଥାପନ କରିଥିବ ଓ ପୁଣି ସେ ନିଜ ସ୍ତ୍ରୀଙ୍କ ଗୁପ୍ତ ରହସ୍ୟକୁ ମଧ୍ୟ ଲୋକମାନଙ୍କ ନିକଟରେ ବର୍ଣ୍ଣନା କରୁଥିବ ।

***(ସହି ମୁସ୍‌ଲିମ୍, କିତାବୁଲ୍ ନିକାହ୍.......... ହଦିସ୍ ୧୪୩୭)***

ଆଜିକାଲି ଆମେ ଦେଖିବାକୁ ପାଉଛେ ଯେ କେତେକେ ଲୋକ ଏହିଭଳି ନ୍ୟୁନ କାର୍ଯ୍ୟ କରୁଛନ୍ତି । ଅତ୍ୟନ୍ତ ଲଜ୍ଜିତ ଓ ହୀନ ହର୍‌କତ୍ କରୁଛନ୍ତି । ପୁଣି କେବଳ କଥାରେ କହୁନାହାନ୍ତି ବରଂ ହ୍ୱାଟ୍‌ସଆପ୍‌ରେ ଓ ବିଭିନ୍ନ ମିଡ଼ିଆ ଜରିଆରେ, ଆଜିକାଲି ଚାଲିଥିବା ମେସେଞ୍ଜର୍ ମାଧମରେ ଲୋକମାନଙ୍କ ମଧ୍ୟରେ ଏକଥାକୁ ପ୍ରସାର କରୁଛନ୍ତି । ଏହା ବାସ୍ତବିକ ସବୁଠାରୁ ବଡ଼ ବିଶ୍ୱାସ ଘାତକତା । ଅଲ୍ଲାଃ ତାଲା ଏହା ମନା କରିଛନ୍ତି । ପୁଣି ଯଦି ବିଚ୍ଛେଦ ହୋଇଯାଉଛି, ତେବେ ମଧ୍ୟ କାହାକୁ ଏ ଅଧିକାର ନାହିଁ ଯେ ସେ ଜଣେ ଅନ୍ୟଜଣଙ୍କ ରହସ୍ୟ/ଭେଦ/ରାଜ୍ ବାହାରେ ବଖାଣିବ । ଏହା ବହୁତ ବଡ଼ ଖୟାନତ୍ । ଅଲ୍ଲାଃ ତାଲା ଏକଥାକୁ ଧରିବେ ଓ ଏ ସମ୍ବନ୍ଧରେ ନିଶ୍ଚୟ ପଚାରିବେ ।

ଅତଏବ୍ ଏହିପରି ଲୋକମାନଙ୍କୁ ନିଜର ଚିନ୍ତା କରିବା ଉଚିତ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ପ୍ରତିଶୃତି/ବଚନ/ସନ୍ଧି/ଚୁକ୍ତି ପାଳନ କରିବା ସମ୍ବନ୍ଧରେ କହୁଛନ୍ତି ଯେ "କେଡ଼େ ହିଁ ଭାଗ୍ୟବାନ ସେହି ଲୋକମାନେ ଯେଉଁମାନେ ନିଜ ହୃଦୟକୁ ସଫା କରିଛନ୍ତି ଓ ନିଜ ମନକୁ ପ୍ରତ୍ୟେକ ପ୍ରକାରର ଅସନାରୁ ପବିତ୍ର କରିଛନ୍ତି ଓ ନିଜ ପ୍ରଭୁଙ୍କ ସହିତ ନିଷ୍ପାପର ଚୁକ୍ତି କରିଛନ୍ତି । କାରଣ ସେମାନଙ୍କୁ କେବେ ନଷ୍ଟ କରିଦିଆଯିବ ନାହିଁ । ଏହା ସମ୍ଭବ ନୁହେଁ ଯେ ଖୁଦା ସେମାନଙ୍କୁ ଲଜ୍ଜିତ କରିବେ କାରଣ ସେମାନେ ଖୁଦାଙ୍କର ଓ ଖୁଦା ହେଉଛନ୍ତି ତାଙ୍କର । ସେମାନଙ୍କୁ ପ୍ରତ୍ୟେକ ବିପଦ ଆପଦ ସମୟରେ ବଂଚାଇ ଦିଆଯିବ ।"

***(କିଶ୍‌ତି ନୁହ୍, ରୁହାନୀ ଖଜାଇନ୍ ଖଣ୍ଡ-୧୯, ପୃ-୧୯-୨୦)***

ଅତଏବ୍ ଯଦି ଖୁଦାତାଲାଙ୍କ ସହିତ ସମ୍ପର୍କ ସ୍ଥାପନ ହେବ, ତେବେ ପୁଣି ଖୁଦାତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡ଼ିକ ଉପରେ ମଧ୍ୟ ପାଳନ ହେବ ଏବଂ ପାରିବାରିକ ବନ୍ଧନଠାରୁ ନେଇ ବାହ୍ୟ ସାମାଜିକ ବନ୍ଧନ ପର୍ଯ୍ୟନ୍ତ ଏହି ପ୍ରତିଶୃତି ରକ୍ଷା ହୋଇପାରିବ ଏବଂ ଅନ୍ୟାନ୍ୟ ବନ୍ଧନକୁ ମଧ୍ୟ ନିର୍ବାହ କରିବାକୁ ହେବ । କାରବାରରେ ହୋଇଥିବା ଚୁକ୍ତି ଓ ପ୍ରତିଶୃତିରେ ମଧ୍ୟ ଏହି କଥା ପାନଳ ହେବ । ପ୍ରତ୍ୟେକ ପ୍ରକାରର ଚୁକ୍ତି/ ପ୍ରତିଶୃତି କୁ ଖୁଦାତାଲାଙ୍କ ପ୍ରସନ୍ନତାକୁ ସମ୍ମୁଖରେ ରଖି ପାଳନ କରାଯିବ ଫଳତଃ ପ୍ରତ୍ୟେକ ପ୍ରକାରର କ୍ଷତିରୁ ପୁଣି ଏପରି ଲୋକେ ବଂଚିଯିବେ ଯେ ଖୁଦାତାଲାଙ୍କ ନିର୍ଦ୍ଦେଶ ଯୋଗୁଁ ଆମେ ପ୍ରତିଶୃତିକୁ ପାଳନ କରିଛୁ । ଏହା ଜଣେ ପ୍ରକୃତ ଅହେମଦୀର କାର୍ଯ୍ୟଶୈଳୀ ଓ ଜଣେ ମୁସଲମାନର ପନ୍ଥା ହେବା ଉଚିତ ।

ପୁଣି ବିନୟୀଭାବ ଓ ବିନମ୍ରତା ହେଉଛି ବହୁତ ବଡ଼ ଚରିତ୍ । ଏ ସମ୍ବନ୍ଧରେ ଅଲ୍ଲାଃ ତାଲା କହୁଛନ୍ତି ଯେ,

**ଓ୍ୱ ଇବାଦୁର୍ ରହ୍‌ମାନିଲ୍ ଲଜିନା ୟମଶୁନା ଅଲଲ୍ ଅର୍‌ଜି ହୌନନ୍ ଓ୍ୱ ଇଜା ଖାତବ ହୁମୁଲ୍ ଜାହିଲୁନା କାଲୁ ସଲାମା** (ଫୁର୍‌କାନ୍: ୬୪)

ଅର୍ଥାତ: ଏବଂ ଦୟାବାନଙ୍କର (ପ୍ରକୃତ) ଭକ୍ତ ସେହିମାନେ ଯେଉଁମାନେ ଭୂପୃଷ୍ଠରେ ବିନୀତ ଭାବରେ ଚାଲନ୍ତି, ଏବଂ ଯେତେବେଳେ ଅଜ୍ଞ ବ୍ୟକ୍ତିମାନେ ସେମାନଙ୍କୁ ସମ୍ବୋଧନ କରନ୍ତି ସେମାନେ (ତାଙ୍କ ସହିତ କଳହ ନ କରି) କହନ୍ତି, "ଆମମାନେ ତୁମମାନଙ୍କ ଶାନ୍ତି ସକାଶେ ପ୍ରାର୍ଥନା କରୁଅଛୁ ।" ଗୋଟିଏ ପଟକୁ ଚାଲିଯାଆନ୍ତି, ଅନାବଶ୍ୟକ କଥା ହୋଇନଥାନ୍ତି । ଏ ବାବଦରେ ଆଁ ହଜ୍‌ରତ୍ ସ:ଆ:ସଙ୍କର କଣ ଆଦର୍ଶ ଥିଲା ? ହଜ୍‌ରତ୍ ଉମର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏହା କହିବାର ଶୁଣିଛି ଯେ ମୋର ମାତ୍ରାଧିକ ପ୍ରଶଂସା କର ନାହିଁ ଯେଉଁଭଳି ଇସାଇମାନେ ଇସା ଇବ୍‌ନେ ମରିୟମଙ୍କର କରୁଛନ୍ତି । ମୁଁ କେବଳ ଅଲ୍ଲାଃଙ୍କର ଭକ୍ତ । ତେଣୁ ତୁମେମାନେ ମତେ କେବଳ ଅଲ୍ଲାଃଙ୍କ ଭକ୍ତ ଓ ରସୁଲ୍ (ପ୍ରେରିତ ଦୂତ) ହିଁ କୁହ ।

***(ସହି ବଖାରୀ.......... ହଦିସ୍ ୩୪୪୫)***

ହଜ୍‌ରତ୍ ମସହି ମଉଦ୍ ଆ:ସ ଗୋଟିଏ ଅବସରରେ କହିଛନ୍ତି ଯେ: "ଆମ ନବୀ କରିମ୍ ସ:ଆ:ସଙ୍କଠାରୁ ବଳି ଦୁନିଆରେ କୌଣସି ପୂର୍ଣ୍ଣମାନବର ଦୃଷ୍ଟାନ୍ତ ମହଜୁଦ ନାହିଁ ଓ ନା ଆସନ୍ତାକୁ କୟାମତ ପର୍ଯ୍ୟନ୍ତ ହୋଇପାରେ । ପୁଣି ଦେଖନ୍ତୁ ଯେ ଚମତ୍କାର ଦେଖାଇବାର କ୍ଷମତା ମିଳିବା ସତ୍ୱେ ମଧ୍ୟ ହଜୁର ସ:ଆ:ସଙ୍କ ସହିତ ସର୍ବଦା ଭକ୍ତିଭାବ ହିଁ ରହିଛି ଏବଂ ବାରମ୍ବାର **ଇନ୍ନା ଆନା ବଶରୁମ୍ ମିସ୍‌ଲୁକୁମ୍** (କହଫ୍:୧୧୧) ହିଁ କହୁଥିଲେ । (ଅର୍ଥାତ ଆମ୍ଭେ ତୁମମାନଙ୍କ ସଦୃଶ ଜଣେ ମାନବ ମାତ୍ର) ଏପରିକି କଲ୍‌ମାଏ ତୌହିଦ୍ (ଏକେଶ୍ୱରବାଦର ବାଣୀ)ରେ ମଧ୍ୟ ନିଜ ଭକ୍ତିତ୍ୱର ସ୍ୱୀକାରୋକ୍ତିକୁ ଏକ ଅବିଚ୍ଛେଦ ଅଂଶ ଅଭିହିତ କଲେ । ଯାହା ବିନା ମୁସଲମାନ ମୁସଲମାନ ହିଁ ହୋଇପାରେ ନାହିଁ । ଚିନ୍ତାକର ! ଅତଏବ ଯେଉଁଭଳି ଅବସ୍ଥାରେ ହାଦିଏ ଅକମଲ୍‌ଙ୍କ ଜୀବନ ଶୈଳୀ ଆମକୁ ଏ ଶିକ୍ଷା ଦେଉଅଛି ଯେ (ଈଶ୍ୱରଙ୍କ) ନିକଟସ୍ଥ ହେବାର ଉଚ୍ଚତମ ପଦମର୍ଯ୍ୟାଦାରେ ବିଭୁଷିତ ହେବା ସତ୍ୱେ ମଧ୍ୟ ଭକ୍ତିତ୍ୱର ସ୍ୱୀକାରୋକ୍ତିକୁ ହାତଛଡ଼ା କରିନାହାନ୍ତି । ତେବେ ଅନ୍ୟକାହାର ତ ଏପରି ଭାବିବା ଓ ଏପରି କଥା ମନରେ ଆଣିବା ହିଁ ନିରର୍ଥକ ଓ ବ୍ୟର୍ଥ ।"

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୧୭-୧୧୮)***

ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ଅବସରରେ କହିଛନ୍ତି ଯେ ତୁମେମାନେ ନିଜ ନିଜର ଝଗଡ଼ା / କଳିକୁ ନେଇ ମୋ ନିକଟକୁ ଆସୁଛ । ମୁଁ ମଧ୍ୟ ଜଣେ ମାନବ । ହୋଇପାରେ ତୁମମାନଙ୍କ ମଧ୍ୟରୁ ଜଣେ ନିଜର ଦଲିଲ (ତର୍କ) ଉପସ୍ଥାପନ କରିବାରେ ଅନ୍ୟଠାରୁ ଅଧିକ ତେଜ୍ ହୋଇଥିବ ତେଣୁ ମୁଁ ଯେଉଁଭଳି ଶୁଣିବି ତଦାନୁସାରେ ସେହି ଲୋକଟିର ସପକ୍ଷରେ ନିଷ୍ପତି କେରିଦେବି ଯିଏ ଅଧିକା କହିବାବାଲା ହୋଇଥାଏ, ଅଧିକା ତର୍କ ଉପସ୍ଥାପନ କରିଥାଏ । ଅତଏବ୍ ଯାହାକୁ ମୁଁ ତା ଭାଇର ହକ୍‌ରୁ କିଛି ଦିଏ, ସେହି ଦଲିଲ୍ ଅନୁସାରେ ଦେଇଦିଏ ଯେବେ କି ତାହା ତା'ର ହକ୍ ନୁହେଁ ବରଂ ତା ଭାଇର ହକ୍ ହେଉଥିବ ଓ ମୁଁ ତା ଭାଇର ହକ୍‌କୁ ତାକୁ କିଛି ଦେଇଦିଏ, ତେବେ ସେ ତାକୁ ନ ନେଉ । ଇମାନ୍‌ଦାରୀ ଏହା ଆବଶ୍ୟକ କରୁଛି ଯେ ନିଷ୍ପତି ହେବା ସତ୍ୱେ ମଧ୍ୟ ସେ ନ ନେଉ କାରଣ ଏପରି ସ୍ଥଳେ ମୁଁ ତାକୁ ଏକ ଖଣ୍ଡେ ନିଆଁ ଦେଉଅଛି ।

***(ସହି ବୁଖାରୀ, କିତାବୁଶ୍ ଶାହାଦାତ୍...... ହଦିସ୍ ୨୬୮୦)***

ନିଜ ସପକ୍ଷରେ ତ ନିଷ୍ପତି କରାଇନେବ କିନ୍ତୁ ତାହା ନିଆଁ ଖଣ୍ଡ ହେବ । ଏହା ଭଲ ହେବ ଯେ ସେହି ନିଆଁଖଣ୍ଡରୁ ବଂଚ । ନର୍କର ଅଗ୍ନୀରୁ ବଂଚ ଏବଂ ସଫାସଫା କହିଦିଅ ଯେ ନୁହେଁ ଏହା ମୋର ହକ୍ ନୁହେଁ । ହକ୍ ଆଉ କାହାର ଅଛି ।

*ଅବିଶିଷ୍ଟାଂଶ ପୃଷ୍ଠା- ୧୭ ରେ ଦେଖନ୍ତୁ .....*

# ଶ୍ରେଷ୍ଠ ଅବତାର ରୂପରେ ହଜରତ ମୁହମ୍ମଦ ସଲଲ୍ଲାହୁ ଆଲୈହେ ୱ ସଲ୍ଲମ୍

## (ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ଖଲିଫତୁଲ୍ ମସିହି ଦ୍ୱିତୀୟ ରଜିୟଲ୍ଲାହୁ ଅନ୍‌ହୁ)

ଏହି ନିବନ୍ଧଟି ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ତଫ୍‌ସିର୍ କବୀର ଖଣ୍ଡ-୧୦ ସୁର୍‌ତୁଲ୍ କୌସରର ତଫ୍‌ସିର୍‌ରୁ ନିଆଯାଇଅଛି । ଆପଣ ର:ଅ କୌସର୍‌ର ବ୍ୟାଖ୍ୟା କରି ହଜରତ ମୁହମ୍ମଦ ସ:ଆ:ସଙ୍କ ନବୁଓ୍ୱତ୍‌ର ଯେଉଁ ବୈଶିଷ୍ଟ୍ୟତା ବର୍ଣ୍ଣନା କରିଛନ୍ତି, ତାହା ପାଠକଙ୍କ ସେବାରେ ଉପସ୍ଥାପନ କରାଯାଉଅଛି । (କାର୍ଯ୍ୟାଳୟ)

ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି: ପ୍ରଥମେ ଏ ଅର୍ଥ (ଅର୍ଥାତ ସୁରଃ କୌସର୍‌ର) ଥିଲା ଯେ ନବୁଓ୍ୱତ୍ ଗୁଣଗୁଡ଼ିକ ଉଚ୍ଚସ୍ତରର ମିଳିବା ଓ ବହୁମାତ୍ରାରେ ମିଳିବା । ଏହି ବିଷୟର ବ୍ୟାପକତାର କୌଣସି ଅନ୍ତ ନାହିଁ । ଖୁଦାତାଲାଙ୍କ ବ୍ୟତିତ ଆଉ କେହି ଏହାକୁ ସମ୍ପୁର୍ଣ୍ଣରୂପେ ବର୍ଣ୍ଣନା କରିପାରିବେ ନାହିଁ । କିନ୍ତୁ ଉଦାହରଣ ସ୍ୱରୁପ କିଛି କଥା ବର୍ଣ୍ଣନା କରାଯାଇପାରେ । ଏ ସମ୍ବନ୍ଧରେ ଆମକୁ ସର୍ବପ୍ରଥମେ ଏହା ଦେଖିବାକୁ ହେବ ଯେ ଆପଣ ସ:ଆ:ସଙ୍କର ଦାଓ୍ୱା (ଦାବି) କଣ ଥିଲା, କାରଣ କାହାର ସୁଗୁଣ ବିଷୟରେ ଜାଣିବାକୁ ହେଲେ ଏହା ଜରୁରୀ ଯେ ତା'ର ଦାବି ବିଷୟରେ ଜଣାଯାଉ । ଉଦାହରଣ ସ୍ୱରୁପ ଯଦି ଜଣେ ବ୍ୟକ୍ତି ଆମ ନିକଟକୁ ଆସି କହିଥାଏ ଯେ ମୁଁ ହେଉଛି ସବୁଠାରୁ ବଡ଼ ଶିକ୍ଷକ, ତେବେ ଏପରି ସ୍ଥଳେ ଆମେ ଦେଖିବା ଯେ କଣ ଶିକ୍ଷକ ହେବାର ସମସ୍ତ (ଗୁଣ ଓ) ସର୍ତାବଳୀଗୁଡ଼ିକ ତା ନିକଟରେ ମିଳୁଛି କି ନାହିଁ । ଯଦି ସେହି ସର୍ତଗୁଡ଼ିକ ଅନ୍ୟମାନଙ୍କ ତୁଳନାରେ ତା'ଠାରେ ଅଧିକା ଥିବ ତେବେ ଆମେ ମାନିନେବା ଯେ ସେ ସବୁଠାରୁ ବଡ଼ ଶିକ୍ଷକ । କିନ୍ତୁ ଯଦି କିଏ କହେ ଯେ ମୁଁ ହେଉଛି ସବୁଠାରୁ ବଡ଼ ଶିକ୍ଷକ କିନ୍ତୁ ଯଦି ପ୍ରଶ୍ନ ପଚରାଯାଏ ଯେ ତୁମ ଭିତରେ କେଉଁ ସବୁ ବୈଶିଷ୍ଟ୍ୟତା ମିଳେ ଓ ସେ କହିଥାଏ ଯେ ମୁଁ ବହୁତ ଅଣ୍ଡା ଖାଇପାରେ ତେବେ ଏକଥା ଶୁଣି ସମସ୍ତେ ହସିବେ । କିନ୍ତୁ ଯେବେ ସେ କହେ କି ମୁଁ ଅଧିକ ଖାଦ୍ୟ ଖାଏ ଓ ଅଧିକା ଭାର ବହନ କରିପାରେ, ଅଧିକା ଦଣ୍ଡ ମାରିଥାଏ ଏବଂ ବିଭିନ୍ନ ପ୍ରକାରର ଶାରିରୀକ କର୍ତବ ଦେଖାଇଥାଏ ତେବେ ଆମେ କହିପାରିବୁ ଯେ ଠିକ୍ କହୁଛି । ପୁଣି ଆମେ ତାକୁ ଏକଥା ପଚାରିବୁ ନାହିଁ କି କଣ ତୁମେ କେଂଟଙ୍କ ଦର୍ଶନ ଜାଣିଛ କି ? ଯଦି ଆମେ ତାକୁ ପଚାରିବୁ ଯେ କଣ ତୁମେ କେଂଟଙ୍କ ଦର୍ଶନ ଜାଣିଛ, ତେବେ ସେ ତତ୍‌କ୍ଷଣାତ୍ କହିଦେବ ଯେ ମୋର ଦର୍ଶନ ସହିତ କଣ ସମ୍ପର୍କ ମୁଁ ତ ମଲ୍ଲଯୋଦ୍ଧା ହେବାର ଦାବି କରିଛି ଦାର୍ଶନିକର ଦାବି କରିନାହିଁ । ଅତଃ ଯଦି ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଏକଥା କହିଛନ୍ତି ଯେ ମୁଁ ସମସ୍ତଙ୍କଠାରୁ ବଡ଼ ବୋଲି, ତେବେ ଆମେ ଦେଖିବା ଯେ ଆପଣଙ୍କ ଦାବି କଣ ଥିଲା ଏବଂ କେଉଁମାନେ ଆପଣଙ୍କ ଦାବିରେ ଯୋଗ ଦେଇଛନ୍ତି । ଯଦ୍ୱାରା ଆମେ ତାଙ୍କ ସହିତ ଆପଣଙ୍କ ମୁକାବିଲା କରିଦେଖିବା ଓ ଜାଣିବା ଯେ କଣ ଆପଣ ବାସ୍ତବରେ ସମସ୍ତଙ୍କଠାରୁ ବଡ଼ ବା ନୁହେଁ । ଏହି ଦୃଷ୍ଟିକୋଣରୁ ଯେବେ ଆମେ ଚିନ୍ତା କରୁଛେ ଯେ ରସୁଲେ କରିମ୍ ସ:ଆ:ସଙ୍କର ଦାବି କଣ ଥିଲା ? ସେତେବଳେ ଆମକୁ ପବିତ୍ର କୁର୍‌ଆନ୍‌ରେ ଏହି ଆୟତ ମିଳୁଛି ଯେ : **ଇନ୍ନା ଅର୍‌ସଲ୍‌ନା ଇଲୈକୁମ୍ ରସୁଲନ୍ ଶାହିଦନ୍ ଆଲୈକୁମ୍ କମା ଅର୍‌ସଲ୍‌ନା ଇଲା ଫିର୍‌ଅଓନା ରସୁଲା** (ମୁଜମ୍ମିଲ:୧୬) ଅର୍ଥାତ: ହେ ଲୋକମାନେ ! ଆମ୍ଭେ ତୁମମାନଙ୍କ ନିକଟକୁ ଏପରି ଜଣେ ରସୁଲଙ୍କୁ ପ୍ରେରଣ କରିଅଛୁ ଯେ କି ତୁମମାନଙ୍କର ତତ୍ୱାବଧାରକ ଅଟନ୍ତି, ଯେପରି ଆମ୍ଭେ ଫିର୍‌ଔନ୍ ନିକଟକୁ ରସୁଲ ପ୍ରେରଣ କରିଥିଲୁ । ଏ ଦୁନିଆରେ ଯେତେକ ନବୀ ଆସିଛନ୍ତି, ସେମାନଙ୍କ ମଧ୍ୟରେ ପ୍ରଶିଦ୍ଧ ନବୀ ମୁସାଙ୍କ ସିଲ୍‌ସିଲାରେ ଆସିଥିବା ନବୀମାନେ ହିଁ ହୋଇଛନ୍ତି । ହଜ୍‌ରତ୍ କୃଷ୍ଣ ଆ:ସ ଓ ହଜ୍‌ରତ୍ ରାମଚନ୍ଦ୍ର ଆ:ସଙ୍କ ନବୁଓ୍ୱତ୍‌କୁ ଅନ୍ୟ ମୁସଲମାନମାନେ ତ ମାନୁନାହାନ୍ତି, ଆମେ ମାନୁଛୁ କିନ୍ତୁ ଆମ ନିକଟରେ ସେମାନଙ୍କର ଇତିହାସ ସୁରକ୍ଷିତ ନାହିଁ । ସେମାନଙ୍କ ଶିକ୍ଷା କି ପ୍ରକାରର ଥିଲା ଆମକୁ ତାହାର ବିବରଣୀ କିଛି ଜଣାନାହିଁ । କେବଳ ଗୀତା ଏପରି ଏକ ପୁସ୍ତକ ଯାହାକୁ ହଜ୍‌ରତ୍ କୃଷ୍ଣ ଆ:ସଙ୍କ ସହିତ ଯୋଡ଼ାଯାଉଛି କିନ୍ତୁ ସେଥିରେ ମଧ୍ୟ ସାଧାରଣତଃ ଯୁଦ୍ଧ ଓ ପୌରାଣିକ ଘଟଣାବଳୀମାନ ବର୍ଣ୍ଣିତ ରହିଛି । ହଜରତ କୃଷ୍ଣ ଆ:ସଙ୍କ ଦାବିର ବିବରଣୀ ସେଥିରେ ମିଳୁନାହିଁ । ସେ ଯାହା ହେଉ ଇସ୍‌ରାଇଲୀୟ ନବୀମାନଙ୍କର ଇତିହାସ କିଛି ମାତ୍ରାରେ ସୁରକ୍ଷିତ ଅଛି । ସେମାନଙ୍କର ସର୍‌ଦାର୍ ହଜ୍‌ରତ୍ ମୁସା ଆ:ସ ଥିଲେ ଏବଂ ଅଲ୍ଲାଃ ତାଲା ରସୁଲେ କରିମ୍ ସ:ଆ:ସଙ୍କୁ ସମ୍ବୋଧନ କରି କହିଲେ ତୁମେ ମଧ୍ୟ ମୁସାଙ୍କ ପରି ନବୀ । ଅର୍ଥାତ ହଜ୍‌ରତ୍ ମୁସା ଆ:ସ ସେହି ଜିନିଷରେ ସାମିଲ ଥିଲେ ଯେଉଁ ଜିନିଷରେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ସାମିଲ ଥିଲେ । ଏବେ ଏହା ପ୍ରକାଶ୍ୟ କଥା ଯେ ହଜ୍‌ରତ୍ ମୁସା ଆ:ସଙ୍କୁ ନବୁଓ୍ୱତ୍‌ର ଯେଉଁ ବୈଶିଷ୍ଟ୍ୟତା ପ୍ରଦାନ କରାଯାଇଥିଲା ଯଦି ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ବୈଶିଷ୍ଟ୍ୟତା ତାଙ୍କଠାରୁ ଅଧିକା ପ୍ରମାଣ ହୋଇଯିବ ତେବେ ନିଶ୍ଚିତରୂପେ ରସୁଲେ କରିମ୍ ସ:ଆ:ସଙ୍କୁ କୌସର୍ ମିଳିବା ମଧ୍ୟ ପ୍ରମାଣିତ ହୋଇଯିବ । କାରଣ ଖୁଦାତାଲା କେବଳ ଏହା କହିନାହାନ୍ତି ଯେ ହଜ୍‌ରତ୍ ମୁସା ଆ:ସ ଏବଂ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଗୋଟିଏ ହିଁ ପ୍ରକାରର ଓ ଆପଣ ସ:ଆ:ସଙ୍କ ବୈଶିଷ୍ଟ୍ୟତା ହଜ୍‌ରତ୍ ମୁସା ଆ:ସଙ୍କ ବୈଶିଷ୍ଟ୍ୟତା ସହ ସମାନ ବୋଲି ବରଂ ଅଲ୍ଲାଃ ତାଲା କହିଛନ୍ତି **ଇନ୍ନା ଆତୈନାକାଲ୍ କୌସର୍** ଯେଉଁ ଜିନିଷ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ମିଳିଛି ତାହା ଅନ୍ୟମାନଙ୍କଠାରୁ ଅଧିକା । ଅର୍ଥାତ ହଜ୍‌ରତ୍ ମୁସା ଆ:ସଙ୍କ ବୈଶିଷ୍ଟ୍ୟତା ମଧ୍ୟ ଆପଣଙ୍କୁ ମିଳିଲା ଓ ପୁଣି ତା'ଠାରୁ ଅଧିକ ମିଳିଲା । ଏବେ ଆମେ ଦେଖୁଛେ ଯେ ହଜ୍‌ରତ୍ ମୁସା ଆ:ସଙ୍କ ସହିତ କଣ ସବୁ ବଡ଼ ବଡ଼ ଘଟଣା ଘଟିଛି ଏବଂ ପୁଣି ସେ ସବୁର ତୁଳନା ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଘଟିଥିବା ଘଟଣାବଳୀଗୁଡ଼ିକ ସହିତ କରି ଦେଖିବା, ତା'ପରେ ଜାଣିପାରିବା ଯେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅଲ୍ଲାଃ ତାଲା କେଉଁ କେଉଁ ପ୍ରକାରର କୌସର୍ ପ୍ରଦାନ କରିଛନ୍ତି । ଏ ବାବଦରେ ଯେବେ ଆମେ ହଜ୍‌ରତ୍ ମୁସା ଆ:ସଙ୍କ ଅବସ୍ଥା ଉପରେ ଅଧୟନ କରୁଛେ ତେବେ ଆମକୁ ଏହା ଜ୍ଞାତ ହେଉଛି ଯେ:

(୧) ହଜ୍‌ରତ୍ ମୁସା ଆ:ସ ଈଶ୍ୱରଙ୍କ ବାଣୀକୁ ପ୍ରସାର କରିବାରେ ଏବଂ ଲୋକମାନଙ୍କୁ ଆଧାତ୍ମିକ ଜ୍ଞାନ ଶିକ୍ଷା ଦେବାପାଇଁ ଆସିଥିଲେ । ଏହା ଏକ ସିଧା କଥା ଯେ ବ୍ୟବହାରୀକ ଜ୍ଞାନ ଏହି କାର୍ଯ୍ୟକୁ ବହୁତ ସାହାଯ୍ୟ କରିଥାଏ । ଜ୍ଞାନ ଶିଖାଇବା କାର୍ଯ୍ୟରେ ଶିକ୍ଷିତ ବ୍ୟକ୍ତି ପାଇଁ ବହୁତ ସହଜ ହୋଇଥାଏ । ଅତଏବ୍  ହଜ୍‌ରତ୍ ମୁସା ଆ:ସଙ୍କୁ ଯେବେ ନବୀ ବନାଗଲା, ସେତେବେଳେ ସେ (ଶିକ୍ଷିତ ଅର୍ଥାତ) ଲେଖାପଢ଼ା ଜାଣିଥିଲେ । ପବିତ୍ର କୁର୍‌ଆନ୍ ଓ ତୌରାତ୍ ଦୁଇଟିଯାକରୁ ଏ ବିଷୟ ଜଣାପଡୁଛି । ଅର୍ଥାତ ହଜ୍‌ରତ୍ ମୁସା ଆ:ସଙ୍କୁ ଯେବେ ନବୀମାନଙ୍କ କାର୍ଯ୍ୟ ଦିଆଗଲା, ସେତେବେଳେ ଧାର୍ମିକ ଅସ୍ତ୍ର ତାଙ୍କ ନିକଟରେ ମହଜୁଦ୍ ଥିଲା । ଅର୍ଥାତ ସେ ଶିକ୍ଷିତ ଥିଲେ ଓ ନିଜ କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇବାକୁ ସକ୍ଷମ ଥିଲେ । କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଯେବେ ସେହି କାର୍ଯ୍ୟ ନ୍ୟସ୍ତ କରାଗଲା, ଆପଣ ସ:ଆ:ସ ପଢ଼ା ଲେଖା ଜାଣିନଥିଲେ କିନ୍ତୁ ଅଶିକ୍ଷିତ ହେବା ସତ୍ତ୍ୱେ ମଧ୍ୟ ଆପଣ ସ:ଆ:ସ ହଜ୍‌ରତ୍ ମୁସା ଆ:ସଙ୍କ ଅପେକ୍ଷା ଅଧିକା ସଫଳତା ପ୍ରାପ୍ତ କଲେ । ଏହା ବହୁତ ବଡ଼ ଶ୍ରେଷ୍ଠତ୍ୱ ଯାହା ରସୁଲେ କରିମ୍ ସ:ଆ:ସଙ୍କୁ ହଜ୍‌ରତ୍ ମୁସା ଆ:ସଙ୍କ ଉପରେ ପ୍ରାପ୍ତ ହୋଇଥିଲା ।

(୨) ହଜ୍‌ରତ୍ ମୁସା ଆ:ସ ଏକ ଜାତି ନିମନ୍ତେ ଆସିଥିଲେ, ଯାହା ସଭ୍ୟ ସମାଜ ଥିଲା । ସେ ଯେତେବେଳେ ମିସର୍ ଦେଶରେ ଆସିଲେ, ସେ ସମୟରେ ମିସରୀୟ ଜାତି ଉଚ୍ଚ ଜାତି ରୂପେ ଅଭିହିତ ହେଉଥିଲା ଏବଂ ଯେହେତୁ ବନି ଇସ୍‌ରାଇଲ୍ ମଧ୍ୟ ତାଙ୍କ ସହିତ ରହୁଥିଲେ ତେଣୁ ଇସ୍‌ରାଇଲୀୟ ଜାତି ମଧ୍ୟ ଶିକ୍ଷିତ ଓ ସଭ୍ୟ ଥିଲେ । ଶିକ୍ଷିତ ଓ ସଭ୍ୟ ଲୋକମାନଙ୍କୁ ଧର୍ମ ଶିକ୍ଷା/ଜ୍ଞାନ ଶିଖାଇବା ଅଧିକ ସହଜ ହୋଇଥାଏ । ସେମାନଙ୍କ ମଧ୍ୟରେ ବ୍ୟବସ୍ଥାକୁ ପ୍ରତିଷ୍ଠା କରିବା ଓ ସେମାନଙ୍କ ଭିତରେ ସଂଘୀୟ ଆତ୍ମା ସୃଷ୍ଟି କରିବା ଅନ୍ୟମାନଙ୍କ ତୁଳନାରେ ସହଜ ହୋଇଥାଏ । କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଏପରି ଏକ ଜାତିରେ ଅବିର୍ଭୁତ ହୋଇଥିଲେ ଯାହ ଅସଭ୍ୟ ଥିଲା ଓ ବ୍ୟବହାରିକ ଜ୍ଞାନରୁ ସମ୍ପୁର୍ଣ୍ଣରୂପେ ଅପରିଚିତ ଥିଲା । ଅତଃ ହଜ୍‌ରତ୍ ଉମର୍ ର:ଅଙ୍କ ସମୟର ଗୋଟିଏ ଘଟଣା ଏପରି ରହିଛି କି ଯେତେବେଳେ ମୁସଲ୍‌ମାନମାନଙ୍କର କିସ୍‌ରା ସହିତ ଯୁଦ୍ଧ ଚାଲିଥିଲା, ଥରେ କିସ୍‌ରା ଦରବାରୀମାନଙ୍କୁ କହିଲା ଯେ ତୁମେ ସେହି ଲୋକମାନଙ୍କୁ ମୋ ନିକଟରେ ଉପସ୍ଥିତ କରାଅ । ଜଣାପଡୁଛି ତୁମେମାନେ ସେମାନଙ୍କ ସହିତ ଉତମ ବ୍ୟବହାର କରୁନାହଁ । ମୁଁ ସେମାନଙ୍କୁ ଟଙ୍କା ଦେଇଦେବି ଫଳତଃ ସେମାନେ ଖୁସି ହୋଇ ଏଠାରୁ ଲେଉଟି ଯିବେ । ଅତଏବ୍ କିସ୍‌ରା ଇସଲାମୀୟ ସେନାର ଜର୍ନେଲ୍‌ଙ୍କ ନିକଟକୁ ଖବର ପଠାଇଲେ ଯେ ମୋ ନିକଟକୁ ନିଜର ୱଫଦ୍‌କୁ ପଠାଅ । ଯେତେବେଳେ ସେହି ୱଫଦ୍ କିସ୍‌ରାଙ୍କ ଦରବାରରେ ପହଂଚିଲା, କିସ୍‌ରା ସେମାନଙ୍କୁ କହିଲା ତୁମେମାନେ ହିଂସ୍ର ଓ ମୁର୍ଦ୍ଦାର ଭକ୍ଷଣକାରୀ ଏବଂ ମଳ ପାନକାରୀ ଲୋକେ । ତୁମର ସମ୍ରାଟ ଓ ସାମ୍ରାଜ୍ୟ ସହିତ କଣ ସମ୍ପର୍କ । ମୁ ତୁମକୁ ଟଙ୍କା ଦେଉଛି ତୁମେ ଫେରିଯାଇ ତାହା ଖର୍ଚ୍ଚ କର ଓ ଘରେ ଆରାମରେ ବସ  । ଯଦି ତୁମେ ଲେଉଟିଯିବା ପାଇଁ ପ୍ରସ୍ତୁତ ହେବ, ତେବେ ମୁଁ ପ୍ରତିଶୃତି ଦେଉଛି ଯେ ମୁଁ ତୁମର ପ୍ରତ୍ୟେକ ସିପାହୀକୁ ଗୋଟିଏ ଲେଖା ଅଶ୍‌ରଫି ଦେବି । ଯେବେ କିସ୍‌ରା ନିଜର କଥା ଶେଷ କଲା, ୱଫଦ୍‌ର ସର୍ଦ୍ଦାର ଯିଏ ଜଣେ ସାହାବି ଥିଲେ, ଉତରରେ କହିଲେ ଯେ ଆପଣ ଯାହା କିଛି କହିଛନ୍ତି ଠିକ୍ ଅଛି ଆମେ ବାସ୍ତବରେ ସେହିଭଳି ଥିଲୁ, ଆମେ ହିଂସ୍ରଥିଲୁ, ଆମେ ମୁର୍ଦ୍ଦାର ଖାଉଥିଲୁ, ଆମେ ମଳ ଖାଉଥିଲୁ, ଆମେ ଅନାଥମାନଙ୍କ ସହିତ ଖରାପ ବ୍ୟବହାର କରୁଥିଲୁ, ଆମେ ଆମ ମାଆମାନଙ୍କ ସହିତ (ଅର୍ଥାତ ବାପାଙ୍କ ଅନ୍ତେ ବାପାଙ୍କ ଦ୍ୱିତୀୟ ପତ୍ନୀଙ୍କ ସହିତ) ବିବାହ କରୁଥିଲୁ ଏବଂ ଆମ ଭିତରେ ଏହି ସମସ୍ତ ଦୋଷ ଦୃବଳତା ଭରି ରହିଥିଲା କିନ୍ତୁ ଅଲ୍ଲାଃ ତାଲା ଆମ ନିକଟକୁ ଜଣେ ରସୁଲ୍ (ଦୂତ) ପ୍ରେରଣ କଲେ ଯାହାଙ୍କୁ ଆମେ ମାନିନେଲୁ । ଫଳତଃ ଏବେ ଆମର ଅବସ୍ଥା ବଦଳି ଯାଇଛି । ଏବେ ଆମେ ପୂର୍ବପରି ନାହୁଁ । ଏବେ ଆମେ ଏହି ପ୍ରକାର ପ୍ରଲୋଭନରେ ପଡ଼ିବୁ ନାହିଁ । ତୁମ ଓ ଆମ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଛି । ଏବେ ଏହାର ନିଷ୍ପତି ରଣଭୁମିରେ ହେବ । ଅଶ୍‌ରଫି ଓ ଲୋଭ ଦ୍ୱାରା ହେବ ନାହିଁ । ଆମେ ତୁମକୁ ମାରିବୁ ଅଥବା ନିଜେ ଏହି ଯୁଦ୍ଧରେ ଲଢ଼ି ଶହୀଦ୍ ହୋଇଯିବୁ । ଏହା ଶୁଣି ସମ୍ରାଟ ତା'ର ଜଣେ ଭୃତ୍ୟକୁ କହିଲା ଯାଇ ଗୋଟିଏ ମାଟି ଭର୍ତୀ ମୁଣା ନେଇଆସ । ସେହି ଭୃତ୍ୟ ଯାଇ ଗୋଟିଏ ମାଟିଭରା ମୁଣା ଧରି ଆସିଲା । କିସ୍‌ରା ସେହି ସାହାବିଙ୍କୁ କହିଲା ଟିକିଏ ଆଗକୁ ଆସ ।

ସେ ଆଗକୁ ଆସିବା କ୍ଷଣି ସମ୍ରାଟ ତା ଭୃତ୍ୟକୁ କହିଲା ଯାଅ ମୁଣାଟିକୁ ତା ମୁଣ୍ଡ ଉପରେ ରଖିନିଅ । ସେହି ସାହାବି ଜଣକ ଅସ୍ୱୀକାର ମଧ୍ୟ କରିପାରିଥାନ୍ତେ କିନ୍ତୁ ସେ ବହୁତ ବିନମ୍ରତାର ସହିତ ନଇଁ ପଡ଼ିଲେ ଓ ସେହି ଅଖାଟିକୁ ନିଜ ମୁଣ୍ଡରେ ଉଠାଇନେଲେ । କିସ୍‌ରା ସମ୍ରାଟ କହିଲା ଚାଲିଯାଅ ମୁଁ ତୁମକୁ କିଛି ଦେବାପାଇଁ ପ୍ରସ୍ତୁତ ନୁହେଁ । ଏହି ମାଟି ମୁଁ ତୁମ ଉପରେ ପକାଉଛି । ସେହି ସାହାବି ଜଣଙ୍କ କୁଦାମାରି ସେଠାରୁ ବାହାରିଲେ ଓ ନିଜ ସାଥିମାନଙ୍କୁ କହିଲେ ଚାଲ ସମ୍ରାଟ ନିଜେ ନିଜ ହାତରେ ଇରାନ୍‌ର ଭୂମିକୁ ଆମକୁ ଅର୍ପଣ କରିଦେଲେ । ସମ୍ରାଟ ଜଣେ ମୁଶ୍‌ରିକ୍ (ଅନେକେଶ୍ୱର ଉପାସନାକାରୀ) ଥିଲେ । ମୁଶ୍‌ରିକ୍ ଅନ୍ଧବିଶ୍ୱାସୀ ହୋଇଥାଏ । ତେଣୁ ସେ ଏପରି ବାକ୍ୟ ଶୁଣି ଥରିଗଲା ଓ ସେ ତା ଦରବାରୀମାନଙ୍କୁ କହିଲା ଦଉଡ଼ି ଯାଅ ଓ ସେମାନଙ୍କୁ ଧରି ନେଇଆସ । କିନ୍ତୁ ସେମାନେ ସେତେବେଳେକୁ ଘୋଡ଼ାରେ ବସି ବହୁତ ଦୂରକୁ ଚାଲିଯାଇଥିଲେ । ସୁତରାଂ ହଜ୍‌ରତ୍ ମୁସା ଆ:ସ ଯେଉଁ ଜାତି ଓ ଯେଉଁ ଦେଶପାଇଁ କାମ କରିଛନ୍ତି ସେହି ଜାତି ଓ ଦେଶ ସବୁଠାରୁ ଅଧିକା ସଭ୍ୟ ଥିଲା ସେଠାରେ ଯେଉଁ ପ୍ରାଚିନ କଳାକୃତି ରହିଛି ସେଥିରୁ ମଧ୍ୟ ଏ ବିଷୟରେ ଜଣାପଡୁଛି । ସେ ଯୁଗର ଅଟ୍ଟାଳିକା ଗୁଡ଼ିକୁ ଦେଖନ୍ତୁ, ଆଜିକାଲିର କୋଠାବାଡ଼ି ସବୁ ତା ସାମନାରେ ତୁଚ୍ଛ ମନେ ହେଉଛି । ସେମାନଙ୍କର ବିଜ୍ଞାନକୁ ଦେଖନ୍ତୁ ମୁର୍ଦ୍ଦାରମାନଙ୍କୁ ସେମାନେ ମସଲା ଲଗାଇ ଏପରି ରଖିଛନ୍ତି ଯେ ତାହା ଏବେ ମଧ୍ୟ ଜୀବନ୍ତ ଲାଗୁଛନ୍ତି । ମୁଁ ସେହି ମମିଗୁଡ଼ିକୁ ନିଜେ ଦେଖିଛି, ସେଗୁଡ଼ିକ ଉପରୁ କପଡ଼ା କାଢ଼ିନେଲେ ଏପରି ଲାଗୁଛି ଯେମିତି ଜଣେ ଲୋକ ଶୋଇ ରହିଛି । ଟିକିଏ ପତଳା ହୋଇଯାଇଛି । ୟୁରୋପୀୟମାନେ ଆଜି ପର୍ଯ୍ୟନ୍ତ ଏପରି କରିବାପାଇଁ ଚେଷ୍ଟା ଚଳାଇଛନ୍ତି କିନ୍ତୁ ସଫଳ ହୋଇନାହାନ୍ତି । ଏବେ ସେମାନେ ମମିରୁ ମସଲାବାହାର କରି ସେସବୁର ପରୀକ୍ଷଣ କରିଛନ୍ତି ଓ କିଛି ମାତ୍ରାରେ ସେଗୁଡ଼ିକୁ ସୁରକ୍ଷିତ ରଖିବାରେ ସଫଳ ହେଲେଣି । ଯେବେକି ସେମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମସଲା ଦଶ ବାର ବର୍ଷ ପର୍ଯ୍ୟନ୍ତ ଯାଉଛି । କିନ୍ତୁ ମିଶରୀୟମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ମମିଗୁଡ଼ିକ ହଜାର ହଜାର ବର୍ଷରୁ ସୁରକ୍ଷିତ ହୋଇ ରହି ଆସୁଛନ୍ତି । ୩୪୦୦ ବର୍ଷ ବରଂ ଏହାଠାରୁ ବି ଅଧିକା ପୁରୁଣା ମୁର୍ଦ୍ଦାର ସବୁ ଏ ପର୍ଯ୍ୟନ୍ତ ସୁରକ୍ଷିତ ଅଛନ୍ତି । ଏହା କେତେବଡ଼ ଉନ୍ନତି ଥିଲା ଯାହାର ମୁକାବିଲା ଆଜିକାଲିର ଜାତିସବୁ ମଧ୍ୟ କରିପାରିନାହାନ୍ତି । ପୁଣି ମିଶରୀୟ କୌମ୍‌ରେ ସୁନା କାର୍ଯ୍ୟ ଅତ୍ୟନ୍ତ ଉଚ୍ଚ କୋଟିର ହେଉଥିଲା ଯାହା ସେମାନଙ୍କ ଉନ୍ନତିର ଚିହ୍ନ । ଏଥିରୁ ଅନୁମାନ ଲଗାଯାଇପାରେ ଯେ ମିଶରୀୟ ଜାତି ସହିତ ରହିଥିବା ଲୋକମାନେ କେତେ ସଭ୍ୟ ଓ ଉନ୍ନତ ହୋଇଥିବେ । ଅତଏବ ହଜ୍‌ରତ୍ ମୁସା ଆ:ସ ସେହି ଜାତିଙ୍କଠାରୁ କାମ ନେଲେ ଯେଉଁମାନେ ସଭ୍ୟଥିଲେ ଓ ବ୍ୟବହାରିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ । କିନ୍ତୁ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଏପରି କୌମଠାରୁ କାମ ନେଲେ ଯେଉଁମାନେ ନିଜ ମାଆମାନଙ୍କୁ ସମ୍ମାନ ଦେବା ମଧ୍ୟ ଜାଣିନଥିଲେ ବରଂ ସେମାନଙ୍କ ସହିତ ବିବାହ ମଧ୍ୟ କରିନେଉଥିଲେ । ଏହିପରି ଆହୁରି ଅନେକ ଦୋଷ ଦୃବଳତା ସେମାନଙ୍କ ନିକଟରେ ଭରି ରହିଥିଲା । ଏହା ସତ୍ତ୍ୱେ ମଧ୍ୟ ଆପଣ ସ:ଆ:ସ ନିଜ କାର୍ଯ୍ୟରେ ସଫଳ ହେଲେ ଓ ହଜ୍‌ରତ୍ ମୁସା ଆ:ସଙ୍କଠାରୁ ଅଧିକା ସଫଳ ହେଲେ ।

(୩) ହଜ୍‌ରତ୍ ମୁସା ଆ:ସଙ୍କୁ ଯେତେବେଳେ ନବୁଓ୍ୱତ ମିଳିଲା, ସେ ଅଲ୍ଲାଃ ତାଲାଙ୍କୁ କହିଲେ ଯେ ଏ କାମ ତ ବହୁତ ବଡ, ମୋ ଦ୍ୱାରା ହୋଇପାରିବ ନାହିଁ ତେଣୁ ମୋ ସହିତ ଆଉ ଜଣକୁ ସାହାଯ୍ୟକାରୀ ରୂପେ ମୃତୟନ କରନ୍ତୁ । ପୁଣି ସେ ଏକଥା ମଧ୍ୟ କହିଲେ ଯେ **ଓ୍ୱଜ୍‌ଅଲ୍ ଲି ଓ୍ୱଜିରମ୍ ମିନ୍ ଅହ୍‌ଲି** । ଅର୍ଥାତ ସେହି ସାହାଯ୍ୟକାରୀ ବ୍ୟକ୍ତିଟି ମୋ ନିକଟ ସମ୍ପର୍କୀୟ ବନ୍ଧୁବାନ୍ଧବଙ୍କ ମଧ୍ୟରୁ ହେବା ଉଚିତ । ହଜ୍‌ରତ୍ ମୁସା ଆ:ସଙ୍କ ଭାବନା ଦେଖନ୍ତୁ ଯେ ଯେବେ ଅଲ୍ଲାଃ ତାଲାଙ୍କ ତରଫରୁ ତାଙ୍କୁ ନବୁଓ୍ୱତ୍‌ର ପଦମର୍ଯ୍ୟାଦା ମିଳିଲା, ସେତେବେଳେ ସେ କହିଲେ ମୁଁ ଏ କାମ କରିପାରିବି ନାହିଁ । ଖୁଦାତାଲା ଗୋଟିଏ କାର୍ଯ୍ୟ ନ୍ୟସ୍ତ କରୁଛନ୍ତି କିନ୍ତୁ ମୁସା ଆ:ସ ତାହାକୁ ଅସ୍ୱୀକାର କରୁଛନ୍ତି । ଆମେ ଏକଥା ମାନି ନେଉଛୁ ଯେ ଏହା ବିନମ୍ରତା ଥିଲା କିନ୍ତୁ ବିନମ୍ରତାର ମଧ୍ୟ କିଛି ସୀମା ରହିବା ଉଚିତ । ଖୁଦାତାଲା ବାରମ୍ବାର ତାଙ୍କୁ କହିଲେ ଯେ ତୁମେ ଫିରୌନ୍ ପାଖକୁ ଯାଅ କିନ୍ତୁ ଯେମିତିକି ତୌରାତ୍‌ରୁ ଜଣାପଡୁଛି ଯେ ସେ ଉତରରେ ମନା କରି ଚାଲୁଛନ୍ତି । ପୁଣି ସେ ନିଜ ପାଇଁ ଜଣେ ସାହାଯ୍ୟକାରୀଙ୍କୁ ମାଗିବାରେ ଜିଦି କରିବା ପୁଣି ଏକଥା କହିବା ଯେ ସେ ମୋ କୁଟୁମ୍ବରୁ ହେଉ ଇତ୍ୟାଦି ଇତ୍ୟାଦି, ଏହା ବତାଇଦେଉଛି ଯେ ହଜ୍‌ରତ୍ ମୁସା ଆ:ସ ଖୁଦାତାଲାଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମଧ୍ୟ ନିଜ କାମରେ ସାଂସାରୀକ ବସ୍ତୁମାନଙ୍କର ସାହାଯ୍ୟ ମଧ୍ୟ ଚାହୁଁଥିଲେ । ଆ ମୁକାବିଲାରେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଯିଏ ନବୁଓ୍ୱତ୍‌ର ଯୁଗରୁ ବହୁତ ଦୂରରେ ଥିଲେ । (ମୁସା ଆ:ସଙ୍କ ନିକଟ ଯୁଗରେ ହଜ୍‌ରତ୍ ଇବ୍‌ରାହିମ୍, ହଜ୍‌ରତ୍ ଇସ୍‌ହାକ୍, ହଜ୍‌ରତ୍ ଯାକୁବୁ ଏବଂ ହଜ୍‌ରତ୍ ୟୁସୁଫ୍ ଆ:ସ ଏହିପରି ଅନେକ ଅମ୍ବିୟା ଆସିଥିଲେ କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ୨୫୦୦ (ପଚିଶି ଶହ) ବର୍ଷ ପୂର୍ବେ ହଜ୍‌ରତ୍ ଇବ୍‌ରାହିମ୍ ଆ:ସ ଓ ହଜ୍‌ରତ ଇସ୍‌ମାଇଲ୍ ଆ:ସ ଆସିଥିଲେ ତା'ପରେ ହଜରତ ମୁହମ୍ମଦ ସ:ଆ:ସଙ୍କ କୌମ୍‌ରେ କୌଣସି ନବି ଆସିନାହାନ୍ତି କିନ୍ତୁ ହଜରତ ମୁହମ୍ମଦ ସ:ଆ:ସଙ୍କ ମହିମା ଦେଖନ୍ତୁ ଯେ ତାଙ୍କ ନିକଟକୁ ଫରିସ୍ତା (ଦେବଦୂତ) ଆସି କହିଲେ **ଇକ୍‌ରା** ଯାହାର ଅର୍ଥ ହେଉଛି ତୁମେ ପଢ଼ । କିନ୍ତୁ ରସୁଲୁଲ୍ଲାଃ ସ:ଆ:ସ କହିଲେ **ମା ଆନା ବିକାରିଇନ୍** ଅର୍ଥାତ ମୁଁ ତ ଲେଖାପଢ଼ା ଜାଣିନାହିଁ । ଏହାର ଅର୍ଥ ନୁହେଁ ଯେ କୌଣସି ପୁସ୍ତକ ତାଙ୍କୁ ପଢ଼ିବାର ଥିଲା । ଜିବ୍ରାଇଲ୍ ଆ:ସଙ୍କ ନିକଟରେ କୌଣସି ପୁସ୍ତକ ନଥିଲା ଯେ ସେ କହିଥାନ୍ତେ ଏ ପୁସ୍ତକକୁ ପଢ଼ ଏବଂ ଯେବେ କୌଣସି ଅସ୍ତିତ୍ୱ କୌଣସି ପୁସ୍ତକରେ ନ ଆଣି କୁହେ ପଢ଼ ତେବେ ଏହାର ଅର୍ଥ ଏପରି ହୋଇଥାଏ ଯେ ଯାହା କିଛି ମୁଁ କହୁଅଛି ତୁମେ ତାହାକୁ କୁହ । ଅତଏବ୍ ଯେବେ ତାଙ୍କୁ ଫରିସ୍ତା କହିଲେ ଯେ ପଢ଼, ଏହାର ଅର୍ଥ ଏପରି ଥିଲା ଯେ ହେ ବ୍ୟକ୍ତି (ସେତେବେଳେ ସେ ନବି ହୋଇନଥିଲେ) ଯାହା କିଛି ମୁଁ କହୁଅଛି ତୁମେ ତାହାକୁ ସେହିପରି କହିଚାଲ କିନ୍ତୁ ହଜରତ ମୁହମ୍ମଦ ସ:ଆ:ସ କହିଲେ **ମା ଆନା ବିକାରିଇନ୍** ଅର୍ଥାତ ମୁଁ ତ ପଢ଼ାଲେଖା ଜାଣନ୍ତିନାହିଁ । ଏହା ଥିଲା ଆପଣ ସ:ଆ:ସଙ୍କ ବିନମ୍ରତା । ଆପଣ ବୁଝୁଥିଲେ ଯେ ମୋତେ କିଛି ବଡ଼ କାର୍ଯ୍ୟ ନ୍ୟସ୍ତ କରାଯିବ । କିନ୍ତୁ ଖୁଦାତାଲା ବଡ଼ ମହାନ ଆଉ ମୁଁ ତ ବିନମ୍ର ଭକ୍ତ । ହୋଇପାରେ ଯେ ମୁଁ ସେହି କାର୍ଯ୍ୟ ସମ୍ପୁର୍ଣ୍ଣରୂପେ କରିନପାରେ । ସେଥିଯୋଗୁଁ ଆପଣ ସ:ଆ:ସ କହିଲେ ମୁଁ ଲେଖାପଢ଼ା ଲୋକ ନୁହଁ । ଫରିସ୍ତା ପୂନର୍ବାର କହିଲେ **ଇକ୍‌ରା** ଅର୍ଥାତ ପଢ଼ । ପୁଣି ଆପଣ ସ:ଆ:ସ କହିଲେ **ମା ଆନା ବିକାରିଇନ୍** ଅର୍ଥାତ- ମୁଁ ତ ଲେଖାପଢ଼ା ଜାଣିନାହିଁ । ପୁଣି ତୃତୀୟ ଥର ଫରିସ୍ତା କହିଲେ **ଇକ୍‌ରା** ଅର୍ଥାତ ପଢ଼ । ତା'ପରେ ଆପଣ ସ:ଆ:ସ ପଢ଼ିବାକୁ ଲାଗିଲେ । ଏହା ଥିଲା ବିନମ୍ରତା । ମୁସା ଆ:ସଙ୍କ ପରି ଆପଣ ସ:ଆ:ସ ବାରମ୍ବାର ଅମାନ୍ୟ କଲେ ନାହିଁ । ବରଂ ଯେତେବେଳେ ମହାଭାଗ ବୁଝି ନେଲେ ଯେ ଖୁଦାତାଲା ଏ ଦାୟିତ୍ୱ ମୋ ଠାରେ ହିଁ ନ୍ୟସ୍ତ କରିବାକୁ ଚାହୁଁଛନ୍ତି । ସେତେବେଳେ ମହାଭାଗ ତାଙ୍କର ନିର୍ଦ୍ଦେଶ ତତ୍‌କ୍ଷଣାତ୍ ମାନିନେଲେ ଓ ବୁଝିଗଲେ ଯେ ଏବେ ଅସ୍ୱୀକର କରିବା ଅଭଦ୍ରାମି ହେବ । ପୁଣି ମହାଭାଗ କଥା ଏହା କହିଲେ ନାହିଁ କି ମତେ ଜଣେ ସାହାଯ୍ୟକାରୀ ଦିଅନ୍ତୁ ବରଂ ଏହା କହିଲେ ଯେ ଯଦି ଅଲ୍ଲାଃ ତାଲାଙ୍କର ଏହା ହେଉଛି ଇଚ୍ଛା ଯେ ମୁଁ ଏହି ଦାୟିତ୍ୱକୁ ନିର୍ବାହ କରେ, ତେବେ ମୁଁ ଏହାକୁ ଏକାକି ନିର୍ବାହ କରିବି ।

ଏହା ହେଉଛି ଆପଣ ସ:ଆ:ସଙ୍କ ଶ୍ରେଷ୍ଠତ୍ୱ ଯାହା ଆପଣଙ୍କ ପଦମର୍ଯ୍ୟାଦାକୁ ସ୍ୱତନ୍ତ୍ର କରିଦେଉଛି । ମୁସା ଆ:ସଙ୍କୁ ଗୋଟିଏ ଛୋଟ ଦାୟିତ୍ୱ ଦିଆଗଲା କିନ୍ତୁ ସେ ଏଥି ସକାଶେ ସାହାଯ୍ୟକାରୀ ମାଗିଲେ କିନ୍ତୁ ଆପଣ ସ:ଆ:ସଙ୍କୁ ତା ଠାରୁ ବହୁତ ବଡ଼ ଦାୟିତ୍ୱ ଦିଆଗଲା, ଏହା ସେତ୍ୱ ମଧ୍ୟ କହିଲେ ଯେ ମୁଁ ଏକାକୀ ହିଁ ଏ ଦାୟିତ୍ୱକୁ ନିର୍ବାହ କରିବି ଓ ଆପଣ ସ:ଆ:ସ ବହୁତ ସଫଳତାର ସହିତ ସେହି କାର୍ଯ୍ୟକୁ ସମ୍ପାଦନ କଲେ । ଏହା ହଜରତ ମୁହମ୍ମଦ ସ:ଆ:ସଙ୍କର କେତେବେଡ଼ ଶ୍ରେଷ୍ଠତା ଯାହା ହଜ୍‌ରତ୍ ମୁସା ଆ:ସଙ୍କ ଉପରେ ଥିଲା ।

(୪) ହଜ୍‌ରତ୍ ମୁସା ଆ:ସ ଯେତେବେଳେ ନିଜ ଦେଶରୁ ବାହାରିଲେ ଓ ଫିରୌନ୍ ତାଙ୍କର ଅନୁଧାବନ କଲା, ସେତେବେଳେ ତାଙ୍କ କୌମ୍ ଭିଷଣ ଭାବରେ ବ୍ୟତିବ୍ୟସ୍ତ ହୋଇଯାଇଥିଲା ଏହା ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ଅଛି ଏବଂ ସେ ଭାବିଲେ ଯେ ଏବେ ଫିରୌନ୍ ହାତରୁ ବଂଚିପାରିବୁ ନାହିଁ । ଅତଏବ୍ ସେମାନେ ଚିତ୍କାର କରି ହଜ୍‌ରତ୍ ମୁସା ଆ:ସଙ୍କୁ କହିଲେ **ଇନ୍ନା ଲମୁଦ୍‌ରକୁନ୍** (ଶୋଅରା: ରୁକୁ:୪) ଅର୍ଥାତ ହେ ମୁସା ଆମେ ତ ଧରାପଡ଼ିଗଲୁ । ଏହା ଶୁଣି ହଜ୍‌ରତ୍ ମୁସା ଆ:ସ ସେମାନଙ୍କୁ କହିଲେ **କଲ୍ଲା ଇନ୍ନା ମଇଅ ରବ୍‌ବି ୟହ୍‌ଦୀନି** (ଶୋଅରା-ରୁକୁ:୪) ଏହା କେବେ ହୋଇପାରେନା, ଖୁଦାତାଲା ମୋ ସହିତ ଅଛନ୍ତି ଏବଂ ସେ ଆମକୁ ଶତୃମାନଙ୍କ ଆକ୍ରମଣରୁ ବଂଚାଇବେ । ଅତଏବ ଅଲ୍ଲାଃ ତାଲା ସେମାନଙ୍କୁ ସୁରକ୍ଷା ଦେଲେ ଓ ଫିରୌନ୍ ନିଜ ସେନାମାନଙ୍କ ସମେତ ସମୁଦ୍ରରେ ବୁଡ଼ିଗଲା । ସେହିପରି ରସୁଲେ କରିମ୍ ସ:ଆ:ସ ଯେବେ ହିଜ୍‌ରତ୍ ସମୟରେ ମକ୍କାରୁ ବାହାରିଲେ ଓ ସୌର୍ ନାମକ ଗୁମ୍ଫା ଭିତରେ ଶରଣ ନେଇ୍‌ଥଲେ ସେତେବେଳେ ଶତୃମାନେ ଜଣେ ଅଭିଜ୍ଞ ଖୋଜିଙ୍କ ଅର୍ଥାତ ଅନ୍ୱେଷଣକାରୀଙ୍କ ମାର୍ଗଦର୍ଶନରେ ଆପଣଙ୍କୁ ଖୋଜି ଖୋଜି ଠିକ୍ ସେହି ଗୁମ୍ଫାର ଦ୍ୱାର ଦେଶରେ ପହଂଚିଲେ, ଯାହା ଭିତରେ ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ଅବୁବକର ର:ଅଙ୍କ ସହିତ ଶରଣ ନେଇଥିଲେ । ସେଠାରେ ଖୋଜି (ଅର୍ଥାତ ପାଦ ଚିହ୍ନ ଠାବ କରି ସଠିକ ସ୍ଥାନରେ ପହଂଚିବା ଅଭିଜ୍ଞ ବ୍ୟକ୍ତି) ସେମାନଙ୍କୁ କହିଲା ଯେ ମୁହମ୍ମଦ୍ (ସ:ଆ:ସ) ନିଶ୍ଚିତ ରୂପେ ଏଠାରେ ଲୁଚିଛନ୍ତି । ଯଦି ସେ ଏହି ଗୁମ୍ଫାରେ ନାହାନ୍ତି ତେବେ ପୁଣି ଏଠାରୁ ଆକାଶକୁ ଚାଲିଯାଇଛନ୍ତି । ଶତୃ ସେ ସମୟରେ ହଜରତ ମୁହମ୍ମଦ ସ:ଆ:ସଙ୍କର ଏତେ ନିକଟରେ ଥିଲା ଯେ ତାଙ୍କ ସହିତ ଥିବା ହଜ୍‌ରତ୍ ଅବୁବକର ଘାବରେଇ ଗଲେ ଏବଂ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ । ଶତୃ ତ ଏତେ ନିକଟରେ ଅଛି ଯେ ଯଦି ସେ ଟିକିଏ ଭିତରକୁ ଆସି ନିରିଖି ଚାହିଁବ ଆମକୁ ଦେଖିନେବ । ମହାଭାଗ ସେ ସମୟରେ ବହତୁ ଆତ୍ମସନ୍ତୋଷତାର ସହିତ କହିଲେ ହେ ଅବୁବକର କାହିଁକି ବ୍ୟତିବ୍ୟସ୍ତ ହେଉଛ **ଇନ୍ନଲ୍ଲାହା ମାଆନ** (ତୌବାଃ: ରୁକୁ :୬) ଅର୍ଥାତ ଅଲ୍ଲାଃ ତାଲା ଆମ ସହିତ ଅଛନ୍ତି ସେ ଆମର ସାହାଯ୍ୟ କରିବେ । ଅତଏବ ଶତୃ ସେହି ସ୍ଥାନରେ ପହଂଚି ଯାଇଥିଲା ଯେଉଁଠି ରସୁଲେ କରିମ୍ ସ:ଆ:ସ ଥିଲେ, ଏହା ସତ୍ତ୍ୱେ ମଧ୍ୟ ସେ ନିରାଶ ଓ ଅସଫଳ ହୋଇ ଚାଲିଗଲା ଓ ସେ ଆପଣ ସ:ଆ:ସଙ୍କୁ ଧରିବାରେ ସଫଳ ହୋଇପାରିଲା ନାହିଁ । ଅର୍ଥାତ ହଜ୍‌ରତ୍ ମୁସା ଆ:ସ ମଧ୍ୟ କହିଥିଲେ ଯେ ଖୁଦା ମୋ ସହିତ ଅଛନ୍ତି ଓ ସେ ଆମକୁ ସାହାଯ୍ୟ କରିବେ । ସେହିଭଳି ରସୁଲେ କରିମ୍ ସ:ଆ:ସ ମଧ୍ୟ କହିଲେ ଯେ ଖୁଦାତାଲା

ଆମ ସହିତ ଅଛନ୍ତି ଓ ସେ ଆମକୁ ସାହାଯ୍ୟ କରିବେ । କିନ୍ତୁ ଯଦି ଚିନ୍ତା କରାଯାଏ ଯେ ହଜ୍‌ରତ୍ ମୁସା ଆ:ସଙ୍କ ଶତୃଙ୍କ ବିନାଶ ହେବା ଏପରି ଥିଲା କି ତେବେ ବିରୋଧିମାନେ ଏବେ ମଧ୍ୟ ଏକଥା କହିଦେଉଛନ୍ତି ଯେ ମୁସା ଓ ତାଙ୍କ କୌମ୍ ସେ ସମୟରେ ସମୁଦ୍ର ଅତିକ୍ରମ କରୁଥିଲେ ଯେତେବେଳେ ଭଟ୍ଟା ପଡ଼ିଥିଲା । ଯେତେବେଳେ Tide ଅର୍ଥାତ ଜୁଆରର ସମୟ ଆସିଲା, ସେତେବେଳେ, ଫିରୌନ୍ ଓ ତା ସାଥିମାନେ ବୁଡ଼ିଗଲେ । ଏଥିରେ ଚମତ୍କାର ବା ନିଦର୍ଶନର କଣ କଥା ଅଛି ? କିନ୍ତୁ ରସୁଲେ କରିମ୍ ସ:ଆ:ସଙ୍କୁ ଖୁଦାତାଲା ଏମିତି ବଂଚାଇଲେ ଯେ ଶତୃ ଆପଣଙ୍କ ପାଦ ଚିହ୍ନକୁ ଦେଖି ଦେଖି ସୌର୍ ନାମକ ଗୁମ୍ଫା ନିକଟରେ ଆସି ପହଂଚିଗଲା, ଏହା ସତ୍ୱେ ମଧ୍ୟ ସେ ଆପଣ ସ:ଆ:ସଙ୍କୁ ଦେଖିପାରିଲା ନାହିଁ । ଯେବେକି ତାଙ୍କର ବିଶ୍ୱସନୀୟ ଖୋଜି ସାଥିରେ ଥିଲା ଓ ସେ ଏକଥା ମଧ୍ୟ କହିଥିଲା ଯେ ମୁହମ୍ମଦ ସ:ଆ:ସ ନିଶ୍ଚିତ ରୂପେ ଏଠାରେ ଲୁଚିଛନ୍ତି, ଯଦି ସେ ଏଠାରେ ନାହାନ୍ତି, ତେବେ ସେ ଏଠାରୁ ଆକାଶକୁ ଚାଲିଯାଇଛନ୍ତି । କିନ୍ତୁ ତା'ର ଏତେମାତ୍ରାରେ ଦୃଢ଼ୋକ୍ତି ସତ୍ୱେ ମଧ୍ଯ ଶତୃଙ୍କୁ ଏତିକି ସୁଯୋଗ ମଧ୍ୟ ମିଳିଲା ନାହିଁ ଯେ ସେ ଟିକିଏ ନଇଁ ପଡ଼ି ଗୁମ୍ଫା ଭିତରକୁ ଦେଖିନେବେ । କିନ୍ତୁ ସେ ନିରାଶ ଓ ଅସଫଳ ହୋଇ ସେଠାରୁ ଲେଉଟି ଚାଲିଗଲା ।

ଏହାପରେ ରସୁଲେ କରିମ୍ ସ:ଆ:ସଙ୍କୁ ଗିରଫ କରିବା ପାଇଁ କୁଫାରେ ମକ୍କା (ଅର୍ଥାତ ମକ୍କାର ଅବିଶ୍ୱାସୀଗଣ) ଶହେ ଓଟ ପୁରସ୍କାର ଘୋଷଣା କଲେ । ଏହା ଏତେ ବଡ଼ ପୁରସ୍କାର ଥିଲା ଯେ ତାହାକୁ ପ୍ରାପ୍ତ କରିବାପାଇଁ ଆରବୀୟମାନେ ଚତୁଃପାର୍ଶ୍ୱକୁ ଧାଇଁ ଗଲେ । ସେମାନେ ଭାବିଲେ ଯେ ଯଦି ମୁହମ୍ମଦ ସ:ଆ:ସ କେଉଁଠି ମିଳିଯିବେ ତେବେ ଶହେଟି ଓଟ ତାଙ୍କୁ ମିଳିଯିବ ଓ ତାଙ୍କ ଘରର ଅବସ୍ଥା ସୁଧୁରି ଯିବ । ସେ ସମୟରେ ଶହେଟି ଓଟ ବହୁତ ବଡ଼ ପୁରସ୍କାର ଥିଲା ବରଂ କହିବାକୁ ଲାଗିଲେ ବର୍ତମାନ ମଧ୍ୟ ଏହା ବହୁତ ବଡ଼ ପୁରସ୍କାର । ଆଜିକାଲି ସରକାର ଅପରାଧିମାନଙ୍କୁ ଧରିବାପାଇଁ ପାଂଚ ପାଂଚ ହାଜର ଓ ଦଶ ହଜାର ଲେଖାଏଁ ପୁରସ୍କାର ରାଶି ରଖୁଛନ୍ତି । ଯଦି ଶହେଟି ଓଟର ମୁଲ୍ୟ ଏ ଯୁଗ ମତାବକ ଆକଳନ କରାଯାଏ ତେବେ ମଧ୍ୟ ଅତିକମ୍‌ରେ ଷାଠିଏ ସତୁରୀ ହଜାର ଟଙ୍କା ପୁରସ୍କାର ରାଶି ହେବ । ଅତଏବ୍ ତାହା ବହୁତ ବଡ଼ ପୁରସ୍କାର ଥିଲା । ତାହାକୁ ହାସଲ କରିବାପାଇଁ ଏମିତି ତ ବହୁତ ଲୋକେ ବାହାରି ପଡ଼ିଥିଲେ କିନ୍ତୁ ଜଣେ ବ୍ୟକ୍ତି ସଂଯୋଗ ବସତଃ ସେହି ମାର୍ଗରେ ଯାଇ ପହଂଚିଗଲା, ଯେଉଁ ମାର୍ଗରେ ରସୁଲେ କରିମ୍ ସ:ଆ:ସ ମଦିନା ମନଓ୍ୱରା ଆଡ଼କୁ ଅଗ୍ରସର ହେଉଥିଲେ । ସେହି ବ୍ୟକ୍ତି ଜଣଙ୍କ ଆପଣଙ୍କୁ ଦେଖିନେଲା ଓ ବୁଝିଗଲା ଯେ ଏବେ ସେ ଆପଣଙ୍କୁ ଧରିବାରେ ସଫଳ ହୋଇଯିବ । ଯେତେବେଳେ ସେ ନିକଟରେ ପହଂଚିଲା, ଅଚାନକ ତା ଘୋଡ଼ାଟି ଝୁଂଟିପଡ଼ିଲା ଫଳତ ଆଣ୍ଠୁ ପର୍ଯ୍ୟନ୍ତ ମାଟିରେ ପୋତି ହୋଇଗଲା । ସେହି ବ୍ୟକ୍ତି ଜଣଙ୍କ ଆରବୀୟ ପ୍ରଥା ଅନୁସାରେ ସେହି ମୌକାରେ ତୀର ବାହାର କରି ଫାଆଲ୍ ନେଲା (ଅର୍ଥାତ ଶୁଭ ବା ଅଶୁଭ ବୋଲି ପରୀକ୍ଷା କଲା) ଯେ ମତେ ଆଗକୁ ବଢ଼ିବା ଉଚିତ ବା ନୁହେଁ । ଫାଲ୍ ବାହାରିଲା ଯେ ଆଗକୁ ବଢ଼ିବା ଠିକ୍ ନୁହେଁ । କିନ୍ତୁ ଶହେ ଓଟ ପୁରସ୍କାର ପାଇବା ଆଶାରେ ସେ ରହିପାରିଲା ନାହିଁ । ପୁଣି ସେ ଚେଷ୍ଟା କରି ନିକଟରେ ଯାଇ ପଂହଚିଲା କିନ୍ତୁ ପୁଣି ତା ଘୋଡ଼ା ଧକ୍କାଖାଇ ପଡ଼ିଗଲା ଓ ଏଥରକ ପେଟ ପର୍ଯ୍ୟନ୍ତ ପୋତି ହୋଇଗଲା ସେ ଘାବରାଇଗଲା ଓ ଭାବିଲା ଯେ ଆଉ କିଛି କଥା ଏଥିରେ ଅଛି । ତେଣୁ ସେ ରସୁଲେ କରିମ୍ ସ:ଆ:ସଙ୍କ ଗୋଚରେ ଅତ୍ୟନ୍ତ ଶିଷ୍ଟଚାରିତା ସହିତ ଉପସ୍ଥିତ ହେଲା ଓ ସେ କହିଲା ଯେ ମୁଁ ଶାନ୍ତି/ସୁରକ୍ଷା ଚାହୁଁଛି । ମୁଁ ଏବେ ଜାଣିସାରିଛି ଯେ ଆପଣ ହେଉଛନ୍ତି ଖୁଦା ତାଲାଙ୍କର ନବୀ । ମୁଁ ଆପଣଙ୍କ ଅନ୍ୱେଷଣରେ ଆସିଥିଲି କିନ୍ତୁ ଏବେ ଲେଉଟି ଯାଉଛି । ମୋର ବିଶ୍ୱାସ ହୋଇସାରିଛି ଯେ ଆପଣ ହେଉଛନ୍ତି ଖୁଦାତାଲାଙ୍କର ସଚ୍ଚା ନବୀ । ଯେହେତୁ ଆପଣ ଖୁଦାଙ୍କ ସଚ୍ଚା ନବୀ ତେଣୁ ଦିନେ ନା ଦିନେ ଆପଣ ନିଶ୍ଚିତରୂପେ ବିଜୟ ପ୍ରାପ୍ତ କରିବେ । ତେଣୁ ମୁଁ ଚାହୁଁଛି ଯେ ଆପଣ ମତେ ଗୋଟିଏ କାଗଜ ଖଣ୍ଡରେ ଲେଖି ଦିଅନ୍ତୁ ଯେ ଯେତେବେଳେ ଖୁଦାତାଲା ଆପଣଙ୍କୁ ବିଜୟ ପ୍ରଦାନ କରିବେ, ସେତେବେଳେ ମୋ ସହିତ ପୂଣ୍ୟ ବ୍ୟବହାର କରାଯିବ । ରସୁଲେ କରିମ୍ ସ:ଆ:ସ ସେହି କ୍ଷଣି ହଜ୍‌ରତ୍ ଅବୁବକର୍ ର:ଅଙ୍କୁ ନିର୍ଦ୍ଦେଶ ଦେଲେ ଓ ସେ ତାଙ୍କୁ ତାହା ଲେଖି ଦେଇଦେଲେ ଯେ ଖୁଦାତାଲା ଯେବେ ମୁସଲ୍‌ମାନମାନଙ୍କୁ ବିଜୟ ପ୍ରଦାନ କରିବେ ସେତେବେଳେ ଏହି ଲୋକ ସହିତ ସୁବ୍ୟବହାର କରାଯାଉ । ଅର୍ଥାତ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ହଜ୍‌ରତ୍ ମୁସା ଆ:ସଙ୍କ ପରି କେବଳ ଗୋଟିଏ ଘଟଣା ଘଟି ନଥିଲା । ଆପଣ ସ:ଆ:ସଙ୍କ ସହିତ ଦୁଇଥର ଏ ଘଟଣା ଘଟିଥିଲା ଯେ ଶତୃ ଆପଣଙ୍କୁ ଧରିବାପାଇଁ ଚେଷ୍ଟା କରିଛି କିନ୍ତୁ ଦୁଇଥରଯାକ ଶତୃ ଏଥିରେ ଅସଫଳ ହୋଇଛି । ପୁଣି ଫିରୌନ୍ ନିଜ ସୈନ୍ୟସାମନ୍ତ ସହିତ ଯେବେ ହଜ୍‌ରତ୍ ମୁସା ଆ:ସଙ୍କୁ ଅନୁଧାବନ କଲା, ସେ ମୁସାଙ୍କୁ ଦେଖି ନେଇଥିଲା କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଶତୃ ଅତି ନିକଟରେ ପହଂଚିବା ସତ୍ୱେ ମଧ୍ୟ ଆପଣ ସ:ଆ:ସଙ୍କୁ ଦେଖିପାରିନଥିଲା । ଦ୍ୱିତୀୟଥର ଯେତେବେଳେ ଶତୃ ଆପଣ ସ:ଆ:ସଙ୍କୁ ଗିରଫ କରିବାକୁ ଚାହିଁଲା, ସେତେବେଳେ ମଧ୍ୟ ସେ ଅସଫଳ ହେଲା ଓ ନା କେବଳ ଅସଫଳ ହେଲା ବରଂ ସେ ଆପଣ ସ:ଆ:ସଙ୍କ ମହାନ ପଦମର୍ଯ୍ୟାଦାକୁ ଚିହ୍ନିବାର ସ୍ୱୀକାର କଲା । ପୁରି ହଜ୍‌ରତ୍ ମୁସା ଆ:ସଙ୍କ ଶତୃ ଫିରୌନ୍‌କୁ ଖୁଦାତାଲା ସେତେବେଳେ ଦେଖା ଦେଲେ ଯେବେ ସେ ବୁଡ଼ିଯାଉଥିଲା । ଅତଃ ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ଅଛି ଯେ ଯେବେ ଫିରୌନ୍ ବୁଡ଼ିବାକୁ ଲାଗିଲା, ସେ କହିଲା ମୁଁ ମୁସା ଏବଂ ହାରୁନ୍‌ଙ୍କ ଖୁଦାଙ୍କ ଉପରେ ବିଶ୍ୱାସ ଆଣୁଛି । ତା'ର ଉତରରେ ଖୁଦାତାଲା କହିଲେ ତୁ ଶେଷ ସମୟରେ ଇମାନ୍ (ବିଶ୍ୱାସ) ଆଣିଛୁ ଏବେ ତତେ ନିଜାତ୍ (ମୋକ୍ଷ) ତ ମିଳିପାରିବ ନାହିଁ କିନ୍ତୁ ତୋ ଶରୀରକୁ ମୋକ୍ଷ ଦିଆଯିବ ଯଦ୍ୱାରା ତୁ ଅନ୍ୟମାନଙ୍କ ପାଇଁ ଏକ ଶିକ୍ଷା ହୋଇ ରହିବୁ । କିନ୍ତୁ ରସୁଲେ କରିମ୍ ସ:ଆ:ସଙ୍କୁ ଧରିବାପାଇଁ ଯେଉଁ ଶତୃ ବାହାରିଥିଲା ଯେ ଜୀବିତ ରହିଲା ଓ ନିଜ ଜୀବନରେ ସେ ସ୍ୱୀକାର କରିନେଲା ଯେ ଆପଣ ସ:ଆ:ସ ଖୁଦାଙ୍କ ସଚ୍ଚା ନବୀ ଅଟନ୍ତି । ବରଂ ସେ ଆପଣଙ୍କ ନିକଟରୁ ଏ ଚୁକ୍ତିପତ୍ର ଲେଖାଇ ନେଇଥିଲା ଯେ ଯେବେ ଖୁଦାତାଲ ଆପଣ ସ:ଆ:ସଙ୍କୁ ବିଜୟ ପ୍ରଦାନ କରିବେ, ମୋ ସହିତ ସଦ୍‌ବ୍ୟବହାର କରାଯାଉ । ପୁଣି ଖୁଦାତାଲା ତାଙ୍କୁ ଆପଣ ସ:ଆ:ସଙ୍କ ବିଜୟପ୍ରାପ୍ତ କରିବା ପର୍ଯ୍ୟନ୍ତ ଜୀବିତ ରଖିଲେ ଓ ମୁସଲମାନମାନେ ତା ସହିତ ସଦ୍‌ବ୍ୟବହାର ମଧ୍ୟ କଲେ । ଏହା କେତେ ବଡ଼ ଶ୍ରେଷ୍ଠତା ଯାହା ରସୁଲେ କରିମ୍ ସ:ଆ:ସଙ୍କୁ ହଜ୍‌ରତ୍ ମୁସା ଆ:ସଙ୍କ ଉପରେ ପ୍ରାପ୍ତ ହୋଇଥିଲା ।

(୫) ହଜ୍‌ରତ୍ ମୁସା ଆ:ସ ଏବଂ ରସୁଲେ କରିମ୍ ସ:ଆ:ସଙ୍କ ମଧ୍ୟରେ ଗୋଟିଏ ଫରକ ଏହା ମଧ୍ୟ ରହିଛି ଯେ ହଜ୍‌ରତ୍ ମୁସା ଆ:ସଙ୍କ ଶତୃଙ୍କ ବିନାଶ ହେଲା କିନ୍ତୁ ଶତୃର ବିନାଶ ପରେ ମଧ୍ୟ ତାଙ୍କ ଦେଶରେ ତାଙ୍କୁ ବିଜୟପ୍ରାପ୍ତ ହୋଇନଥିଲା । ଅବଶ୍ୟ କିଛି ଜାହିଲ୍ ଓ୍ୱଲେମା ଏହା କହି ଦେଇଛନ୍ତି ଯେ ହଜ୍‌ରତ୍ ମୁସା ଆ:ସଙ୍କୁ ପରେ ସେହି ଦେଶରେ କବ୍‌ଜା ମିଳିଯାଇଥିଲା । ସେମାନେ ଗୋଟିଏ ଆୟତର ଭୂଲ୍ ଅର୍ଥ କରି ଏହି ନିଷ୍କର୍ସ ବାହାର କରିଛନ୍ତି । କିନ୍ତୁ ଏହାର କୌଣସି ପ୍ରମାଣ ମିଳୁନାହିଁ ନା ପବିତ୍ର କୁର୍‌ଆନ୍‌ରୁ ଏହାର ପ୍ରମାଣ ମିଳୁଛି ନା ବାଇବେଲ୍‌ରୁ ଏହାର ପ୍ରମାଣ ମିଳୁଛି । ଏମିତି କହିଦେବା କି ତାଙ୍କୁ ମିଶରଦେଶ ଉପରେ ବିଜୟ ପ୍ରାପ୍ତ ହୋଇଥିଲା ବୋଲି, ଏଥିରୁ କଣ ମିଳିବ । ପବିତ୍ର କୁର୍‌ଆନ୍‌ରେ ଯେଉଁ ଘଟଣା ବର୍ଣ୍ଣିତ ଅଛି ସେଥିରୁ ପ୍ରମାଣ ହେଉଛି ଯେ ପରେ ସେ ଜଙ୍ଗଲରେ ଘୂରି ବୁଲୁଥିଲେ ଓ ନିଜ ଲକ୍ଷସ୍ଥଳକୁ ବହୁ ଦିନ ପର୍ଯ୍ୟନ୍ତ ପାଇ ପାରିନଥିଲେ । କିନ୍ତୁ ରସୁଲେ କରିମ୍ ସ:ଆ:ସଙ୍କ ଶତୃମାନେ ଯେତେବେଳେ ପରାଜୟ ବରଣ କଲେ । ସେତେବେଳେ ହଜରତ ମୁହମ୍ମଦ ସ:ଆ:ସ ତାଙ୍କ ଦେଶକୁ କବ୍‌ଜା ମଧ୍ୟ କଲେ । ଏହା ମୁସା ଆ:ସଙ୍କ ଉପରେ ଆପଣ ସ:ଆ:ସଙ୍କର ଶ୍ରେଷ୍ଠତା ।

(୬) ହଜ୍‌ରତ୍ ମୁସା ଆ:ସଙ୍କୁ ଯେବେ ତାଙ୍କ କୌମ୍ ଏହା କହିଲା **ଇଜ୍‌ହବ୍ ଅନ୍‌ତା ଓ୍ୱ ରବ୍‌ବୁକା ଫକାତିଲା ଇନ୍ନା ହାହୁନା କାଏଦୁନା** (ମାଏଦାଃ: ରୁକୁ-୪) ଏହା ଶୁଣି ଖୁଦାତାଲା କହିଲେ ହେ ମୁସା ତୁମ କୌମ୍ ବହୁତ ବଡ଼ ଦୁଃସାହାସ/ଧୃଷ୍ଟତା କରିଛି । ଏହି ଧୃଷ୍ଟତା ଯୋଗୁଁ ଆମେ ତାଙ୍କୁ ସେହି ବିଜୟରୁ ବଂଚିତ କରୁଅଛୁ ଯାହାର ଆମେ ପ୍ରତିଶୃତି ଦେଇଥିଲୁ । ଯାଅ ଏବେ ଚାଳିଶି ବର୍ଷ ପର୍ଯ୍ୟନ୍ତ ଜଙ୍ଗଲରେ ଏଣେତେଣେ ଘୂରିବୁଲ ଓ ନିଜ ପାପର ପ୍ରାୟଶ୍ଚିତ କର । ପୁଣି ଅଲ୍ଲାଃ ତାଲା ତୁମକୁ କ୍ଷମା କରିନେବେ । ଅତଏବ୍ ହଜ୍‌ରତ୍ ମୁସା ଆ:ସଙ୍କ କୌମକୁ ଚାଳିଶି ବର୍ଷ ପର୍ଯ୍ୟନ୍ତ ଜଙ୍ଗଲରେ ଘୂରି ବୁଲିବା ପରେ **କନ୍‌ଆନ୍** ମିଳିଲା । କିନ୍ତୁ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ କୌମ୍‌କୁ ମହାଭାଗଙ୍କ ଦେହାନ୍ତର ବାରବର୍ଷ ମଧ୍ୟରେ ହିଁ ସମସ୍ତ ସଭ୍ୟ ଦେଶ ଗୁଡ଼ିକ ଉପରେ ରାଜତ୍ୱ ମିଳିଯାଇଥିଲା । ଏହା ମଧ୍ୟ ଏକ ବହୁତ ବଡ଼ ଶ୍ରେଷ୍ଠତା ଯାହା ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ହଜ୍‌ରତ୍ ମୁସା ଆ:ସଙ୍କ ଉପରେ ପ୍ରାପ୍ତ ହୋଇଅଛି ।

(୭) ଆଉ ଏକ ସ୍ୱତନ୍ତ୍ର ବିଶେଷତା ରସୁଲେ କରିମ୍ ସ:ଆ:ସଙ୍କୁ ହଜ୍‌ରତ୍ ମୁସା ଆ:ସଙ୍କ ମୁକାବିଲାରେ ଏହା ହାସଲ ଥିଲା ଯେ ହଜ୍‌ରତ୍ ମୁସା ଆ:ସଙ୍କ ସିଲ୍‌ସିଲା ଶେଷ ହୋଇଗଲା । କିନ୍ତୁ ହଜରତ ମୁହମ୍ମଦ ସ:ଆ:ସଙ୍କ ସିଲ୍‌ସିଲା କେବେ ବି ଶେଷ ହେବନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୁସୁଓ୍ୱି ସିଲ୍‌ସିଲା ହଜ୍‌ରତ୍ ଇସା ଆ:ସଙ୍କ ଯୁଗ ପର୍ଯ୍ୟନ୍ତ ରହିଛି ବରଂ ତା'ପରେ ମୁହମ୍ମଦ୍ ସ:ଆ:ସଙ୍କ ଯୁଗ ପର୍ଯ୍ୟନ୍ତ ମଧ୍ୟ ପହଂଚିଛି କିନ୍ତୁ ତାହା ନାମକୁ ମାତ୍ର । ନଚେତ ହଜ୍‌ରତ୍ ଇସା ଆ:ସଙ୍କ ଦେହାନ୍ତର କିଛି ବର୍ଷ ପରେ ଲୋକମାନେ ଏହା କହିବାକୁ ଲାଗିଗଲେ ଯେ ହଜ୍‌ରତ୍ ଇସା ଆ:ସ ହଜ୍‌ରତ୍ ମୁସା ଆ:ସଙ୍କଠାରୁ ବଡ଼ ବରଂ ସେମାନେ ହଜ୍‌ରତ୍ ଇସା ଆ:ସଙ୍କୁ ଖୁଦାଙ୍କ ପୁତ୍ର ରୂପେ ଅଭିହିତ କରିବା ଆରମ୍ଭ କରିଦେଲେ । କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ସିଲ୍‌ସିଲା କେବେ ବି ଶେଷ ହେବ ନାହିଁ ଓ କୟାମତ ପର୍ଯ୍ୟନ୍ତ ଚାଲିବ ।

(୮) ହଜ୍‌ରତ୍ ମୁସା ଆ:ସଙ୍କ ଶେଷ ଖଲିଫା ଅର୍ଥାତ ମସିହ୍ ନାସିରୀଙ୍କ ଯମାତ ତାଙ୍କୁ ଉତର ଦେଇଦେଲା ଏବଂ ହଜ୍‌ରତ୍ ମୁସା ଆ:ସଙ୍କ ଶ୍ରେଷ୍ଠତ୍ୱର ଅସ୍ୱୀକାର କରିଦେଲା । ଏଥିରେ କିଛି କଥା ଏପରି ମଧ୍ୟ ଥିଲା ଯେ ହଜ୍‌ରତ୍ ମସିହଙ୍କ ମୁହଁରୁ ଏପରି କେତେକ ଦ୍ୱିଅର୍ଥବୋଧକ ବାକ୍ୟ ବାହାରିଥିଲା, ସେଥିରେ ତାଙ୍କ କୌମ୍ ଧୋକା ଖାଇଗଲା ଫଳତ ସେମାନେ ହଜ୍‌ରତ୍ ମୁସା ଆ:ସଙ୍କୁ ଛାଡ଼ି ଦେଲେ । କିନ୍ତୁ ଆମ ସିଲ୍‌ସିଲାର ପ୍ରତିଷ୍ଠାତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯିଏ ମୁହମ୍ମଦ ସିଲ୍‌ସିଲାର ଶେଷ ଖଲିଫା ଅଟନ୍ତି । ସେ ଯଦି କିଛି କହିଛନ୍ତି ତା ହେଲେ ତାହା ହେଉଛି ଏପରି:

**ଓ୍ୱହ୍ ହେ ମୈଁ ଚିଜ୍ କ୍ୟା ହୁଁ**
**ବସ୍ ଫୈସଲା ୟହି ହେ ।**

ଅର୍ଥାତ ମତେ ଯାହା ବି ସିଦ୍ଧିପ୍ରାପ୍ତ ହୋଇଅଛି ତାହା ସବୁ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଦାସତ୍ୱର ପ୍ରତିବଦଳରେ ପ୍ରାପ୍ତ ହୋଇଛି । ଏକଥା ଭାବନ୍ତୁ ନାହିଁ ଯେ ମୁଁ ମହାଭାଗଙ୍କ ବିପକ୍ଷରେ କିଛି ଗୋଟେ ବସ୍ତୁ ବୋଲି । ହଜ୍‌ରତ୍ ଇସା ଆ:ସଙ୍କ ସମ୍ବନ୍ଧରେ କୁହାଯାଉଅଛି ଯେ ସେ ନିଜକୁ ଖୁଦାଙ୍କ ପୁତ୍ର ବୋଲି କହିଛନ୍ତି କିନ୍ତୁ ଆମ ସିଲ୍‌ସିଲାର ପ୍ରତିଷ୍ଠାତା, ହଜ୍‌ରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଶେଷ ଖଲିଫା ଅତ୍ୟନ୍ତ ଶିଷ୍ଟାଚାର ସହିତ କହିଲେ:

**ଓ୍ୱହ୍ ହୈ ମୈଁ ଚିଜ୍ କ୍ୟା ହୁଁ, ବସ୍ ଫୈସଲା ୟହି ହୈ ।**

ଅର୍ଥାତ: ମତେ ମୋ ଆକା ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ କୌଣସି ତୁଳନା ହିଁ ନାହିଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଗୋଟିଏ ପଦ ରହିଛି, ତା ଉପରେ ଲୋକମାନେ ଆପତି କରୁଛନ୍ତି କିନ୍ତୁ ଆମକୁ ତ ସେଥିରେ ଆନନ୍ଦ ମିଳୁଛି । ଆପଣ ଆ:ସ କହୁଛନ୍ତ:

**ଇବ୍‌ନେ ମରିୟମ୍ କେ ଜିକ୍‌ର୍ କୋ ଛୋଡ଼ୋ**
**ଉସ୍ ସେ ବେହ୍‌ତର୍ ଗୁଲାମେ ଅହ୍‌ମଦ୍ ହୈ ।**

ଏଥିରେ ଲୋକମାନେ ଏ ଆପତି କରୁଛନ୍ତି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜକୁ ଇବ୍‌ନେ ମରିୟମ ଅର୍ଥାତ ମରିୟମ୍‌ଙ୍କ ପୁତ୍ର ହଜ୍‌ରତ୍ ଇସା ଆ:ସଙ୍କଠାରୁ ଶ୍ରେଷ୍ଠ ବୋଲି କହିଛନ୍ତି । ଯେବେ କି ଆପଣ ଆ:ସ ନିଜକୁ ଇବ୍‌ନେ ମରିୟମଙ୍କଠାରୁ ଶ୍ରେଷ୍ଠ ବୋଲି କହିନାହାନ୍ତି ବରଂ ଅହ୍‌ମଦ୍‌ଙ୍କ ଦାସକୁ ଶ୍ରେଷ୍ଠ ବୋଲି ଅଭିହିତ କରିଛନ୍ତି ଏବଂ ଏହି ଦୁଇଟିରେ ବହୁତ ବଡ଼ ପାର୍ଥକ୍ୟ ରହିଛି । ଏଠାରେ ଅହ୍‌ମଦର ଅର୍ଥ ହେଉଛି ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ । ଆପଣ ଆ:ସ କହୁଛନ୍ତି ଯେ ଇସା ଆ:ସଙ୍କଠାରୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଦାସ ମଧ୍ୟ ବଡ଼ ଏବଂ ଯାହାଙ୍କ ଗୁଲାମ୍ ହଜ୍‌ରତ୍ ଇସା ଆ:ସଙ୍କଠାରୁ ବଡ଼ ଓ ଶ୍ରେଷ୍ଠ, ସେ ସ୍ୱୟଂ ତାଙ୍କଠାରୁ କେତେଗୁଣା ଶ୍ରେଷ୍ଠ ହୋଇଥିବେ । ଅତଏବ୍ ହଜ୍‌ରତ୍ ମୁସା ଆ:ସଙ୍କ ଉପରେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏହା ମଧ୍ୟ ଗୋଟିଏ ଶ୍ରେଷ୍ଠତ୍ୱ ଯେ ମୁସୁୱି ସିଲ୍‌ସିଲାର ଶେଷ ଖଲିଫାଙ୍କ ଯମାତ୍ (ଅର୍ଥାତ ସମ୍ପ୍ରଦାୟ) ହଜ୍‌ରତ୍ ଇସା ଆ:ସଙ୍କୁ ନିଜ ସିଲ୍‌ସିଲାର ପ୍ରତିଷ୍ଠାତାଙ୍କଠାରୁ ଶ୍ରେଷ୍ଠ ବୋଲି ଅଭିହିତ କରିଦେଲେ । କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଶେଷ ଖଲିଫା ନିଜ ଆକା (ମୁନୀବ)ଙ୍କ ବୈଭବ ଓ ମହିମାକୁ କାଏମ୍ କଲେ ଏବଂ ସେ ଦୁନିଆରେ ବଡ଼ ଜୋର୍‌ରେ ଏହା ଘୋଷଣା କଲେ ଯେ ଆମେ ଯାହା କିଛି ପାଇଛୁ, ରସୁଲେ କରିମ୍ ସ:ଆ:ସଙ୍କ ଅନୁଗ୍ରହରୁ ହିଁ ପାଇଛୁ ।

(୯) ହଜ୍‌ରତ୍ ମୁସା ଆ:ସଙ୍କ ପରେ ଯେତେକ ନବୀ ଆସିଛନ୍ତି ସେମାନେ ମୁସ୍‌ତକିଲ୍ (ସ୍ଥାୟୀ) ନବି ଥିଲେ । ଯଦ୍ୟପି ସେମାନେ କୌଣସି ନୂଆ ଶରିୟତ୍ (ଧର୍ମ ବିଧାନ) ଆଣିନଥିଲେ କିନ୍ତୁ ନବୁଓ୍ୱତ୍‌ର ପଦବୀ ସେମାନେ ପ୍ରତ୍ୟକ୍ଷରୂପେ ପ୍ରାପ୍ତ କରିଥିଲେ । ଅର୍ଥାତ ହଜ୍‌ରତ୍ ମୁସା ଆ:ସଙ୍କ ମଧ୍ୟସ୍ଥତା ବିନା ସେମାନଙ୍କୁ ଏହି ପଦବୀ ମିଳିଥିଲା । ମୁସୁୱି ଶିକ୍ଷା ଏପରି ନଥିଲା ଯେ ତାହା କାହାକୁ ନବୁଓ୍ୱତ୍‌ର ପଦବୀରେ ପହଂଚାଇ ପାରିବ । କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ତାଙ୍କ ଉପରେ ଏ ଶ୍ରେଷ୍ଠତା ରହିଛି ଯେ ତାଙ୍କ ଅନୁଗାମୀ ସେ ନବି ହୁଅନ୍ତୁ ନା କାହିଁକି ହଜରତ ମୁହମ୍ମଦ ସ:ଆ:ସଙ୍କ ଅନୁଗ୍ରହରୁ ହିଁ ନବୀ ହେବେ ଏବଂ ତାଙ୍କୁ ଯାହା କିଛି ମିଳିବ ତାହା ମୁହମ୍ମଦଙ୍କ ଅନୁଗ୍ରହରୁ ହିଁ ମିଳିବ । ହଜ୍‌ରତ୍ ଇସା ଆ:ସ ହଜ୍‌ରତ୍ ମୁସା ଆ:ସଙ୍କ ଅଧିନରେ ତ ଥିଲେ କିନ୍ତୁ ନବୁଓ୍ୱତ୍‌ର ସ୍ଥାନରେ ସେ ସିଧାସଳଖ ପ୍ରତ୍ୟକ୍ଷ ରୂପେ ପହଂଚିଥିଲେ । ମୁସା ଆ:ସଙ୍କ ଶିକ୍ଷାରେ ଏ ବିଶେଷତା ନଥିଲା ଯେ ସେ କାହାକୁ ନବୁଓ୍ୱତ୍‌ର ସ୍ଥାନରେ ପହଂଚାଇ ପାରିବ । କିନ୍ତୁ ପବିତ୍ର କୁର୍‌ଆନ୍‌ରେ ଏ ବିଶେଷତା ମିଳୁଛି ଯେ ତା' ଉପରେ ପରିଚାଳିତ ହେବା ଦ୍ୱାରା ମଣିଷ ନବୁଓ୍ୱତ୍‌ର ସ୍ଥାନରେ ମଧ୍ୟ ପହଂଚିପାରିବ । କିନ୍ତୁ ଏପରି ସ୍ଥଳେ ସେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଅଧିନରେ ଓ ପବିତ୍ର କୁର୍‌ଆନ୍ ର ସେବକ ହିଁ ରହିଥାଏ ।

(୧୦) ହଜ୍‌ରତ୍ ମୁସା ଆ:ସଙ୍କୁ ଅସା ଅର୍ଥାତ ଲାଠି ମିଳିଲା । ଯାହା ବେଳେବେଳେ ସାପ ହୋଇଯାଉଥିଲା । ଯାହା ଏକ କାମୁଡୁଥିବା ବସ୍ତୁ । କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ପବିତ୍ର କୁର୍‌ଆନ୍ ରୂପକ ତରବାରୀ ମିଳିଲା ଯାହା ସର୍ବଦା କରୁଣା ହିଁ କରୁଣା ରୂପରେ ରହିଛି । ଅଲ୍ଲାଃ ତାଲା ସେହି ତରବାରୀର ଚର୍ଚ୍ଚା କରି ପବିତ୍ର କୁର୍‌ଆନ୍‌ରେ କହିଛନ୍ତି: **ଓ୍ୱ ଜାହିଦ୍‌ହୁମ୍ ବିହି ଜିହାଦନ୍ କବିରା** (ଫୁର୍‌କାନ୍ : ରୁକୁ : ୫) ଅର୍ଥାତ ତୁମେ ଏହି ପବିତ୍ର କୁର୍‌ଆନ୍‌କୁ ନିଅ ଓ ଏହା ଦ୍ୱାରା ଜିହାଦ୍ କରିଚାଲ । ଭୌତିକ ତରବାରୀ ଦ୍ୱାରା ଲଢ଼ାଯାଇଥିବା ଯୁଦ୍ଧତ ମାମୁଲି ହୋଇଥାଏ ଓ ଶିଘ୍ର ଶେଷ ହୋଇଯାଇଥାଏ । କିନ୍ତୁ ପବିତ୍ର କୁର୍‌ଆନ୍ ଏପରି ଏକ ତରବାରୀ ଯାହା ଶତୃଙ୍କ ମୁକାବିଲାରେ ସର୍ବଦା କାମରେ ଆସିବ ଓ ଯାହାର ପ୍ରଭାବ କରୁଣା ରୂପରେ ହିଁ ପ୍ରକାଶ ହୋଇଥାଏ । ଏହି କାରଣ ଯୋଗୁଁ ହଜରତ ମୁହମ୍ମଦ ସ:ଆ:ସଙ୍କୁ ବାରମ୍ବାର **ରହ୍‌ମତୁଲ୍ ଲିଲ୍ ଆଲମୀନ୍** କୁହାଯାଇଅଛି ଏବଂ ଆପଣ ସ:ଆ:ସ ମଧ୍ୟ ଏପରି ଶିକ୍ଷା ଦେଇଛନ୍ତି, ଯେଉଁଥିରେ ନମ୍ର/ କୋମଳତା ଓ ପ୍ରେମକୁ ଅତ୍ୟାଚାର ଓ ପ୍ରତିଶୋଧ ଉପରେ ଅଗ୍ରାଧିକାର ଦିଆଯାଇଅଛି । ଉଦାହରଣ ସ୍ୱରୁପ ହଜ୍‌ରତ୍ ମୁସା ଆ:ସଙ୍କ ଶିକ୍ଷା ଏହା ଥିଲା ଯେ ଯଦି ତୁମକୁ କେହି ଚାପୁଡ଼ା ମାରେ ତେବେ ତୁମେ ମଧ୍ୟ ତାକୁ ଚାପୁଡ଼ା ମାର । ଯଦି କିଏ ତୁମର ଆଖି ବାହାର କରିଦିଏ ତେବେ ତୁମେ ମଧ୍ୟ ତା ଆଖି ବାହାର କରିଦିଅ । ଯଦି କୌଣସି ବ୍ୟକ୍ତି ତୁମ ଦାନ୍ତ ଭାଙ୍ଗି ଦିଏ ତେବେ ତୁମେ ମଧ୍ୟ ତା ଦାନ୍ତ ଭାଙ୍ଗି ଦିଅ । କିନ୍ତୁ ଇସ୍‌ଲାମ୍ କହୁଛି ଯେ ତୁମେ ଯାହା ବି ପଦକ୍ଷେପ ଉଠାଅ ଭାବି ଚିନ୍ତି ଓ ପରିସ୍ଥିତିକୁ ଦେଖି ଉଠାଅ । କିନ୍ତୁ ସେଥିରେ ଯଦି ସୁଧାର ହେବାର ଅବକାସ ଥାଏ ତେବେ କ୍ଷମା କରିଦିଆଯାଉ । ତେଣୁ ନିଜ ଶତୃଙ୍କୁ କ୍ଷମା କରିଦିଅ । ତାଙ୍କୁ ଦଣ୍ଡ ଦେବାପାଇଁ ଜିଦି କରନାହିଁ । କାରଣ ତୁମର ଉଦ୍ଦେଶ୍ୟ କେବଳ ସୁଧାର କରିବା ନା କି ପ୍ରତିଶୋଧ ନେବା ।

(୧୧) ହଜ୍‌ରତ୍ ମୁସା ଆ:ସଙ୍କୁ **ୟଦେ ବୈଜାଆ** ର ଚମତ୍କାର ମିଳିଥିଲା । ଅର୍ଥାତ ତାଙ୍କ ହାତ ବେଳେବେଳେ ଚମକୁଥିଲା କିନ୍ତୁ ଅଲ୍ଲାଃ ତାଲା ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ **ସିରାଜମ୍ ମୁନୀରା** (ଅହ୍‌ଜାବ୍: ରୁକୁ: ୬) କହିଛନ୍ତି । (ଅର୍ଥାତ ଚମକୁଥିବା ସୂର୍ଯ୍ୟ) ଏବଂ ସୂର୍ଯ୍ୟ ଗୋଟାପଣ ଚମକୁଥାଏ । ତା'ର କୌଣସି ଏକ ଅଂଶ ଚମକୁନଥାଏ । ହଜ୍‌ରତ୍ ମୁସା ଆ:ସଙ୍କର କେବଳ ହାତ ଚମକୁଥିଲା କିନ୍ତୁ ହଜରତ ମୁହମ୍ମଦ ସ:ଆ:ସଙ୍କର ସମ୍ପୁର୍ଣ୍ଣ ଶରୀର ଆଲୋକିତ ଓ ପ୍ରକାଶମୟ ଥିଲା । ପୁଣି ସୂର୍ଯ୍ୟ ସବୁ ସମୟରେ ଆଲୋକ ପ୍ରଦାନ କରିଥାଏ ବେଳେବେଳେ ନୁହେଁ । କିନ୍ତୁ ହଜ୍‌ରତ୍ ମୁସା ଆ:ସଙ୍କ ହାତ ବେଳେବେଳେ ଚମକୁ ଥିଲା । ଅର୍ଥାତ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମାର୍ଗଦର୍ଶନ କାଏମ୍ ରହିବ । ଏହା ନୁହେଁ କି ବେଳେବେଳେ ଶେଷ ହୋଇଯିବ ଓ ବେଳେବେଳେ ଆରମ୍ଭ ହୋଇଯିବ ।

(୧୨) ହଜ୍‌ରତ୍ ମୁସା ଆ:ସଙ୍କୁ କେବଳ ବନି ଇସ୍‌ରାଇଲ୍‌ଙ୍କ ନିମନ୍ତେ ନବୀ ବନାଇ ପଠାଯାଇଥିଲା । କିନ୍ତୁ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ବନ୍ଧରେ ଅଲ୍ଲାଃ ତାଲା କହୁଛନ୍ତି **ଓ୍ୱମା ଅର୍‌ସଲ୍‌ନାକା ଇଲ୍ଲା କାଫଫତଲ୍ ଲିନ୍ନାସି** (ସବା: ରୁକୁ: ୩) ଅର୍ଥାତ: ଆମ୍ଭେ ତୁମକୁ ସମଗ୍ର ମାନବ ସମାଜକୁ ଗୋଟିଏ ହାତରେ ଏକତ୍ରୀତ କରିବାପାଇଁ ପ୍ରେରଣ କରିଅଛୁ । ଏହା ମଧ୍ୟ ଆପଣ ସ:ଆ:ସଙ୍କ ଶ୍ରେଷ୍ଠତା ଓ ମହାନତ ଏକ ପ୍ରକାଶୀୟ ପ୍ରମାଣ । ***(ତଫ୍‌ସିର୍ କବୀର୍, ଖଣ୍ଡ-୧୦, ପୃ-୨୫୧)***

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

*ତାଲିବେ ଦୁଆ: Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

*ତାଲିବେ ଦୁଆ: Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

*ତାଲିବେ ଦୁଆ: Amiruddin Khan & Family, Jamat Ahmadiyya, Kerang (Odisha)*

# ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଜୀବନ ଚରିତ

## ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ଏମ୍.ଏ ର:ଅଙ୍କ କଲମ ମୁନରୁ

### ପ୍ରାରମ୍ଭିକ ଜୀବନ

### ଜନ୍ମ

ଆମିନାଙ୍କ ନୂର (ଜ୍ୟୋତି)ର ପ୍ରକାଶ ହେବାର ସମୟ ପାଖେଇ ଆସୁଥିଲା ଓ ପ୍ରସବର ଦିନ ନିକଟତର ଥିଲା । ସେ ଶୋଅବେ ବନି ହାଶିମ୍ ରେ ରହୁଥିଲେ ଓ ସେ ସେହି ଦିନର ଅପେକ୍ଷାରେ ଥିଲେ, ଯେବେ ତାଙ୍କ ମରହୁମ୍ (ମୃତ) ସ୍ୱାମୀଙ୍କ ସ୍ମୃତିକୁ ଜୀବିତ ରଖିବାକୁ ଥିବା ପିଲାଟି ପୃଥିବୀର ଅଲୋକ ଦେଖି ଓ ତାଙ୍କ ଶୋକପୂର୍ଣ୍ଣ ହୃଦୟକୁ ସାନ୍ତ୍ୱନା ଓ ଆନନ୍ଦ ପହଂଚାଇବାର କାରଣ ହେଉ । ଅତଏବ୍ ଅସ୍‌ହାବେ ଫିଲ୍ ଘଟଣାର ପଚିଶି ଦିନପରେ ୧୨ ରବିଉଲ୍ ଅୱ୍‌ଲ ମୁତାବକ ୨୦ ଅଗଷ୍ଟ ୫୭୦ ଖ୍ରୀଷ୍ଟାବ୍ଦରେ ବା ଆଉ ଏକ ସଦ୍ୟ ଓ ସମ୍ଭବତଃ ସଠିକ୍ ଗବେଷଣା ଅନୁସାରେ ୯ ରବିଉଲ୍ ଅୱ୍‌ଲ ମୁତାବକ ୨୦ ଏପ୍ରିଲ୍ ୫୭୧ ଖ୍ରୀଷ୍ଟାବ୍ଦ ସୋମବାର ଦିନ ପ୍ରତ୍ୟୁଷ ସମୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜନ୍ମ ହେଲା । ଫିଲ୍ ଘଟଣାର ଏତେ ନିକଟରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜନ୍ମ ହେବା ନିଜ ଭିତରେ ଏକ ଐଶ୍ୱରୀୟ ଇଶାରା ରଖିଥିଲା ଯେ ଯେଉଁଭଳି ଈଶ୍ୱର ଖାନା କାବା ବିରୋଧରେ ସେହି ବାହ୍ୟ ଆକ୍ରମଣକୁ ଅସଫଳ କରିଦେଲେ ସେହିଭଳି ଏବେ ସମୟ ଆସୁଅଛି ଯେ ଅଲ୍ଲାଃଙ୍କ ଦୀନ୍ (ଧର୍ମ)ର ମୁକାବବିଲାରେ ଥିବା ମିଥ୍ୟା ଉପାସନାକାରୀଙ୍କ ମୁଣ୍ଡକୁ ଦଳି ଦିଆଯିବ । ପବିତ୍ର କୁର୍‌ଆନ୍‌ରେ ଅସହାବେ ଫିଲ୍‌ର ଆକ୍ରମଣ କରିବାର କଥା ମଧ୍ୟ ପ୍ରକାଶ୍ୟରେ ଏହି ଉଦ୍ଦେଶ୍ୟ ଅନ୍ତର୍ଗତ ଥିଲା ବୋଲି ଦୃଷ୍ଟିଗୋଚର ହୁଏ । ସେ ଯାହା ହେଉ ନା କାହିଁକି ପିଲାଟି ଜନ୍ମ ହେବା କ୍ଷଣି ଆମିନା ଅବ୍‌ଦୁଲ୍ ମୁତଲିବ୍‌ଙ୍କ ନିକଟକୁ ଏହି ସୁସମାଚାର ପଠାଇଲେ । ସେ ଶୁଣିବା କ୍ଷଣି ତତ୍‌କ୍ଷଣାତ ଆନନ୍ଦରେ ବିଭୋର ହୋଇ ଆମେନାଙ୍କ ନିକଟକୁ ଧାଇଁ ଆସିଲେ । ଆମେନା ତାଙ୍କ ସମ୍ମୁଖରେ ପୁତ୍ରକୁ ଟେକି ଦେଇ କହିଲେ ଯେ ମୁଁ ଗୋଟିଏ ସ୍ୱପ୍ନରେ ଏହାର ନାମ ମୁହମ୍ମଦ ସ:ଆ:ସ ବୋଲି ଦେଖିଥିଲି । ଅବ୍‌ଦୁଲ୍ ମୁତଲିବ୍ ନିଜ ହାତରେ ପିଲାଟିକୁ ଧରି ବଇତୁଲ୍ଲାଃ (ଅଲ୍ଲାଃଙ୍କ ଘର ଅର୍ଥାତ ଖାନାକାବା) ଭିତରକୁ ଗଲେ ଓ ସେଠାରେ ଯାଇ ଅଲ୍ଲାଃଙ୍କୁ କୃତଜ୍ଞତା ଜଣାଇଲେ ଓ ପିଲାଟିର ନାମ ମୁହମ୍ମଦ ସ:ଆ:ସ ରଖିଲେ । ଯାହାର ଅର୍ଥ ହେଉଛି "ବହୁତ ପ୍ରସଂଶିତ" ଏବଂ ପୁଣି ତାଙ୍କୁ ସେଠାରୁ ଆଣି ତାଙ୍କ ମାଆଙ୍କୁ ଧରାଇ ଦେଲେ ।

ଐତିହାସିକମାନେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଜନ୍ମ ହେବା ସମ୍ବନ୍ଧରେ କେତେ ପ୍ରକାରର ବିଚିତ୍ର ଘଟଣା ଲେଖିଛନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ହେଉଛି ଏପରି କି ସେ ସମୟରେ ଇରାନ୍‌ର ସମ୍ରାଟ କିସ୍‌ରାର ରାଜପ୍ରସାଦରେ ଭିଷଣ ଭୂମିକମ୍ପ ଆସିଥିଲା ଫଳତଃ ସେଥିରେ ଥିବା ଚଉଦଟି କଳଶ ଭାଙ୍ଗିଗଲା ଓ ପାରସ୍ୟର ପବିତ୍ର ଅଗ୍ନିକୁଣ୍ଡ ଯାହା ଶହ ଶହ ବର୍ଷରୁ ଅନବରତ ଆଲୋକିତ ହୋଇ ଚାଲି ଆସୁଥିଲା, ତାହା ଅଚାନକ ଲିଭିଗଲା ଏବଂ କେତେକ ନଦୀ ଓ ଝରଣା ଶୁଖିଗଲେ । ପୁଣି ଏକଥା ମଧ୍ୟ କି ମହାଭାଗଙ୍କ ନିଜ ଘରେ ମଧ୍ୟ ରଙ୍ଗବେରଙ୍ଗର ଚମତ୍କାର ପ୍ରକାଶ ହେଲା ଇତ୍ୟାଦି ଇତ୍ୟାଦି । କିନ୍ତୁ ଏହି ରିୱାୟତ ଗୁଡ଼ିକ ସାଧାରଣତଃ ଦୁର୍ବଳ ଶ୍ରେଣୀର । ଗୋଟିଏ ରିୱାୟତ ମଧ୍ୟ ଏପରି ରହିଛି, ଯାହା ସମ୍ଭବତଃ ସଠିକ ଲାଗୁଛି ଯେ ମହାଭାଗଙ୍କ ଜନ୍ମ ହେବା ସମୟରେ ଆକଶରୁ ଅସାଧାରଣ ଭାବେ ତାରା ଛିଣ୍ଡିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ସେହିପରି ଆଉ ଏକ ରିୱାୟତ ଏପରି ମଧ୍ୟ ରହିଛି ଯେ ଆଁ ହଜ୍‌ରତ୍ ସ:ଆ:ସ ପ୍ରାକୃତିକ ରୂପେ ମଖତୁନ୍ (ଅର୍ଥାତ ଖତ୍‌ନା ହୋଇ) ଜନ୍ମ ହୋଇଥିଲେ । ଯଦି ଏହା ଠିକ୍ ହୋଇଥାଏ ତେବେ କୌଣସି ଆଶ୍ଚର୍ଯ୍ୟ କଥା ନୁହେଁ କାରଣ ବେଳେ ବେଳେ ପିଲାମାନଙ୍କଠାରେ ଏହିପରି ପ୍ରାକୃତିକ କଥା ଦେଖିବାକୁ ମିଳିଥାଏ । ଆଉ ଗୋଟିଏ କଥା ମଧ୍ୟ ଆପଣ ସ:ଆ:ସଙ୍କ ନିକଟରେ ପ୍ରାକୃତିକ ରୂପେ ବିଦ୍ୟମାନ ଥିଲା । ତାହା ହେଉଛି ଏହା କି ଆପଣ ସ:ଆ:ସଙ୍କ ପିଠିର ବାମ ପାର୍ଶ୍ୱରେ ଗୋଟିଏ ଉଚ୍ଚା ମାଂସଖଣ୍ଡ ଥିଲା ଯାହା ସାଧାରଣତଃ ମୁସଲମାନମାନଙ୍କ ମଧ୍ୟରେ ଖତ୍‌ମେ ନୁବୱ୍‌ତ୍ ଅର୍ଥାତ ନବୁଓ୍ୱତ୍‌ର ମୋହର ନାମରେ ପ୍ରସିଦ୍ଧ ।

### ରଜାଅତ (ଅର୍ଥାତ ଖିରପାନ) ଏବଂ ପିଲାଦିନ

ମକ୍କାର ସମ୍ଭ୍ରାନ୍ତ ଲୋକମାନଙ୍କ ଘରେ ଏ ବିଧି ଥିଲା ଯେ ମାଆମାନେ ନିଜ ସନ୍ତାନମାନଙ୍କୁ ଖିର ଖୁଆଉ ନଥିଲେ ବରଂ ସାଧାରଣତଃ ପିଲାମାନଙ୍କୁ ସହର ବାହାରେ ଦେହାତି ଇଲାକାରେ ରହୁଥିବା ଦାଇମାନଙ୍କୁ ଦେଇ ଦିଆଯାଉଥିଲା । ଏହାର ଲାଭ ଏହା ହେଉଥିଲା ଯେ ଜଙ୍ଗଲର ଖୋଲା ବାତାବରଣରେ ରହି ପିଲାମାନେ ସ୍ୱାସ୍ଥ୍ୟବାନ ଓ ଶକ୍ତିଶାଳୀ ହେଉଥିଲେ ଏବଂ ଭାଷା ମଧ୍ୟ ଭଲ ଶିଖୁଥିଲେ ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ପ୍ରାରମ୍ଭରେ ତାଙ୍କ ମାଆ ଏବଂ ପୁଣି ସୌବିୟା ଖିର ଖୁଆଇଥିଲେ । ମହାଭାଗଙ୍କ ଚାଚା ଅବୁ ଲହବ୍‌ଙ୍କ ଦାସୀ ର ନାମ ଥିଲା ସୌବିୟା, ଯାହାକୁ ଅବୁଲହବ୍ ନିଜ ଅନାଥ ପୁତୁରାଙ୍କ ଜନ୍ମ ହେବା ଖୁସିରେ ସ୍ୱାଧିନ କରିଦେଇଥିଲା । ସେହି ସୌବିୟା ହଜ୍‌ରତ୍ ହମ୍‌ଜାଃ ର:ଅଙ୍କୁ ମଧ୍ୟ ଖିରପାନ କରାଇଥିଲେ । ଏହିପରି ଆପଣ ସ:ଆ:ସଙ୍କ ନିଜ ଚାଚା ହମ୍‌ଜା ଆପଣଙ୍କ ଖିରପାନ ଭାଇ ହୋଇଗଲେ । ସୌବିୟାଙ୍କ ଏହି କିଛି ଦିନର ସେବାକୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସ କେବେ ବି ଭୁଲି ନାହାନ୍ତି । ଯେ ପର୍ଯ୍ୟନ୍ତ ସେ ଜୀବିତ ଥିଲେ ମହାଭାଗ ସର୍ବଦା ତାଙ୍କୁ ସାହାଯ୍ୟ କରୁଥିଲେ ଓ ତାଙ୍କ ମୃତ୍ୟୁପରେ ମଧ୍ୟ ମହାଭାଗ ପଚାରି ବୁଝିଲେ କି କଣ ତାଙ୍କର (ଅର୍ଥାତ ସୌବିୟାଙ୍କର) କିଏ ବନ୍ଧୁ ବାନ୍ଧବ ଅଛନ୍ତି କି । କିନ୍ତୁ ଜଣାପଡ଼ିଲା ଯେ କେହି ନାହାନ୍ତି ।

ସୌବିୟାଙ୍କ ପରେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଖିରପାନ ସ୍ଥାୟୀରୂପେ ଦାଇ ହଲିମାଙ୍କଠାରେ ନ୍ୟସ୍ତ ହେଲା । ଯିଏ ହୱାଜନ୍ କୌମ୍‌ର ବନି ସାଆଦ୍ କବିଲାର ଜଣେ ମହିଳା ଥିଲେ । ସେ ଅନ୍ୟ ମହିଳାମାନଙ୍କ ସଙ୍ଗେ ମିଶି ମକ୍କା ଆସିଥିଲେ ଯେ କୌଣସି ଏକ ପିଲା ତାଙ୍କୁ ମିଳିଯାଉ । ଜଣେ ଅନାଥ ପିଲାକୁ ନିଜ ସାଥିରେ ନେଇ ଯାଉଥିବା ବେଳେ ଦାଇ ହଲିମା ଆରମ୍ଭରେ ଖୁସି ନଥିଲେ । କାରଣ ତାଙ୍କର ଏ ଇଚ୍ଛା ଥିଲା ଯେ ଏପରି ପିଲା ମିଳୁ ଯାହାର ବାପା ଜୀବିତ ଥିବ, ଏତଦ୍‌ୱାରା ତାଙ୍କୁ ବହୁତ ପୁରସ୍କାର ଓ ଅନୁଗ୍ରହ ମିଳିପାରିବ । ଅତଏବ୍ ପ୍ରାରମ୍ଭରେ ସେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ନିଜ ସହିତ ନେଇ ଯିବାକୁ ସଙ୍କୋଚ କଲେ । କିନ୍ତୁ ଯେତେବେଳେ ଆଉ କୌଣସି ପିଲା ତାଙ୍କୁ ମିଳିଲେ ନାହିଁ ଓ ତା ସାଥିରେ ଆସିଥିବା ମହିଳାମାନଙ୍କୁ ପିଲା ମିଳି ସାରିଥିଲେ, ତେଣୁ ସେ ଖାଲି ହାତରେ ଫେରିଯିବା ଅପେକ୍ଷା ମହାଭାଗଙ୍କୁ ସାଥିରେ ନେଇ ଯିବାକୁ ଶ୍ରେୟସ୍କର ମଣିଲେ । କିନ୍ତୁ ଖୁବ୍ ଶିଘ୍ର ହଲିମାଙ୍କୁ ଏ ବିଷୟ ଜଣାପଡ଼ିଗଲା ଯେ ଯେଉଁ ପିଲାଟିକୁ ସେ ସାଥିରେ ଘେନି ଆଣିଛନ୍ତି ତାହାର ଭାଗ୍ୟ ବହୁତ ବଡ଼ । ଅତଏବ ତାଙ୍କ ନିଜର ଗୋଟିଏ ରିୱାୟତ ରହିଛି ଯେ ହଜରତ ମୁହମ୍ମଦ୍ ସ:ଆ:ସଙ୍କ ଆସିବା ପୂର୍ବରୁ ଆମେ ବହୁତ ଅସୁବିଧାରେ କାଳତିପାତ କରୁଥିଲୁ କିନ୍ତୁ ମହାଭାଗଙ୍କ ଅସିବା ପରେ ଏହି ସମସ୍ତ ଅସୁବିଧାଗୁଡ଼ିକ ସୁବିଧାରେ ପରିବର୍ତନ ହୋଇଗଲା ଓ ଆମର ସବୁ କାର୍ଯ୍ୟ ମଙ୍ଗଳମୟ ହେବାକୁ ଲାଗିଲା । ହଲିମାଙ୍କର ଯେଉଁ ପୁତ୍ର ଜଣଙ୍କ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସହିତ ଖିରପାନ କରୁଥିଲା ତାଙ୍କ ନାମ ଅବ୍‌ଦୁଲ୍ଲାଃ ଥିଲା । ତାଙ୍କର ଜଣେ ବଡ଼ ଭଉଣୀ ଥିଲେ ଯାହାଙ୍କ ନାମ ଶିମା ଥିଲା, ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ବହୁତ ସ୍ନେହ କରୁଥିଲେ ।

ଦୁଇବର୍ଷ ପରେ ଯେବେ ରଜାଅତ୍ (ଖିରପାନ)ର ଅବଧି ଶେଷ ହୋଇଗଲା, ସେତେବେଳେ ପ୍ରଥା ଅନୁସାରେ ହଲିମା ମହାଭାଗଙ୍କୁ ସାଥିରେ ଧରି ମକ୍କା ଆସିଲେ କିନ୍ତୁ ସେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କୁ ଏତେ ଭଲ ପାଉଥିଲେ ଯେ, ତାଙ୍କ ମନ ଏକଥା ଚାହୁଁଥିଲା କି ଯଦି ସମ୍ଭବ ହୁଅନ୍ତା ତେବେ ଆପଣ ସ:ଆ:ସଙ୍କ ମାଆଙ୍କଠାରୁ ଅନୁମତି ନେଇ ମହାଭାଗଙ୍କୁ ପୁଣି ସାଥିରେ ନେଇଯାଆନ୍ତେ । ଅତଏବ୍ ସେ ବାରମ୍ବାର ଜୋର୍ ଦେଇ ଏକଥା କହୁଥିଲେ ଯେ ଏବେ ଏହି ପିଲାଟିକୁ ମୋ ପାଖରେ ଆଉ କେତେ ଦିନ ରଖିବାକୁ ଦିଅ । ମୁଁ ଏହାର ଧ୍ୟାନ ରଖିବି । ଆମିନା ପ୍ରଥମେ ଏ କଥାକୁ ସ୍ୱୀକାର କଲେ ନାହିଁ କିନ୍ତୁ ତାଙ୍କର ଜିଦ୍‌କୁ ଦେଖି ଏ କଥା ଚିନ୍ତା କରିଲେ ଯେ ମକ୍କାର ପରିବେଶଠାରୁ ବାହାରର ପରିବେଶ ଭଲ ଓ ସେ ସମୟରେ ମକ୍କାର ପରିବେଶ ମଧ୍ୟ କିଛି ଖରାପ ଥିଲା, ତେଣୁ ଆମିନା ଏକଥା ମାନିନେଲେ ଓ ହଲିମା ପିଲାଟିକୁ ଧରି ଖୁସି ଖୁସି ନିଜ ଘରକୁ ଲେଉଟିଗଲେ । ତା'ପରେ ଉଣା ଅଧିକେ ଚାରିବର୍ଷ ପର୍ଯ୍ୟନ୍ତ ଆପଣ ସ:ଆ:ସ ହଲିମାଙ୍କ ନିକଟରେ ରହିଲେ ଏବଂ ବନୁ ସାଆଦ୍ କବିଲାର ପୁଅ ଝିଅମାନଙ୍କ ସହିତ ଖେଳକୁଦ କରି ବଡ଼ ହେଲେ । ଏହି କବିଲାର ଭାଷା ବିଶେଷ ରୂପେ ସ୍ୱଚ୍ଛ ଏବଂ ସମୃଦ୍ଧ ଥିଲା । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ମଧ୍ୟ ଏହି ଭାଷା ଶିଖିଲେ ।

ହଲିମା ମହାଭାଗ ସ:ଆ:ସଙ୍କୁ ବହୁତ ସ୍ନେହ କରୁଥିଲେ ଓ କବିଲାର ସବୁ ଲୋକମାନେ ମହାଭାଗଙ୍କୁ ବହୁତ ଭଲପାଉଥିଲେ କିନ୍ତୁ ଯେତେବେଳେ ଆପଣଙ୍କ ବୟସ ଚାରିବର୍ଷ ହେଲା, ସେତେବେଳେ ଏପରି ଏକ ଘଟଣା ଘଟିଲା ଯାହାକୁ ଦେଖି ହଲିମା ବହୁତ ଭୟ କରିଗଲେ ଓ ମହାଭାଗ ସ:ଆ:ସଙ୍କୁ ଆଣି ମକ୍କାରେ ମହାଭାଗଙ୍କୁ ମାଆଙ୍କୁ ଦେଇଦେଲେ । ଏହି ଘଟଣାଟି ଇତିହାସରେ ଏହିପରି ବର୍ଣ୍ଣିତ ଅଛି ଯେ ଏକଦା ମହାଭାଗ ନିଜ ରଜାଇ (ଅର୍ଥାତ ଖିରପାନ କରିଥିବା) ଭାଇଙ୍କ ସହିତ ମିଶି ଖେଳୁଥିଲେ ଏବଂ କୌଣସି ବୟସ୍କ ବ୍ୟକ୍ତି ନିକଟରେ ନଥିଲେ । ଏତିକି ବେଳେ ଅଚାନକ ଦୁଇଜଣ ଧଳାପୋଷାକଧାରୀ ବ୍ୟକ୍ତି ପ୍ରକଟ ହେଲେ ଏବଂ ସେମାନେ ଆପଣ ସ:ଆ:ସଙ୍କୁ ଧରି ଭୂମିରେ ଶୁଆଇ ଦଲେ ଓ ଆପଣ ସ:ଆ:ସଙ୍କ ଛାତିକୁ ଚିରି ଦେଲେ । ଏହି ଦୃଶ୍ୟକୁ ଦେଖି ଆପଣ ସ:ଆ:ସଙ୍କ ରଜାଇ ଭାଇ ଅବ୍‌ଦୁଲ୍ଲାଃ ବିନ୍ ହାରିସ୍ ଦଉଡ଼ି ଯାଇ ନିଜ ମାଆ ବାପାଙ୍କୁ ଏତେଲା ଦେଲା ଯେ ମୋ କୁରୈଶ୍ ଭାଇ (ଅର୍ଥାତ ମୁହମ୍ମଦ ସ:ଆ:ସ)ଙ୍କୁ ଦୁଇଜଣ ଲୋକ ଧରି ନେଇଛନ୍ତି ଓ ତା ଛାତିକୁ ଚିରୁଛନ୍ତି । ହାରିସ୍ ଓ ହଲିମା ଏହା ଶୁଣି ଧାଇଁ ଯାଇ ଦେଖିଲେ ଯେ କୌଣସି ଲୋକ ସେଠାରେ ନାହାନ୍ତି କିନ୍ତୁ ମୁହମ୍ମଦ୍ ସ:ଆ:ସ ଏକ ଭୟଭିତ ଅବସ୍ଥାରେ ସେଠାରେ ଛିଡ଼ା ହୋଇଛନ୍ତି । ଓ ତାଙ୍କ ଚେହେରାର ରଙ୍ଗ ପରିବର୍ତନ ହେଉଅଛି । ହଲିମା ଆଗକୁ ବଢ଼ି ତାଙ୍କୁ କୁଣ୍ଢାଇ ପକାଇଲେ ଓ ପଚାରିଲେ "ପୁଅ ତୁମର କଣ ହୋଇଛି ? ଆଁ ହଜ୍‌ରତ୍ ସ:ଆ:ସ ସବୁକଥା ବତାଇଲେ ଓ କହିଲେ ଯେ ସେମାନେ କିଛି ଜିନିଷ ମୋ ଛାତିରେ ଖୋଜୁଥିଲେ ଯାହାକୁ ସେମାନେ କାଢ଼ି ଫିଙ୍ଗି ଦେଲେ । ତା'ପରେ ପୁଣି ହଲିମା ଓ ହାରିସ୍ ମୁହମ୍ମଦ ସ:ଆ:ସଙ୍କୁ ନିଜ ଆବାସ ସ୍ଥଳୀକୁ ନେଇଗଲେ । ହାରିସ୍ ହଲିମାଙ୍କୁ କହିଲେ "ମତେ ଭୟ ଲାଗୁଛି ଯେ ଏହି ପିଲାଟିକୁ କିଛି ହୋଇଯାଇଛି । ତେଣୁ ଉଚିତ ଏହା ହେବ କି ତୁମେ ତାଙ୍କୁ ଶିଘ୍ର ନେଇ ତାଙ୍କ ମାଆଙ୍କୁ ଦେଇଆସ ।" ଅତଏବ୍ ହଲିମା ମୁହମ୍ମଦ ସ:ଆ:ସଙ୍କୁ ମକ୍କା ନେଇ ଯାଇ ଆମିନାଙ୍କୁ ଅର୍ପଣ କରିଦେଲେ । ଆମିନା ଏତେ ଶିଘ୍ର ଆଣିବାର କାରଣ ପଚାରନ୍ତେ ହଲିମା ତାଙ୍କୁ ସମସ୍ତ ଘଟଣାବଳୀ ଶୁଣାଇଦେଲେ ଏବଂ ଏହି ଭୟ ପ୍ରକାଶ କଲେ ଯେ ବୋଧ ହୁଏ ଏହି ପିଲାଟି କୌଣସି ଜିନ୍ନ ଇତ୍ୟାଦିଙ୍କ ପ୍ରଭାବରେ ପ୍ରଭାବିତ ହୋଇଯାଇଛି । ଆମିନା କହିଲେ "ଏପରି କଦାପି ହୋଇନପାରେ" ମୋ ପୁଅ ବହୁତ ବୈଭବଶାଳୀ । ଯେତେବେଳେ ସେ ମୋ ଗର୍ଭରେ ଥିଲା ମୁଁ ସ୍ୱପ୍ନ ଦେଖିଥିଲି ଯେ ମୋ ଭିତରୁ ଏକ ଜ୍ୟୋତି ବାହାରୁଛି ଓ ତାହା ଦୂରଦୂରାନ୍ତ ଦେଶକୁ ବ୍ୟାପି ଯାଉଛି ।

ଏହି ଘଟଣାର ସମର୍ଥନରେ ସହି ମୁସ୍‌ଲିମ୍‌ରେ ଗୋଟିଏ ରିୱାୟତ ମଧ୍ୟ ରହିଛି । ସେଥିରେ ଅନସ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଏକଦା ଆଁ ହଜ୍‌ରତ୍ ସ:ଆ:ସ କିଛି ପିଲାଙ୍କ ସହିତ ମିଶି ଖେଳୁଥିଲେ, ସେ ସମୟରେ ଆପଣ ସ:ଆ:ସଙ୍କ ନିକଟକୁ ଜିବ୍ରାଇଲ (ଫରିସ୍ତା) ଆସିଲେ ଓ ଆପଣଙ୍କୁ ଭୂଇଁ ଉପରେ ଶୁଆଇ ଦେଇ ଆପଣ ସ:ଆ:ସଙ୍କ ଛାତି ଚିରିଦେଲେ ଓ ପୁଣି ଆପଣ ସ:ଆ:ସଙ୍କ ଛାତି ଭିତରୁ ହୃଦୟଟିକୁ ବାହାର କରିଦେଲେ ଓ ସେଥିରୁ କିଛି ବସ୍ତୁ ବାହାର କରି ଫିଙ୍ଗି ଦେଲେ ଓ କହିଲେ ଯେ ଏହା ଦୃବଳତାର ମଳିନତା ଥିଲା ଯାହାକୁ ଏବେ ତୁମଠାରୁ ଅଲଗା କରିଦିଆଗଲା । ତା'ପରେ ଜିବ୍ରାଇଲ୍ ଆପଣ ସ:ଆ:ସଙ୍କ ହୃଦୟକୁ ପରିସ୍କାର ପାଣିରେ ଧୋଇ ଦେଲେ ପୁଣି ଛାତି ଭିତରେ ପୂନର୍ବାର ରଖିଦେଇ ଛାତିକୁ ଯୋଡ଼ିଦେଲେ । ଯେତେବେଳେ ଜିବ୍ରାଇଲ ମୁହମ୍ମଦଙ୍କୁ ଭୂଇଁ ଉପରେ ଶୁଆଇବା ଓ ଛାତି ଚିରିବାର ଦେଖିଲେ ଘାବରେଇ ଯାଇ ଧାଇଁଲେ ଓ ଦାଇଙ୍କ ନିକଟକୁ ଯାଇ କହିଲେ ଯେ ମୁହମ୍ମଦଙ୍କୁ କେହି ଜଣେ ହତ୍ୟା କରିଦେଇଛି । ଯେତେବେଳେ ଏମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ପହଂଚିଲେ ସେତେବେଳେ ଫରିସ୍ତା ଅର୍ନ୍ତଧାନ ହୋଇଯାଇଥିଲେ ଏବଂ ମହାଭାଗ ଭୟାତୁର ଅବସ୍ଥାରେ ଛିଡ଼ା ହୋଇଥିଲେ । ସହି ମୁସ୍‌ଲିମ୍‌ର ସମର୍ଥନ ପରେ ଇବ୍‌ନେ ହୁଶାମ୍‌ର ରିୱାୟତକୁ ଏପରି ଏକ ଦୃଢ଼ତା ହାସଲ ହୋଇଯାଇଛି ଯେ ବିନା କୌଣସି ଶକ୍ତିଶାଳୀ ପ୍ରମାଣରେ ଆମେ ଏହାକୁ ଦୃବଳ କହି ରଦ୍ଦ କରିପାରିବା ନାହିଁ । କିନ୍ତୁ ବାସ୍ତବିକ ଏହି ଘଟଣାଟି ଗୋଟିଏ କଶ୍‌ଫି ନଜାରାଃ (ଅର୍ଥାତ ଜାଗ୍ରତ ଅବସ୍ଥାରେ ଏହି ଘଟଣାର ଦୃଶ୍ୟକୁ ଅବଲୋକନ କରିବା) ଥିଲା । ତେଣୁ ଛାତି ଚିରାଯିବାର ବାହ୍ୟିକ ଲକ୍ଷଣ ନ ରହିବା ଅର୍ଥାତ ସେ ସମୟରେ ଆପଣ ସ:ଆ:ସଙ୍କ ଦାଇ ଇତ୍ୟାଦି ଲୋକମାନଙ୍କୁ ତାହାର କୌଣସି ବାହ୍ୟ ଲକ୍ଷଣ / ଚିହ୍ନ ଦେଖା ନ ଯିବା ମଧ୍ୟ ପ୍ରକାଶ କରୁଅଛି ଯେ ଏହା ଏକ କଶ୍‌ଫ୍ (ଆଲୌକିକ ଦୃଶ୍ୟ) ଥିଲା ଯାହାର ପରିଧି ଅନ୍ୟ ପିଲାମାନଙ୍କ ପର୍ଯ୍ୟନ୍ତ ମଧ୍ୟ ବ୍ୟାପିଯାଇଥିଲା ଏବଂ ଯେମିତି କି ସ୍ୱୟଂ ଏହି କଶ୍‌ଫ ଭିତରେ ଏ ବ୍ୟାଖ୍ୟା ରହିଛି । ଏହାର ଅର୍ଥ ଏପରି ଥିଲା ଯେ ଖୁଦାଙ୍କ ଫରିସ୍ତା ରୂପଧାରଣ କରି ଆଲୌକିକ ସଂସାରରେ ମହାଭାଗଙ୍କ ବକ୍ଷକୁ ଚିରିଦେଲେ ଓ ସକଳ ଦୃବଳତାର ମଳିନତାକୁ ତାଙ୍କ ଭିତରୁ ବାହାର କରି ଫିଙ୍ଗି ଦେଲେ । ସହି ଆହାଦିସ୍‌ରୁ ପ୍ରମାଣିତ ଯେ **ମେରାଜ୍** ର ରାତ୍ରିରେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଏହି ପ୍ରକାରର **ଶିକ୍‌କେ ସଦର** ଅର୍ଥାତ ବକ୍ଷକୁ ଚିରିବାର ଘଟଣା ଘଟିଥିଲା । ଫରିସ୍ତାମାନେ ଆପଣ ସ:ଆ:ସଙ୍କ ହୃଦୟକୁ ବାହାର କରି **ଜମ୍ ଜମ୍** ର ନିର୍ମଳ ପାଣିରେ ଧୋଇଦେଲେ ଓ ପୁଣି ଯଥା ସ୍ଥାନରେ ତାକୁ ରଖିଦେଲେ ।

ଏଠାରେ ଏକଥା ଚର୍ଚ୍ଚା କରିବା ମଧ୍ୟ ଅନୁଚିତ ହେବନାହିଁ ଯେ ସର୍ ୱିଲିୟମ୍ ମ୍ୟୁୟର୍ ଏହି ଘଟଣା ବିଷୟରେ ଚର୍ଚ୍ଚା କରି ଆକ୍ଷେପ ମୂଳକ ଟିପ୍ପଣୀ କରିଛନ୍ତି ଯେ ନଉଜୁବିଲ୍ଲାଃ ଏହା ଏକ ଅପସ୍ମାର ରୋଗର ପ୍ରଭାବ ଥିଲା ଯାହା ମୁହମ୍ମଦ ସ:ଆ:ସଙ୍କୁ ହୋଇଥିଲା । ଆମେ କାହାର ମୁହଁକୁ ତ ବନ୍ଦ କରିପାରିବା ନାହିଁ କିନ୍ତୁ ମ୍ୟୁୟର୍ ସାହେବ ଏହି ଆପତି ଓ ଅଭିଯୋଗ କରି ନିଜର ନିଚ ସ୍ତରର ବିଦ୍ୱେଷଭାବକୁ ପ୍ରକାଶ କରିଛନ୍ତି । କାରଣ ପ୍ରଥମତଃ ସମସ୍ତେ ଏକଥା ଜାଣିଛନ୍ତି ଯେ ଅପସ୍ମାର ରୋଗ ଜଣେ ଦୃବଳମନା ଓ ଦୃବଳ ବୁଦ୍ଧି ରଖିଥିବା ଲୋକଙ୍କୁ ହୋଇଥାଏ । କିନ୍ତୁ ମୁହମ୍ମଦ ସ:ଆ:ସଙ୍କ ସମ୍ବନ୍ଧରେ ନିଜେ ମ୍ୟୁୟର୍ ସାହେବ ସ୍ୱୀକାର କରିଛନ୍ତି ଯେ ମହାଭାଗ ସୁନ୍ଦର ଓ ବଳିଷ୍ଠ ଶାରିରୀକ ଶକ୍ତି ସମ୍ପନ୍ନ ବ୍ୟକ୍ତି ଥିଲେ । ଏତଦ୍ ବ୍ୟତିତ ଏହି ରିୱାୟତ ମଧ୍ୟ ତାଙ୍କ ଆରୋପକୁ ସ୍ୱୟଂ ଖଣ୍ଡନ କରୁଅଛି । କାରଣ ରିୱାୟତରେ ଏହା ସ୍ପଷ୍ଟଭାବେ ଲେଖାଯାଇଅଛି ଯେ ଏହି ଦୃଶ୍ୟକୁ ମୁହମ୍ମଦ ସ:ଆ:ସଙ୍କ ରଜାଇ ଭାଇ ମଧ୍ୟ ଦେଖିଛନ୍ତି ଓ ସେ ନିଜେ ଧାଇଁ ଯାଇ ତାଙ୍କ ବାପା ମାଆଙ୍କୁ ଏତେଲା ଦେଇଛନ୍ତି ଯେ ମୋ କୁରୈଶ୍ ଭାଇକୁ ଦୁଇଜଣ ଧଳା ପୋଷାକଧାରୀ ବ୍ୟକ୍ତି ଭୁମି ଉପରେ ଶୁଆଇ ଦେଇ ତାର ଛାତିକୁ ଚିରୁଛନ୍ତି (ଏବେ କୁହନ୍ତୁ) କଣ ଦୁନିଆରେ ଏମିତି କୌଣସି ଅପସ୍ମାର ରୋଗ ଅଛି ଯାହା ସମ୍ବନ୍ଧରେ ଅନ୍ୟ ଲୋକ ମଧ୍ୟ ଏକ ପ୍ରକାରର ସେହି ଦୃଶ୍ୟ ଦେଖିଥିବାର ସାକ୍ଷ୍ୟ ଦେଉଥିବ । ଅବଶ୍ୟ ଯେଉଁ ଲୋକଟି ଉପରେ ଅପସ୍ମାର ରୋଗର ପ୍ରଭାବ ପଡ଼ିଥିବ ସେ ନିଜେ ତା ମନରେ ଏପରି କଳ୍ପନା କରିପାରେ ଯେ ତାକୁ କେହି ଜଣେ ଧରି ଭୂଇଁ ଉପରେ ପକାଇ ଦେଇଛି କିନ୍ତୁ ତାକୁ ଦେଖୁଥିବା ଲୋକଟି ମଧ୍ୟ ଏପରି ଦୃଶ୍ୟ (ଅର୍ଥାତ ସେହି ରୋଗିଟି ଦେଖୁଥବା ଦୃଶ୍ୟ)କୁ ଦେଖେ ତା ହେଲେ ଏହା ଏପରି କଥା ହେବ ଯାହାକୁ ଜଣେ ପକ୍ଷପାତିତା ଓ ସଙ୍କିର୍ଣ୍ଣ ମନେଭାବ ବ୍ୟକ୍ତିଙ୍କ ବ୍ୟତିତ କେହି ହେଲେ ମୁହଁରେ ଆଣିପାରିବ ନାହିଁ ।

ସେ ଯାହା ହେଉ ନା କାହିଁକି ଯେବେ ମୁହମ୍ମଦ ସ:ଆ:ସଙ୍କ ବୟସ ଚାରି ବର୍ଷରେ ପହଂଚିଲା, ହଲିମା ଆଣି ତାଙ୍କୁ ତାଙ୍କ ମାଆଙ୍କୁ ଦେଇଦେଲେ । ହଲିମାଙ୍କର ଏହି ଚାରିବର୍ଷର ସେବା କୌଣସି ମାମୁଲି ସେବା ନଥିଲା । ଆଁ ହଜ୍‌ରତ୍ ସ:ଆ:ସ ଛୋଟିଆରୁ ଛୋଟିଆ ସେବାକୁ ମଧ୍ୟ ଭୁଲୁ ନଥିଲେ । ଅତଏବ୍ ଆପଣ ସ:ଆ:ସ ସାରା ଜୀବନ ହଲିମାଙ୍କର ଏହି ସେବାକୁ ମନେରଖି ଥିଲେ ଓ ସର୍ବଦା ତାଙ୍କ ସହିତ ଉତମ ବ୍ୟବହାର କରୁଥିଲେ । ଅତଃ ଯେତେବେଳେ ଦେଶରେ ଥରେ ଦୁର୍ଭିକ୍ଷ ପଡ଼ିଥିଲା ଓ ହଲିମା ମକ୍କା ଆସିଥିଲେ, ସେତେବେଳେ ଆପଣ ସ:ଆ:ସଙ୍କ ତାଙ୍କୁ ଚାଳିଶିଟି ଛେଳି ଓ ଗୋଟିଏ ଓଟ ପ୍ରଦାନ କରିଥିଲେ । ନବୁୱତ୍ ମିଳିବା ପରେ ଏକଦା ସେ ଆସିଥିଲେ ତାଙ୍କୁ ଦେଖିବା କ୍ଷଣି ଆଁ ହଜ୍‌ରତ୍ ସ:ଆ:ସ "ମୋ ମାଆ ! ମୋ ମାଆ ! !" କହି ଛିଡ଼ା ହୋଇଗଲେ ଓ ନିଜେ ଘୋଡ଼ିଥିବା ଚାଦରଟିକୁ ଦେହରୁ ବାହାର କରି ତଳେ ବିଛାଇ ଦେଇ ତାଙ୍କୁ ବସାଇଲେ । ପୁଣି ଯେବେ ଗୋଟିଏ ଯୁଦ୍ଧରେ (ଅର୍ଥାତ ହୁନୈନ୍ ଯୁଦ୍ଧରେ) ହୱାଜନ୍ କବିଲାର ହଜାର ହଜାର କଏଦି ଧରା ହୋଇ ଆସିଲେ, ସେତେବେଳେ ଆପଣ ସ:ଆ:ସ ସେହି ସମ୍ବନ୍ଧ ଯୋଗୁଁ (ଅର୍ଥାତ ହଲିମାଙ୍କର ଉକ୍ତ କବିଲା ସହିତ ରହିଥିବା ସମ୍ପର୍କ ଯୋଗୁଁ) ସେ ସମସ୍ତଙ୍କୁ ମୁକ୍ତ କରିଦେଲେ ଓ ସେହି କଏଦୀମାନଙ୍କଠାରୁ ତାଙ୍କ ଫିଦିଆ (ମୁକ୍ତିଦାନ) ର ପ୍ରତିବଦଳରେ ଏକ ପଇସା ମଧ୍ୟ ନେଲେ ନାହିଁ ଏବଂ ନିଜର ଜଣେ ରଜାଇ ଭଉଣୀଙ୍କୁ, ଯିଏ ସେହି କଏଦିମାନଙ୍କ ସହିତ ଆସିଥିଲେ, ତାଙ୍କୁ ବହୁତ ଧନ ଦଉଲତ ଇତ୍ୟାଦି ପୁରସ୍କାର ଦେଇ ବିଦା କଲେ । ହଲିମା ଓ ତାଙ୍କ ସ୍ୱାମୀ ହାରିସ୍‌ଙ୍କ ଇସ୍‌ଲାମ୍ ଗ୍ରହଣ କରିଥିବା ସମ୍ବନ୍ଧରେ ମତଭେଦ ରହିଛି । କିନ୍ତୁ ରାଜେହ୍‌ଙ୍କ କହିବା

ଅନୁସାରେ ସେହି ଦୁଇଜଣ ଯାକ ମୁସଲମାନ ହୋଇଯାଇଥିଲେ ଓ ଇସ୍‌ଲାମ୍‌ରେ ଥିବା ଅବସ୍ଥାରେ ହିଁ ତାଙ୍କର ମୃତ୍ୟୁ ହୋଇଛି । ଆଁ ହଜ୍‌ରତ୍ ସ:ଆ:ସଙ୍କ ରଜାଇ ଭାଇ ଅବ୍‌ଦୁଲ୍ଲାଃ ଏବଂ ଭଉଣୀ ଶିମା ମଧ୍ୟ ଇସ୍‌ଲାମ୍‌ରେ ରହି ମୃତ୍ୟୁବରଣ କରିଛନ୍ତି ।

### ମାଆଙ୍କ ଦ୍ୱାରା ପ୍ରତିପାଳିତ ଓ ୟସ୍‌ରବ୍‌କୁ ଯାତ୍ରା

ଯେବେ ହଲିମା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ତାଙ୍କ ମାଆଙ୍କ ନିକଟକୁ ନେଇ ଆସିଲେ, ସେତେବେଳେ ଆପଣ ସ:ଆ:ସଙ୍କର ବୟସ ଊଣା ଅଧିକେ ଚାରିବର୍ଷ ହୋଇଥିଲା । ତା'ପରେ ମହାଭାଗ ନିଜ ମାଆଙ୍କ ଦାୟିତ୍ୱରେ ଲାଳନପାଳନ ହେଲେ । ଯେବେ ଆପଣ ସ:ଆ:ସଙ୍କ ବୟସ ଛଅ ବର୍ଷହେଲା, ସେତେବେଳେ ନିଜର ବନ୍ଧୁବାନ୍ଧବ ବନୁ ନଜାର୍ ସହିତ ସାକ୍ଷାତ କରିବାପାଇଁ ଆମିନା ୟସ୍‌ରବ୍ (ଏବେକାର ମଦିନା) ଗଲେ । ତାଙ୍କ ସହିତ ଉମ୍ମେ ଅଇମନ୍ ଥିଲେ । ସମ୍ଭବତଃ ଏହି ଯାତ୍ରାରେ ଆମିନାଙ୍କୁ ନିଜ ମରହୁମ୍ (ମୃତ) ସ୍ୱାମୀଙ୍କ ମଜାର୍ (କବରସ୍ଥଳୀ) ଦେଖିବାକୁ ଇଚ୍ଛା ମଧ୍ୟ ହୋଇଥିବ । ସେ ଯାହା ହେଉ ନା କାହିଁକି ସେ ୟସ୍‌ରବ୍ ଗଲେ ଓ ସେଠାରେ ପାଖାପାଖି ଛଅ ମାସ ପର୍ଯ୍ୟନ୍ତ ରହିଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏହି ଦିନଗୁଡ଼ିକ ଶେଷ ସମୟ ପର୍ଯ୍ୟନ୍ତ ମନେ ରହିଥିଲା । ପାଖାପାଖି ପଚାଶ ବର୍ଷ ପରେ ଯେବେ ଆପଣ ସ:ଆ:ସ ହିଜ୍‌ରତ୍ କରି ମଦିନା ଗଲେ ସେତେବେଳେ ସାହାବା ମାନଙ୍କୁ ଆପଣ ସ:ଆ:ସ ସେହି ସ୍ଥାନ ବିଷୟରେ ବତାଇଲେ ଯେଉଁଠି ଆପଣ ସ:ଆ:ସ ନିଜ ମାଆଙ୍କ ସହିତ ରହିଥିଲେ ଓ ସେ ସ୍ଥାନ ବିଷୟରେ ମଧ୍ୟ ବତାଇଲେ ଯେଉଁସ୍ଥାନରେ ଆପଣ ସ:ଆ:ସ ମଦିନାର ପିଲାମାନଙ୍କ ସହିତ ମିଶି ଖେଳକୁଦ କରୁଥିଲେ ଏବଂ ସେହି ପୋଖରୀ ମଧ୍ୟ ଦେଖାଇଲେ ଯେଉଁଠି ଆପଣ ସ:ଆ:ସ ପାଣି ପହଂରିବାର ଅଭ୍ୟାସ କରୁଥିଲେ ।

### ମାଆଙ୍କ ଦେହାନ୍ତ

ପାଖାପାଖି ଏକମାସ ରହିବା ପରେ ଆମିନା ସେଠାରୁ ଲେଉଟିଲେ କିନ୍ତୁ ନିଜ ସ୍ୱାମୀଙ୍କ ପରି ତାଙ୍କର ଦେହାନ୍ତ ମଧ୍ୟ ହିଜ୍‌ରତ୍ ସମୟରେ ହିଁ ହେବା ବିଧିର ବିଧାନ ଥିଲା । ଅତଏବ୍ ରାସ୍ତାରେ ହିଁ ବେମାର ହୋଇଗଲେ ଓ **ଅବ୍‌ୱାଆ** ନାମକ ସ୍ଥାନରେ ତାଙ୍କର ଦେହାନ୍ତ ହୋଇଗଲା ଓ ସେଠାରେ ହିଁ ତାଙ୍କୁ କବର ଦିଆଗଲା । ନବୁଓ୍ୱତ ସମୟରେ ଯେବେ ଏକଦା ଆଁ ହଜ୍‌ରତ୍ ସ:ଆ:ସ ସେହି ସ୍ଥାନ ଦେଇ ଯାଉଥିଲେ, ନିଜ ମାଆଙ୍କ କବରସ୍ଥଳୀକୁ ପରିଦର୍ଶନ କରିବାକୁ ଗଲେ ଓ ତାହାକୁ ଦେଖି ଆଖିରେ ଲୁହ ଭରିଗଲା । ସାହାବମାନଙ୍କ ଏହି ଦୃଶ୍ୟକୁ ଦେଖି ମଧ୍ୟ କାନ୍ଦି ପକାଇଲେ । ଆଁ ହଜ୍‌ରତ୍ ସ:ଆ:ସ ସାହାବାମାନେ କହିଲେ "ଅଲ୍ଲାଃ ତାଲା ମତେ ଏ ଅନୁମତି ତ ଦେଇଛନ୍ତି ଯେ ମୁଁ ମୋ ମାଆଙ୍କ କବର୍‌କୁ ପରିଦର୍ଶନ କରିବି କିନ୍ତୁ ଦୁଆ କରିବାକୁ ଅନୁମତି ଦେଇନାହାନ୍ତି । ଏଥିରେ ଏହା ଭାବନ୍ତୁ ନାହିଁ ଯେ ଆପଣ ସ:ଆ:ସଙ୍କ ମାଆଙ୍କର ମଗ୍‌ଫିରତ୍ (ମୋକ୍ଷ) ହେବ ନାହିଁ ବୋଲି । କାରଣ ଏଥିରୁ କେବଳ ଏତିକି ଜଣାପଡୁଛି ଯେ, ଯେମିତି ଆଁ ହଜ୍‌ରତ୍ ସ:ଆ:ସ ଅନ୍ୟ ଅବସରରେ କହିଛନ୍ତି ଯେ ଯେଉଁ ବ୍ୟକ୍ତି ସିର୍କ (ଅର୍ଥାତ ଅନେକେଶ୍ୱରବାଦ ଉପରେ ବିଶ୍ୱାସ ରଖିଥିବା) ଅବସ୍ଥାରେ ମୃତ୍ୟୁ ବରଣ କରେ ତା ପାଇଁ ଦୁଆ ମାଗିବା ଠିକ୍ ନୁହେଁ ବରଂ ତା ମାମଲାକୁ ଖୁଦାଙ୍କ ଠାରେ ନ୍ୟସ୍ତ କରିବା ଉଚିତ ହେବ ।

ମାଆଙ୍କ ଦେହାନ୍ତ ପରେ ଆଁ ହଜ୍‌ରତ୍ ସ:ଆ:ସ ସମ୍ପୂର୍ଣ୍ଣ ରୂପେ ଅନାଥ ହୋଇଗଲେ । ଛୋଟ ବୟସରେ ନିଜ ଇଲାକାରୁ ଦୂରେଇ ରହିବା, ନିଜ କୁଟୁମ୍ବଙ୍କଠାରୁ ଦୁରେଇ ରହିବା, ମାଆଙ୍କ ଚାଲଯିବାର ଦୁଃଖ, ଏପିର ପରିସ୍ଥିତିରେ କି ବାପା ମଧ୍ୟ ପ୍ରଥମେ ଚାଲିଯାଇଛନ୍ତି, କୌଣସି ମାମୁଲି ଦୁଃଖ ନଥିଲା । ଅତଏବ୍ ଏହି ସବୁ କଥା ଆଁ ହଜ୍‌ରତ୍ ସ:ଆ:ସଙ୍କ ହୃଦୟ ଉପରେ ଏକ ଗଭୀର କ୍ଷତ ଓ ସ୍ଥାୟୀ ପ୍ରଭାବ ପକାଇଲା । ଅବଶ୍ୟ ଆପଣ ସ:ଆ:ସ ଅଲ୍ଲାଃଙ୍କ ତରଫରୁ ରହ୍‌ମତୁଲ ଲିଲ୍ ଆଲମିନ୍ (ସାରା ଦୁନିଆ ପାଇଁ କରୁଣା) ହୋଇ ପ୍ରେରଣ ହୋଇଥିଲେ କିନ୍ତୁ ବ୍ୟବହାରିକ ଆସବାବର ଦୃଷ୍ଟିକୋଣରୁ ଏହି ସବୁ କଥାର ପ୍ରଭାବ ଆପଣ ସ:ଆ:ସଙ୍କ ଉପରେ ଗଭୀର ଭାବେ ପଡ଼ିଥିଲା ଓ ଏହି ପ୍ରାରମ୍ଭିକ ଦୁଃଖର ପରିଣାମ ଥିଲା ଯେ ଆପଣଙ୍କ ସ:ଆ:ସଙ୍କ ଚରିତ୍ରରେ ଗରୀବମାନଙ୍କୁ ଭଲ ପାଇବା ଓ ଅଭାବି ଦୁଃଖ ଦରିଦ୍ର ସହିତ ସହାନୁଭୁତି ଦେଖାଇବା ବିଶେଷ ଗୁଣ ହୋଇଯାଇଥିଲା । ପବିତ୍ର କୁର୍‌ଆନ୍‌ରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନାଥ ହେବା ବିଷୟରେ ଏପରି ବର୍ଣ୍ଣନା କରାଯାଇଅଛି । **ଅଲମ୍ ୟଜିଦ୍‌କା ୟତିମନ୍ ଫଆଓ୍ୱା ଓ୍ୱ ଓ୍ୱଜ୍‌ଦକା ଜ୍ୱାଲ୍ଲନ୍ ଫହଦା ଓ୍ୱ ଓ୍ୱଜ୍‌ଦକା ଆଇଲନ୍ ଫଅଗ୍‌ନା । ଫଅମ୍ମଲ୍ ୟତିମା ଫଲା ତକ୍‌ହର୍** (ଅଜ୍‌ଜୁହା: ୭-୧୦) ଅର୍ଥାତ: କଣ ଆମେ ତୁମକୁ ଅନାଥ ପାଇ ଆଶ୍ରୟ ଦେଇନାହୁଁ । ଅତଏବ୍ ଏବେ ତୁମର କର୍ତବ୍ୟ ଯେ ତୁମେ ମଧ୍ୟ ଅନାଥମାନଙ୍କ ସହିତ ସ୍ନେହ, ସହାନୁଭୁତି ଓ ନମ୍ର ବ୍ୟବହାର କର"

### ଅବ୍‌ଦୁଲ୍ ମୁତଲବ୍‌ଙ୍କ ଦ୍ୱାରା ଲାଳନପାଳନ

ମାତାଙ୍କ ଦେହାନ୍ତ ପରେ ଆଁ ହଜ୍‌ରତ୍ ସ:ଆ:ସ ନିଜର ସେବିକା ଉମ୍ମେ ଅଇମନ୍‌ଙ୍କ ସହିତ ମକ୍କାରେ ପହଂଚିଲେ । ଏହି ଉମ୍ମେ ଅଇମନ୍ ହେଉଛନ୍ତି ସେହି ମହିଳା ଯାହାଙ୍କୁ ମୁହମ୍ମଦ ସ:ଆ:ସଙ୍କ ବାପାଙ୍କ ମୃତ୍ୟୁ ପରେ ଜଣେ ଲୌଣ୍ଡି (ଅର୍ଥାତ ସେବିକା) ରୂପରେ ମହାଭାଗଙ୍କୁ ଉତରାଧିକାରୀ ସମ୍ପତି ସ୍ୱରୁପ ମିଳିଥିଲା । ବଡ଼ ହୋଇ ଆପଣ ସ:ଆ:ସ ତାଙ୍କୁ ସ୍ୱାଧିନ କରିଦେଇଥିଲେ ଓ ତାଙ୍କ ସହିତ ବହୁତ ଉପକାର କରିଥିଲେ । ପରେ ଉମ୍ମେ ଅଇମନ୍‌ଙ୍କ ବିବାହ ଆପଣଙ୍କ ଦ୍ୱାରା ସ୍ୱାଧିନ ହୋଇଥିବା ଗୁଲାମ୍ ଜୈଦ୍ ବିନ୍ ହାରସାଃଙ୍କ ସହିତ ହୋଇଥିଲା ଓ ତାଙ୍କ ଔରଷରୁ ଉସାମା ବିନ୍ ଜୈଦ୍ ଜନ୍ମ ହୋଇଥିଲେ । ଉମ୍ମେ ଅଇମନ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦେହାନ୍ତ ପରେ ମଧ୍ୟ ଜୀବିତ ଥିଲେ । ସେ ଯାହା ହେଉ ନା କାହିଁକି ମାଆଙ୍କ ଦେହାନ୍ତ ପରେ ଆପଣ ସ:ଆ:ସ ଉମ୍ମେ ଅଇମନ୍‌ଙ୍କ ସହିତ ମକ୍କାରେ ପହଂଚିଲେ । ସେଠାରେ ପହଂଚିବା ପରେ ଆପଣଙ୍କୁ ଅବ୍‌ଦୁଲ୍ ମୁତଲବ୍ (ଆପଣ ସ:ଆ:ସଙ୍କ ଜେଜେ) ପ୍ରତ୍ୟକ୍ଷ ଭାବେ ନିଜ ଦାୟିତ୍ୱରେ ନେଇ ରଖିଲେ । ଅବ୍‌ଦୁଲ୍ ମୁତଲବ୍ ଆପଣ ସ:ଆ:ସଙ୍କୁ ବହୁତ ଭଲ ପାଉଥିଲେ ଓ ଅତ୍ୟନ୍ତ ସ୍ନେହ କରୁଥିଲେ । ଖାନା କାବା ପରିକ୍ରମଣ କରିବା ସମୟରେ ଆପଣ ସ:ଆ:ସଙ୍କୁ କାନ୍ଧରେ ବସାଇ ପରିକ୍ରମଣ କରୁଥିଲେ । ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ ତାଙ୍କ ସହିତ ବହୁତ ମିଶିଗଲେ । ଅବ୍‌ଦୁଲ୍ ମୁତଲିବ୍‌ଙ୍କର ଏ ଅଭ୍ୟାସ ଥିଲା ଯେ କାବାର ପ୍ରାଙ୍ଗଣରେ ଆସନ ବିଛାଇ ବସୁଥିଲେ ଏବଂ କାହାର ଏ ସାହାସ ନଥିଲା ଯେ ସେହି ଆସନରେ ତାଙ୍କ ସହିତ ବସିପାରେ । ଏପରି କି ଅବ୍‌ଦୁଲ୍ ମୁତ୍‌ଲିବ୍‌ଙ୍କ ନିଜ ପୁତ୍ର ସନ୍ତାନମାନେ ମଧ୍ୟ ଅଲଗା ହୋଇ ବସୁଥିଲେ । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ନିଜ ପ୍ରେମର ଆବେଗରେ ସିଧା ଯାଇ ଅବ୍‌ଦୁଲ୍ ମୁତ୍‌ଲିବ୍‌ଙ୍କ ନିକଟରେ ବସୁଥିଲେ ଓ ସେ ମଧ୍ୟ ଆପଣ ସ:ଆ:ସଙ୍କୁ ଦେଖି ବହୁତ ଖୁସି ହେଉଥିଲେ । ବେଳେବେଳେ ଆପଣ ସ:ଆ:ସଙ୍କ ଚାଚା ଆପଣ ସ:ଆ:ସଙ୍କୁ ଆସନରେ ବସିବାକୁ ବାରଣ କରିବାରେ ଅବ୍‌ଦୁଲ୍ ମୁତ୍‌ଲିବ୍ ତାଙ୍କୁ ଏହା କରିବାପାଇଁ ମନା କରି ଦେଉଥିଲେ ଓ କହୁଥିଲେ ଯେ ତାକୁ (ଅର୍ଥାତ ମୁହମ୍ମଦ ସ:ଆ:ସଙ୍କୁ) କିଛି କୁହ ନାହିଁ ।

### ଅବ୍‌ଦୁଲ୍ ମୁତ୍‌ଲିବ୍‌ଙ୍କ ଦେହାନ୍ତ

ଏହି ଭଳି ପ୍ରେମ ଓ ସ୍ନେହ ପାଇ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନ ଅତିବାହିତ ହେଉଥିଲା ଏତିକିବେଳେ ଅବ୍‌ଦୁଲ୍ ମୁତଲିବ୍‌ଙ୍କ ଦେହାନ୍ତ ହୋଇଗଲା । ତାଙ୍କ ଶବ ସହିତ ଆଁ ହଜ୍‌ରତ୍ ସ:ଆ:ସ କାନ୍ଦି କାନ୍ଦି ଯାଉଥିଲେ । ଏହା ତୃତୀୟ ଆଘାତ ଥିଲା ଯାହା ମୁହମ୍ମଦଙ୍କ ସ:ଆ:ସଙ୍କୁ ବାଲ୍ୟତ କାନ୍ଦରେ ହିଁ ପଡ଼ିଥିଲା । ସେତେବେଳେ ଆପଣ ସ:ଆ:ସଙ୍କ ବୟସ ଆଠ ବର୍ଷ ଥିଲା ଏବଂ ଅବ୍‌ଦୁଲ୍ ମୁତଲିବ୍‌ଙ୍କ ବୟସ ଭିନ୍ନ ଭିନ୍ନ ରିଓ୍ୱାୟତ ଅନୁସାରେ ଅସି ବର୍ଷରୁ ନେଇ ଶହେ ଚାଳିଶି ବର୍ଷ ପର୍ଯ୍ୟନ୍ତ ଥିବାର ଉଲ୍ଲେଖ ରହିଛି ।

ଅବ୍‌ଦୁଲ୍ ମୁତଲିବ୍‌ଙ୍କର ଅନେକ ସ୍ତ୍ରୀଙ୍କଠାରୁ ଅନେକ ପୁତ୍ର ସନ୍ତାନ ଥିଲେ । ସେମାନଙ୍କ ମଧ୍ୟରେ ପ୍ରଶିଦ୍ଧ ନାମ ହେଉଛି ଏପରି । ହାରିସ୍, ଜୁବୈର୍, ଅବୁ ତାଲିବ୍, ଅବୁ ଲହବ୍, ଅବ୍‌ଦୁଲ୍ଲାଃ, ଅବ୍‌ବାସ ଏବଂ ହମ୍‌ଜାଃ । ସେମାନଙ୍କ ମଧ୍ୟରେ ଅବୁତାଲିବ୍ ଓ ଅବ୍‌ଦୁଲ୍ଲାଃଙ୍କର ଜଣେ ମାତା ଥିଲେ । ଅର୍ଥାତ ଏହି ଦୁଇ ଜଣ ଗୋଟିଏ ମାଆଙ୍କ ଗର୍ଭରୁ ଜାତ ଓ ବୋଧ ହୁଏ ଏହି ସମ୍ବନ୍ଧ ଯୋଗୁଁ ଅବ୍‌ଦୁଲ୍ ମୁତ୍‌ଲିବ୍ ମୃତ୍ୟୁ ସମୟରେ ଆଁ ହଜ୍‌ରତ୍ ସ:ଆ:ସଙ୍କର ବିଶେଷ ଧ୍ୟାନ ରଖିବାପାଇଁ ଓ୍ୱସିୟତ (ଉପଦେଶ) କଲେ । ଅତଏବ୍ ସେବେଠାରୁ ଆପଣ ସ:ଆ:ସ ନିଜ ଚାଚା ଅବୁତାଲିବଙ୍କ ଦାୟିତ୍ୱରେ ଲାଳନପାଳନ ହେଲେ । ଯେଉଁ ସବୁ ଜାତୀୟ କାର୍ଯ୍ୟ ଅବ୍‌ଦୁଲ୍ ମୁତଲବ୍‌ଙ୍କ ନିକଟରେ ନ୍ୟସ୍ତ ଥିଲା ଅର୍ଥାତ ପାଣି ପିଆଇବାର କାର୍ଯ୍ୟ, ଜନସେବା କାର୍ଯ୍ୟ ଇତ୍ୟାଦି, ସେ ତାଙ୍କ ଜୀବିତ ପୁତ୍ରମାନଙ୍କ ମଧ୍ୟରୁ ବଡ଼ ପୁତ୍ର ଜୁବୈରଙ୍କଠାରେ ନ୍ୟସ୍ତ କଲେ । କିନ୍ତୁ ଯେହେତୁ ଏହି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ବହୁତ ଅର୍ଥ ଖର୍ଚ୍ଚର ଆବଶ୍ୟକ ଥିଲା, ସେଥିଯୋଗୁଁ ଜୁବୈର୍ ନିଜ ସାମର୍ଥ୍ୟଠାରୁ ଅଧିକା ଦେଖି, ଏହି ଦୁଇଟି କାର୍ଯ୍ୟ ଅବୁ ତାଲିବ୍‌ଙ୍କଠାରେ ନ୍ୟସ୍ତ କରିଦେଲେ । କିନ୍ତୁ ଅବୁ ତାଲିବ୍ ମଧ୍ୟ ଗରୀବ ବ୍ୟକ୍ତି

*ଅବଶିଷ୍ଟାଂଶ ପୃଷ୍ଠା- ୨୦ ରେ ଦେଖନ୍ତୁ......*

*ପୃଷ୍ଠା-୦୧ର ଅବଶିଷ୍ଟାଂଶ......*

'କଣ ତୁମେ ଏହାକୁ ମୋତେ ବିକି ଦେବ ?' ହଜରତ ଜାବିର୍ କହୁଛନ୍ତି ଯେ ମୋ ପାଖରେ ପାଣି ଆଣିବା ପାଇଁ ଏହି ଗୋଟିଏ ଓଟକୁ ଛାଡିଦେଲେ ଅନ୍ୟ କୌଣସି ଓଟ ନଥିଲା । କିନ୍ତୁ ମୁଁ ଚକ୍ଷୁଲଜ୍ଜ୍ୟା ରଖି କହିଦେଲି ଯେ ମୁଁ ଏହାକୁ ବିକ୍ରି କରିଦେବି । ସେ ଆଜ୍ଞା ଦେବାରୁ ମୁଁ ତାହାକୁ ଏହି ସର୍ତରେ ବିକିଲି ଯେ ମଦିନା ପର୍ଯ୍ୟନ୍ତ ସେହି ଓଟ ଉପରେ ମୁଁ ବସିକରି ଯିବି । ଯିବା ବେଳେ ମୁଁ ମହାଭାଗଙ୍କୁ କହିଲି 'ହଜୁର ! ମୁଁ ନୂଆନୂଆ ବାହା ହୋଇଛି । ମୋତେ ମଦିନାରେ ପହଂଚିବା ପର୍ଯ୍ୟନ୍ତ ଅନୁମତି ଦିଆଯାଉ ।' ତେବେ ମୋତେ ଅନୁମତି ମିଳିବାରୁ ମୁଁ ଅନ୍ୟମାନଙ୍କ ଠାରୁ ପ୍ରଥମେ ଯାଇ ମଦିନାରେ ପହଂଚିଗଲି । ରାସ୍ତାରେ ମୋର ମାମୁଁ ସେହି ଓଟ ବିଷୟରେ ପଚାରିଲେ ଯେ ଏହି ଧଡିଆ ଓଟଟି ଏତେ ଜୋରରେ କେମିତି ଚାଲୁଛି । ମୁଁ ତାଙ୍କୁ ସମସ୍ତ ଘଟଣା ଶୁଣାଇ ଦେଲି ।

ମୁଁ ଯେତେବେଳେ ହଜୁରଙ୍କ ଠାରୁ ବିଦାୟ ନେବା ପାଇଁ ଅନୁମତି ମାଗିଲି, ହଜୁର ମୋତେ ପଚାରିଲେ 'ତୁମେ କୁମାରୀ କନ୍ୟାକୁ କି ବିଧବା ସ୍ତ୍ରୀକୁ ବିବାହ କରିଛ ?' ମୁଁ କହିଲି 'ହଜୁର ! ବିଧବା ମହିଳା ସହିତ ।' ଏହା ଶୁଣି ମହାଭାଗ କହିଲେ 'ତୁମେ ଯଦି କୁମାରୀ କନ୍ୟାକୁ ବାହା ହୋଇଥାନ୍ତ ସେ ତୁମ ସହିତ ଖେଳିବୁଲି ଥାଆନ୍ତା ଓ ତୁମେ ମଧ୍ୟ ତା'ସହିତ ଖେଳି ବୁଲିଥାନ୍ତ । ମୁଁ କହିଲି 'ହଜୁର ! ବାପା ଶହୀଦ ହୋଇଗଲେ ଏବଂ ମୋ ପଛରେ ଅନେକ ଛୋଟ ଛୋଟ ଭଉଣୀମାନଙ୍କୁ ଛାଡିଦେଇ ଗଲେ । ସେଥିପାଇଁ ମୁଁ ଏହା ପସନ୍ଦ କଲି ନାହିଁ ଯେ ସେମାନଙ୍କ ପରି ନୂଆ ଝିଅ ବାହା ହୋଇ ଆସିଲେ ସେ ସେମାନଙ୍କର ଭଲରେ ଦେଖାଶୁଣା କରିବାର ଦାୟୀତ୍ୱ ନେବେ ନାହିଁ ।' ଯେତେବେଳେ ହଜୁର ମଦିନା ଆସିଲେ, ମୁଁ ସକାଳୁ ସେହି ଓଟକୁ ନେଇ ଉପସ୍ଥିତ ହେଲି । ମହାଭାଗ ମୋତେ ଏହାର ମୂଲ୍ୟ ମଧ୍ୟ ଦେଲେ ଓ ସେହି ଓଟକୁ ଉପହାର ସ୍ୱରୂପ ମଧ୍ୟ ଫେରାଇ ଦେଲେ । **(ବୁଖାରି କିତାବ୍ ଅଲ ଜିହାଦ୍, ହଦିସ ନଂ ୩୫୬୭)**

ହଜରତ ମୁହମ୍ମଦ[ସଅ]ଙ୍କର ଜଣେ ସହଚର ଥିଲେ ହଜରତ ନୋଅମାନ୍ ବିନ୍ ଅମରୁ[ରଅ] । ସେ ଉକବା ସାନିୟାରେ ସତୁରି ଜଣ ଅନସାରଙ୍କ ମଧ୍ୟରେ ସାମିଲ ଥିଲେ । ହଜରତ ନୋଅମାନ୍[ରଅ] ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଙ୍କ ସହିତ ମିଶି ଯୁଦ୍ଧ କରିଥିଲେ । ବର୍ଣ୍ଣିତ ଅଛି ଯେ ରସୁଲଲ୍ଲା କହିଥିଲେ ନୋଅମାନ୍‌ଙ୍କ ପାଇଁ କେବଳ ମଙ୍ଗଳ ଛଡା କିଛି କୁହ ନାହିଁ । କାରଣ ସେ ଅଲ୍ଲାଃ ଓ ରସୁଲଙ୍କ ସହିତ ପ୍ରେମ ଭାବ ରଖିଛନ୍ତି । ହଦିସ୍‌ରେ ଆସୁଛି ଯେ ହଜରତ ମୁହମ୍ମଦ[ସଅ]ଙ୍କ ନିକଟକୁ ଜଣେ ବଦ୍ଦୁ ମରୁଯାତ୍ରୀ ଆସିଲା ଓ ମସଜିଦ୍‌ରେ ପ୍ରବେଶ କରି ସେ ନିଜ ଓଟକୁ ଅଗଣାରେ ବସାଇ ଦେଲା । ଏହା ଦେଖି କେତେକ ଅନୁଚର ହଜରତ ନୋଅମାନ୍‌ଙ୍କୁ କହିଲେ ଯେ 'ଯଦି ତୁମେ ଏହି ଓଟକୁ ଜବ୍‌ହା କରିଦିଅନ୍ତ, ତାହେଲେ ଆମେ ତାର ମାଂସ ଖାଆନ୍ତୁ । କାରଣ ଆମକୁ ମାଂସ ଖାଇବାକୁ ମନ ହେଉଛି । କିନ୍ତୁ ଯେହେତୁ ଏହା ସେହି ବଦ୍ଦୁର ଓଟ ତେଣୁ ରସୁଲୁଲ୍ଲାଙ୍କ ନିକଟରେ ଯଦି ଅଭିଯୋଗ ହେବ ତାହେଲେ ମହାଭାଗ ତାହାର କ୍ଷତିପୂରଣ ଦେବେ ।' ପ୍ରତ୍ୟକ୍ଷଦର୍ଶୀ କହନ୍ତି ଯେ ହଜରତ ନୋଅମାନ୍ ସେମାନଙ୍କ କଥାରେ ପଡି ଓଟକୁ ଜବ୍‌ହା କରିଦେଲେ । ଅଥଚ ଯେତେବେଳେ ବଦ୍ଦୁ ବାହାରକୁ ଆସିଲା, ନିଜ ବାହାନର ଏହି ଅବସ୍ଥା ଦେଖି ପାଟିକରି କହିଲା ଯେ 'ହେ ମୁହମ୍ମଦ ! ମୋ ଓଟକୁ ଜବ୍‌ହା କରିଦିଆ ଯାଇଛି ।' ମହାଭାଗ ବାହାରକୁ ଆସି କହିଲେ 'କିଏ ଏପରି କରିଛି ?' ଲୋକମାନେ କହିଲେ 'ନୋଅମାନ୍ କରିଛି' । ଏହା କରିସାରି ନୋଅମାନ୍ ସେଠାରୁ ଚାଲିଗଲେ ଓ କେଉଁଠାରେ ଯାଇ ଲୁଚି ଗଲେ । ମହାଭାଗ ତାଙ୍କୁ ଖୋଜିବାକୁ ବାହାରିଲେ ଏପରି କି ତାଙ୍କୁ ହଜରତ ଜୋବାଆ[ରଅ]ଙ୍କ ଘରେ ଲୁଚିଥିବାର ଦେଖିଲେ । କିନ୍ତୁ ଯେଉଁଠାରେ ସେ ଲୁଚିଥିଲେ, ଜଣେ ବ୍ୟକ୍ତି ନିଜ ଅଙ୍ଗୁଳିକୁ ସେଇ ଆଡକୁ ଇସାରା କରି ଉଚ୍ଚ ସ୍ୱରରେ କହିଲା ଯେ 'ହେ ରସୁଲଲ୍ଲା ! ମୋତେ କାହିଁ ସେ ଦେଖାଯାଉ ନାହାନ୍ତି ।' ତେବେ ମହାଭାଗ ତାଙ୍କୁ ସେଠାରୁ ବାହାର କଲେ ଓ କହିଲେ ତୁମେ ଏପରି ଆଚରଣ କାହିଁକି କଲ ? ନୋଅମାନ୍ ଉତର ଦେଲେ ଯେ 'ହେ ରସୁଲୁଲ୍ଲା ! ଯେଉଁ ଲୋକମାନେ ଆପଣଙ୍କୁ ମୁଁ ଜବ୍‌ହା କରିଥିବାର ଖବର ଦେଇଛନ୍ତି, ସେମାନେ ହିଁ ମୋତେ ଏହି କାଣ୍ଡ କରିବା ପାଇଁ ଉକୁସାଇ ଥିଲେ ଏବଂ ଏହା ମଧ୍ୟ କହିଥିଲେ ଯେ ରସୁଲୁଲ୍ଲା ତାହାର କ୍ଷତିପୂରଣ ଦେଇଦେବେ ।' ଏହା ଶୁଣି ରସୁଲୁଲ୍ଲା ନୋଅମାନ୍‌ଙ୍କ ଚେହେରା ଉପରେ ନିଜ ହାତ ଲଗାଇଲେ ଓ ହସିବାକୁ ଲାଗିଲେ । ପୁଣି ସେହି ବଦ୍ଦୁକୁ ଓଟର ମୂଲ୍ୟ ପରିଶୋଧ କରିଦେଲେ ।

ମଦିନାରେ ଯେତେବେଳେ ମଧ୍ୟ କୌଣସି ଫେରିବାଲା ଆସୁଥିଲା, ନୋଅମାନ୍[ରଅ] ତା'ଠାରୁ ରସୁଲୁଲ୍ଲାଙ୍କ ପାଇଁ କିଛିହେଲେ ଦ୍ରବ୍ୟ କିଣୁଥିଲେ ଓ ତାହାକୁ ନେଇ ମହାଭାଗଙ୍କ ସେବାରେ ଉପସ୍ଥିତ ହେଉଥିଲେ । ଏବଂ ଏହା କହୁଥିଲେ ଯେ 'ଆପଣଙ୍କ ପାଇଁ ମୋ ତରଫରୁ ଏକ ଉପହାର ।' ଯେବେ ଫେରିବାଲା ହଜରତ ନୋଅମାନଙ୍କ ଠାରୁ ତାହାର ମୂଲ୍ୟ ନେବାପାଇଁ ଆସୁଥିଲା, ସେ ତାକୁ ମହାଭାଗଙ୍କ ପାଖକୁ ନେଇଯାଉଥିଲେ ଏବଂ କହୁଥିଲେ ଯେ ଏହାର ମୂଲ୍ୟ ଦେଇଦିଅନ୍ତୁ । ଏହା ଦେଖି ମହାଭାଗ କହୁଥିଲେ 'ତୁମେ କଣ ଏହି ଦ୍ରବ୍ୟକୁ ମୋତେ ଉପହାର ସ୍ୱରୂପ ଦେଇ ନଥିଲ ?' ନୋଅମାନ୍ ଉତର ଦେଉଥିଲେ 'ହେ ରସୁଲୁଲ୍ଲା ! ମୋ ପାଖରେ ଏହି ଦ୍ରବ୍ୟର ମୂଲ୍ୟ ଦେବାପାଇଁ କିଛି ହେଲେ ନଥିଲା । କିନ୍ତୁ ମୋର ଏହା ସଉକ ଥିଲା ଯେ ଯଦି ତାହା ଖାଇବା ଦ୍ରବ୍ୟ ହୋଇଥିବ ତାହେଲେ ଆପଣ ଖାଆନ୍ତୁ, ରଖିବାର ହୋଇଥିଲେ ନିଜ ପାଖରେ ରଖନ୍ତୁ ।' ଏହା ଶୁଣି ମୁହମ୍ମଦ[ସଅ] ହସି ଦେଉଥିଲେ ଓ ସେହି ଦ୍ରବ୍ୟର ମୂଲ୍ୟ ତାହାର ମାଲିକକୁ ଦେବାପାଇଁ ଆଦେଶ ଦେଉଥିଲେ । **(ଖୁତବା ଜୁମା, ହଜରତ ଖଲିଫତୁଲ ମସିହ ପଂଚମ, ୧୩ ସେପ୍ଟେମ୍ବର ୨୦୧୯)**

ହଜରତ ମୁହମ୍ମଦ[ସଅ]ଙ୍କର ଅତ୍ୟନ୍ତ ଘନିଷ୍ଠ ସାହାଯ୍ୟକାରୀ (ଅନସାର) ସହଚର ଥିଲେ ହଜରତ ଅବଦୁଲ୍ଲା[ରଅ] । ତାଙ୍କ ପିତାଙ୍କ ନାମ ଥିଲା ଅବଦୁଲ୍ଲା ବିନ୍ ଅବି ବିନ୍ ସୁଲୁଲ୍ । ସେ କପଟ ବିଶ୍ୱାସୀଙ୍କର ଦଳପତି ଥିଲା । ସେ ମହାଭାଗଙ୍କୁ କଷ୍ଟ ଦେବା ଓ କ୍ଷତି ପହଂଚାଇବାର କୌଣସି ସୁଯୋଗକୁ ହାତଛଡା କରୁ ନଥିଲା ।

ଉହଦ ଯୁଦ୍ଧ ସମୟରେ ଅବଦୁଲ୍ଲା ବିନ୍ ଅବି ବିନ୍ ସୁଲୁଲ୍ ନିଜ ଲୋକମାନଙ୍କ ସହିତ ମୁସଲମାନଙ୍କ ପକ୍ଷରୁ ଯୁଦ୍ଧ କରିବା ପାଇଁ ବାହାରି ପଡୁଥିଲା ସତ, କିନ୍ତୁ ଉହଦ ସ୍ଥାନରେ ପହଂଚି ନିଜର ତିନିଶହ ସାଥିଙ୍କୁ ନେଇ ସେଠାରୁ ଫେରି ଯାଉଥିଲା । ତାହା ଦ୍ୱାରା ସୈନ୍ୟ ସଂଖ୍ୟା ଯାହା ଏକ ହଜାର ଥିଲା, ସେମାନେ ଯୁଦ୍ଧକ୍ଷେତ୍ର ଛାଡି ପଳାଇଯିବା ଯୋଗୁଁ କେବଳ ସାତଶହରେ ସୀମିତ ହୋଇଗଲା । ବନି ମୁସ୍ତଲକ ଯୁଦ୍ଧ ଯାହା ପାଂଚ ହିଜ୍ରିରେ ହୋଇଥିଲା, ସେତେବେଳେ ଅନସାର (ମଦିନାବାସୀ) ଏବଂ ମୁହାଜେରିନ୍ (ମକ୍କାରୁ ହିଜରତକାରୀ)ଙ୍କ ମଧ୍ୟରେ କୌଣସି ଭୂଲ ବୁଝାମଣା ଯୋଗୁଁ ବଡ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । କିନ୍ତୁ ହଜରତ ମୁହମ୍ମଦ[ସଅ]ଙ୍କର ଅସାଧାରଣ ସତସଙ୍ଗ ଓ ଆକର୍ଷଣ ବ୍ୟକ୍ତିତ୍ୱ ରହିଥିବା ତଥା ଦୁଇ ଗୋଷ୍ଠୀଙ୍କ ହୃଦୟରେ ତାଙ୍କ ପ୍ରତି ଗଭୀର ପ୍ରେମ ଭାବ ରହିଥିବା ଯୋଗୁଁ ସେପରି ହେଲା ନାହିଁ । କପଟବିଶ୍ୱାସୀଙ୍କ ନେତା ଅବଦୁଲ୍ଲା ବିନ୍ ଅବି ବିନ୍ ସୁଲୁଲ୍ ମଧ୍ୟ ସେହି ଯୁଦ୍ଧରେ ସାମିଲ ଥିଲା । ଯେତେବେଳେ ତାକୁ ଏ କଥା ଜଣାପଡିଲା, ସେ ସେହି ମତଭେଦକୁ ଅଧିକ ତୀବ୍ର କରିବା ପାଇଁ ଉଭୟ ପକ୍ଷକୁ ଉକୁସାଇଲା । ଏବଂ ସେ ଏହା ମଧ୍ୟ କହିଦେଲା **"ଲଇର୍ ରଜନା ଇଲଲ୍ ମଦିନତେ ଲୟୁଖ୍‌ରିଜନ୍ନଲ୍ ଆଅଜ୍ଜୁ ମିନ୍‌ହଲ ଅଜଲ୍"**। ଅର୍ଥାତ 'ମୁଁ ତ ଅଧିକ ମର୍ଯ୍ୟାଦାବନ୍ତ ପୁରୁଷ, କିନ୍ତୁ ମୁହମ୍ମଦ ଜଣେ ଅପମାନିତ ବ୍ୟକ୍ତି । ତାଙ୍କୁ ମଦିନା ପହଂଚିଲା ପରେ ସେଠାରୁ ବାହାର କରିଦେବି ।'

**(ଅଲ୍ ମୁନାଫିକୁନ: ୯)**

କିଛି ସମୟ ପରେ ମୁହମ୍ମଦ[ସଅ]ଙ୍କ ପଟ୍ଟଶିଷ୍ୟ ହଜରତ ଅବଦୁଲ୍ଲା[ରଅ], ଯାହାଙ୍କ ସମ୍ବନ୍ଧରେ ଏଠାରେ ଆଲୋଚିତ ହେଉଛି, ସେ ମହାଭାଗଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ 'ହେ ରସୁଲୁଲ୍ଲା ! ମୁଁ ଶୁଣିବାକୁ ପାଇଲି ଯେ ଆପଣ ମୋ ପିତା ଅବି ବିନ ସୁଲୁଲ୍‌ଙ୍କୁ ତାହାର ଧୃଷ୍ଟତା ଓ ବିଶୃଙ୍ଖଳିତ ଆଚରଣ ଯୋଗୁଁ ତାଙ୍କୁ ହତ୍ୟା କରିବା ପାଇଁ ଆଦେଶ ଦେବାକୁ ଚାହୁଁଛନ୍ତି । ଯଦି ଆପଣ ଏହି ନିଷ୍ପତି ନିଅନ୍ତି ତାହେଲେ ମୋତେ ଆଦେଶ ଦିଅନ୍ତୁ ମୁଁ ପିତାଙ୍କର ଶିର ଛେଦନ କରି ଆପଣଙ୍କର ଚରଣରେ ଆଣି ପକାଇ ଦେବି । ମାତ୍ର ଅନ୍ୟ କାହାକୁ ଏହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ନାହିଁ । କାରଣ ମୁଁ ଭୟ କରୁଛି ଯେ ଅଜ୍ଞାନତାର କୌଣସି ଶିରା କେତେବେଳେ ମୋ ଶରୀରରେ ଆସି ଉଭା ହୋଇଯିବ ଓ ମୁଁ ମୋ ପିତାଙ୍କ ହତ୍ୟାକରୀର କୌଣସି ଅନିଷ୍ଟ କରି ପକାଇବି, ଯଦ୍ୱାରା ଈଶ୍ୱରଙ୍କୁ ଅସନ୍ତୁଷ୍ଟ କରି ନର୍କରେ ପଡିବି ।'ମହାଭାଗ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ 'ମୋର କଦାପି ଏହା ଇଚ୍ଛା ନଥିଲା । ବରଂ ମୁଁ ତୁମ ପିତାଙ୍କ ସହିତ ଏହା ସତ୍ୱେ ମଧ୍ୟ କୋମଳ ଓ ଦୟା ଭାବ ଦେଖାଇବି ।' ଏଥିରୁ ଅନୁମେୟ ଯେ ମୁହମ୍ମଦ[ସଅ] କପଟବିଶ୍ୱାସୀଙ୍କ ନେତା ଅବି ବିନ୍ ସୁଲୁଲ୍‌ର ପୁତ୍ର ଅବଦୁଲ୍ଲା[ରଅ]ଙ୍କ ସହିତ କିପରି ସ୍ନେହ ଓ ସମ୍ବେଦନାର ମନୋଭାବ ପୋଷଣ କରିଥିଲେ ।

ଏହି ଯୁଦ୍ଧ ବନି ମୁସ୍ତଲକ୍‌ରୁ ଫେରି ଆସିବା ବେଳେ ମହାଭାଗଙ୍କ ପତ୍ନୀ ହଜରତ ଆଏଶା[ରଅ]ଙ୍କ ଉପରେ ଅପବାଦର କାଳିମା ଲଗାଯାଇଥିଲା, ଯାହାର ମୂଳ ସୂତ୍ରଧାର ସେହି କପଟବିଶ୍ୱାସୀଙ୍କ ନେତା ଅବି ବିନ୍ ସୁଲୁଲ୍ ହିଁ ଥିଲା । ସେ ଯେତେ ଯାହା ମୁହମ୍ମଦ[ସଅ]ଙ୍କ ହୃଦୟକୁ ଆଘାତ ଦେଉଥିଲେ ସୁଦ୍ଧା ପ୍ରତି କ୍ଷେତ୍ରରେ ମୁହମ୍ମଦ[ସଅ] ତାହାର ପୁତ୍ର ହଜରତ ଅବଦୁଲ୍ଲାଙ୍କ ସହିତ ଅତ୍ୟନ୍ତ ସ୍ନେହ ଓ ସଦ୍‌ବ୍ୟବହାର ଦେଖାଉଥିଲେ । ଯେତେବେଳେ ଅବି ବିନ୍ ସୁଲୁଲ୍‌ର ମୃତ୍ୟୁ ହେଲା, ହଜରତ ଅବଦୁଲ୍ଲା ମହାଭାଗଙ୍କ ସେବାରେ ନିଜ ପିତାର ଅନ୍ତେଷ୍ଟି ନମାଜ (ଜନାଜାଃ) ପଢାଇବା ପାଇଁ ନିବେଦନ କଲେ । ଏହା ମଧ୍ୟ ଅନୁରୋଧ କଲେ ଯେ ମହାଭାଗ ନିଜ କମିଜକୁ ଉତାରି ଶବାଧାର ଉପରେ ଢାଙ୍କି ଦିଅନ୍ତୁ । ଏହା ଦ୍ୱାରା କଫିନ ସ୍ୱରୂପ ତାହା ନିଜ ପିତାଙ୍କ

ପାଇଁ ବ୍ୟବହୃତ ହୋଇପାରିବ । ଫଳରେ କାଳେ ମୋ ପିତା ସେଥିପାଇଁ ମୋକ୍ଷ ପାଇଯିବ । ତହୁଁ ମହାଭାଗ ନିଜ କୁର୍ତାକୁ ତାଙ୍କୁ ଦେଇଦେଲେ । ଯେବେ ମୁହମ୍ମଦ[ସଅ] ଜନାଜାଃ ନମାଜ ପଢାଉଥିଲେ ହଜରତ ଉମର ଅପତି କଲେ ଯେ 'ଆପଣଙ୍କୁ ତ ଅଲ୍ଲାଃତାଲା କପଟବିଶ୍ୱାସୀଙ୍କ ଜନାଜାଃ ନମାଜ ପଢାଇବା ପାଇଁ ବାରଣ କରିଛନ୍ତି ।' ଏହା ଶୁଣି ରସୁଲୁଲ୍ଲା ଉତର ଦେଲେ 'ଏହାକୁ ନିଷେଧ କରାଯାଇ ନାହିଁ, ବରଂ କ୍ଷମତା ଦିଆଯାଇଛି ଯେ ମୁଁ ଇଚ୍ଛା କଲେ ଏମାନଙ୍କ ପାଇଁ କ୍ଷମାଭିକ୍ଷା କରିପାରେ ଏବଂ ଇଚ୍ଛା କଲେ ତାହା ନକରିପାରେ ।' ସୁତରାଂ ରସୁଲୁଲ୍ଲା ନମାଜ ଜନାଜାଃ ପଢାଇଲେ । ତାପରେ ଯେତେବେଳେ ଅଲ୍ଲାଃତାଲା ଏପରି ବ୍ୟକ୍ତିଙ୍କ ପାଇଁ ଜନାଜାଃ ନପଢାଇବା ପାଇଁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ ଘୋଷଣା କଲେ, ତେବେ ଯାଇ ମୁହମ୍ମଦ[ସଅ] କପଟବିଶ୍ୱାସୀଙ୍କ ଜନାଜାଃ ପଢାଇବା ବନ୍ଦ କରିଦେଲେ । ଏଥିରୁ ଜଣାପଡୁଛି ଯେ ମହାଭାଗ ଅବି ବିନ୍ ସୁଲୁଲ୍ ସହିତ ଯେଉଁ ଅନୁକମ୍ପା ଦେଖାଇଥିଲେ, ତାହାର ଅସଲ କାରଣ ହଜରତ ଅବଦୁଲ୍ଲା ହିଁ ଥିଲେ । ଆମ ପ୍ରିୟ ଖଲିଫା କହିଛନ୍ତି 'ଏପରି ସଦ୍‌ବ୍ୟବହାର ମୋ ଧାରଣାରେ ହଜରତ ଅବଦୁଲ୍ଲାଙ୍କ ଯୋଗୁଁ ହିଁ ଥିଲା ଯେ ପୁଅ ପ୍ରତ୍ୟେକ କ୍ଷେତ୍ରରେ ଇସଲାମ ପ୍ରତି ଯେଉଁ ନିଷ୍ଠାଭାବ ରଖିଥିଲା, ମୁହମ୍ମଦଙ୍କ ସହିତ ଅନାବିଳ ସମ୍ପର୍କ ରଖିଥିଲା ଏବଂ ନିଜ ବିଶ୍ୱାସକୁ ବଂଚାଇ ରଖିଥିଲା ତଥା ନିଜ ପିତା ପ୍ରତି କଠୋର ମଧ୍ୟ ହୋଇଥିଲା, ସେହି କାରଣରୁ ପୁତ୍ର ପ୍ରତି ସହାନୁଭୁତି ଦେଖାଇବା ପାଇଁ କିମ୍ବା ତାହାର ଇଚ୍ଛାକୁ କାର୍ଯ୍ୟକାରୀ କରିବା କାରଣରୁ ମହାଭାଗ ନିଜର କମିଜ କାଢି ଦେଇଥିଲେ ।'

**(ଖୁତୁବା ଜୁମା, ହଜର ଖଲିଫତୁଲ ମସିହ ପଚଂମ, ୧୫ ନଭେମ୍ବର ୨୦୧୯)**

**ହଜରତ ମସିହ ମଉଦ[ଅସ] କହିଛନ୍ତି :**

"ଏହି ଆରବ ଦେଶୀୟ ରସୁଲ ଯାହାଙ୍କ ନାମ ମୁହମ୍ମଦ[ସଅ] ତାଙ୍କୁ ମୁଁ ସର୍ବଦା ବିସ୍ମୟକର ଦୃଷ୍ଟିରେ ଦେଖେ (ସହସ୍ର ସହସ୍ର ଶାନ୍ତି ଓ ଆଶିଷ ତାଙ୍କରି ଉପରେ ବିରାଜିତ ହେଉ) ସତରେ ସେ କେତେ ଉଚ୍ଚକୋଟୀର ରସୁଲ ଥିଲେ ! ତାଙ୍କ ସ୍ଥିତିର ସର୍ବଶେଷ ସୀମାକୁ କେହି ଅନୁମାନ କରିପାରିବେ ନାହିଁ ଏବଂ ତାଙ୍କର ମହତ୍ୱ ପ୍ରଦାନକାରୀ ସେହି ଉତୁଙ୍ଗ ପଦମର୍ଯ୍ୟାଦାକୁ ଉପଯୁକ୍ତ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ । ସେହି ମହାବିଜୟୀ ଯୋଦ୍ଧାଙ୍କ ଦ୍ୱାରା ଧରାପୃଷ୍ଠରୁ ଅଦୃଶ୍ୟ ହୋଇ ଯାଇଥିବା ସେହି ଏକେଶ୍ୱରବାଦକୁ ପୁନଃ ପ୍ରତିଷ୍ଠିତ କରାଯାଇଛି । ସେ ଖୁବ୍ ଗଭୀର ଭାବରେ ଅଲ୍ଲାଃଙ୍କୁ ପ୍ରେମ କରୁଥିଲେ ଓ ସେହିଭଳି ମାନବଜାତି ପାଇଁ ତାଙ୍କର ପ୍ରାଣ କରୁଣାରେ ଜର୍ଜରିତ ହେଉଥିଲା । ସେଥିଲାଗି ଅଲ୍ଲାଃ ଯେ କି ତାଙ୍କ ହୃଦୟରେ ଲୁକ୍କାୟିତ ସଦ୍‌ଗୁଣାବଳୀ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅବଗତ ଥିଲେ, ସେ ତାଙ୍କୁ ସମସ୍ତ ରସୁଲଙ୍କ ଉପରେ ତଥା ଅତୀତ ଓ ଭବିଷ୍ୟତର ସମସ୍ତ ଲୋକଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କରିଥିଲେ ଏବଂ ତାଙ୍କ ଜୀବଦ୍ଦଶା ମଧ୍ୟରେ ତାଙ୍କ ଆନ୍ତରିକ ଇଚ୍ଛାକୁ ପୂରଣ କରିଥିଲେ । **(ହକିକତୁଲ ଓହି, ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ ୨, ପୃ. ୧୧୮)**

**ଅଲ୍ଲାହୁମ୍ମା ସଲ୍ଲେ ଅଲା ମୁହମ୍ମଦୁଁ ୱ୍ୱଅଲା ଆଲେ ମୁହମ୍ମଦିନ୍ ୱ୍ୱବାରିକ୍ ୱ୍ୱସଲ୍ଲିମ୍ ଇନ୍ନକା ହମିଦୁମ୍ ମଜିଦ୍**

ମୂଳ ଉର୍ଦ୍ଦୁ ଆଲେଖ୍ୟ: **ମନୁସୁର ଅହମଦ ମସରୁର୍**
ଓଡିଆ ରୂପାନ୍ତର : **ଇଂ ରୌଶନ ଖାନ୍**

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

*ପୃଷ୍ଠା-୦୮ର ଅବଶିଷ୍ଟାଂଶ......*

ଅତଏବ୍ ଯେଉଁ ଲୋକମାନେ ଭୁଲ ଫଇସଲା କରାଇବା ପାଇଁ ଚେଷ୍ଟା କରୁଛନ୍ତି, ସେମାନଙ୍କ ପାଇଁ ବହୁତ ଭୟ କରିବାର ସ୍ଥାନ । ପାରିବାରିକ ଜୀବନରେ ମଧ୍ୟ ଆପଣ ସ:ଆ:ସଙ୍କ ବିନୟ ସ୍ୱଭାବ ଓ ଘର ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବାର ଅବସ୍ଥା ଏପରି ଥିଲା ଯେ ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି କି ରସୁଲେ କରିମ୍ ସ:ଆ:ସ ନିଜ ଘରର ଓ ନିଜ ପରିବାର ସଦସ୍ୟମାନଙ୍କ ସହିତ ଘରକାମରେ ସାହାଯ୍ୟ କରୁଥିଲେ । ଆପଣ ସ:ଆ:ସ ବସ୍ତ୍ରକୁ ନିଜେ ଧୋଇଦେଉଥିଲେ । ଘରେ ଝାଡୁମାରି ଦେଉଥିଲେ, ନିଜେ ଓଟ ବାନ୍ଧି ଦେଉଥିଲେ । ପାଣି ବୋହୁଥିବା ପଶୁମାନଙ୍କୁ ନିଜେ ଚାରା/ଘାସ ଖୁଆଉଥିଲେ । ଛେଳିଗୁଡ଼ିକୁ ଦୁହିଁ ଦେଉଥିଲେ ଏବଂ ନିଜ କାମଗୁଡ଼ିକୁ ମଧ୍ୟ ନିଜେ କରିନେଉଥିଲେ । ଖାଦିମ୍ (ସେବକ)ଙ୍କଠାରୁ କୌଣସି କାମ ନେବାର ଥିଲେ , ସେଥିରେ ତାକୁ ସାହାଯ୍ୟ କରିଦେଉଥିଲେ । ଏପରି କି ସେବକ ସହିତ ମିଶି ଅଟା ଚକଟି ଦେଉଥିଲେ । ବଜାରରୁ ନିଜ ଜିନିଷ ନିଜେ ଉଠାଇ ଆଣୁଥିଲେ ।

***(ଅଶ୍‌ଶୁଫା ବି ତାରିଫି ହକୁକୁଲ୍ ମୁସ୍ତଫା ପୃ-୧୭୬, ହଦିସ୍ ୨୭୧, ୨୭୨,୨୭୩ ବାବୁସ୍ ସାନି.....୨୦୧୩) (ୱ୍ୱସାଏଲୁଲ୍ ୱ୍ୱସୁଲ୍........ ଖଣ୍ଡ-୧, ପୃ-୨୪୧ ଦାରୁଲ୍ ମିନ୍‌ହାଜ୍ ଯଦ୍ୱାଃ ୧୪୨୫ ହିଜ୍‌ରୀ)***

ଆଜିକାଲି ଘରମାନଙ୍କରେ କେତେକ ପୁରୁଷ ଗର୍ବ ଦେଖାଉଛନ୍ତି । ଯଦି ଘରେ ପୋଷାକ ଧୁଆ ନ ହୋଇଛି ତା ହେଲେ ଗରେ ବିଭ୍ରାଟ ସୃଷ୍ଟି ହୋଇଯାଉଛି । ଯେବେ କି ଏବେ ହାତରେ ଧୁଆଯାଉନାହିଁ । ଘରେ ୱ୍ୱାଶିଙ୍ଗମେଶିନ୍ ଅଛି । ସେ ନିଜେ ମଧ୍ୟ ୱ୍ୱାଶିଂ ମେଶିନ୍‌ରେ କପଡ଼ା ପକାଇ ପାରିବେ । କିନ୍ତୁ ପୁଣି ଏତିକି ବି କଷ୍ଟ କରିପାରିବେ ନାହିଁ । ଏବେ ତ ଝାଡୁ ମଧ୍ୟ କରାଯାଉନାହିଁ ସବୁଠି Hoover ବ୍ୟବହୃତ । ତେଣୁ ଆରାମ୍‌ରେ ହୋବର୍ ବ୍ୟବହାର କରିପାରିବେ । କିନ୍ତୁ ଏଥିରେ ମଧ୍ୟ ବାହାନା ବା ନଖରା କରାଯାଉଛି ତେଣୁ ଏଥିପାଇଁ ଘରମାନଙ୍କରେ ବିଭ୍ରାଟ ଦେଖାଯାଉଛି । ତେଣୁ ଅହେମଦୀ ହୋଇ ଆମେ ନିଜର ନମୁନା ଦେଖାଇବା ଉଚିତ ।

ପୁଣି ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ବାହ୍ୟ ଜୀବନୀ ଦେଖନ୍ତୁ । ସେଥିରେ ବି ଆପଣ ସ:ଆ:ସଙ୍କ ଉଚ୍ଚ ନମୁନାର ଏକ ଉଦାହରଣ ରହିଛି । ତାହାର ଚର୍ଚ୍ଚା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରୁଛନ୍ତି ଯେ "ଅହଙ୍କାରୀ ବ୍ୟକ୍ତି ଖୁଦାଙ୍କ ଆସ୍ଥାନରେ ବସିବାକୁ ଚାହୁଁଛି । ତେଣୁ ଏହି କୁପ୍ରବୃତିରୁ ସର୍ବଦା ଶରଣ ମାଗ । ଖୁଦାତାଲାଙ୍କ ସମସ୍ତ ପ୍ରତିଶୃତି ଯଦି ତୁମ ସହିତ ଥାଏ ତେବେ ମଧ୍ୟ ତୁମେ ବିନମ୍ର ହୁଅ । କାରଣ ବିନମ୍ର ବ୍ୟକ୍ତି ହିଁ ଖୁଦାତାଲାଙ୍କ ପ୍ରୀୟପାତ୍ର ହୋଇଥାଏ । ଦେଖ ଆମ ନବି କରିମ୍ ସ:ଆ:ସଙ୍କ ସଫଳତା ଯଦିଚ ଏପରି ଥିଲା କି ପୂର୍ବରୁ ଆସିଥିବା ସମସ୍ତ ନବୀମାନଙ୍କ ନିକଟରେ ଏହାର ଦୃଷ୍ଟାନ୍ତ ମଧ୍ୟ ମିଳେନାହିଁ କିନ୍ତୁ ଏହା ସତ୍ୱେ ମଧ୍ୟ ଆପଣ ସ:ଆ:ସଙ୍କୁ ଖୁଦାତାଲା ଯେତେ ମାତ୍ରାରେ ସଫଳତା ଦେଇ ଚାଲିଥିଲେ ଆପଣ ସେତେ ମାତ୍ରାରେ ବିନମ୍ରତା ଗ୍ରହଣ କରିଚାଲିଥିଲେ ।

ଥରକର ଘଟଣା ଜଣେ ବ୍ୟକ୍ତି ଆପଣ ସ:ଆ:ସଙ୍କ ନିକଟକୁ ଧରାହୋଇ ଆସିଲା । ଆପଣ ସ:ଆ:ସ ଦେଖିଲେ ଯେ ସେ ବହୁତ ଥରୁଛି ଓ ଭୟ କରୁଛି କିନ୍ତୁ ଯେତେବେଳେ ସେ ନିକଟକୁ ଆସିଲା ସେତେବେଳେ ଆପଣ ସ:ଆ:ସ ଅତ୍ୟନ୍ତ ସ୍ନେହ ଓ ନମ୍ରତାର ସହିତ ପଚାରିଲେ ଯେ ତୁମେ ଏପରି କାହିଁକି ଭୟ କରୁଛ ? ମୁଁ ତ ତୁମ ପରିକା ଜଣେ ମଣିଷ ଓ ଜଣେ ବୃଦ୍ଧାର ପୁତ୍ର" ।

***(ମଲ୍‌ଫୁଜାତ୍, ଖଣ୍ଡ-୧୦, ପୃ-୨୫୮)***

ପୁଣି ଏକ ଅବସରରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିନମ୍ର ସ୍ୱଭାବ ସମ୍ବନ୍ଧରେ ଚର୍ଚ୍ଚା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି "ଖାଲି ଅହଙ୍କାର, ଅନ୍ୟଥା ଗର୍ବ ଏବଂ ବଡ଼ିମା ଦେଖାଇବା ଠାରୁ ବଂଚିରହିବା ଉଚିତ । ବିନମ୍ରତାକୁ ଗ୍ରହଣ କରିବା ଉଚିତ । ଦେଖ ଆଁ ହଜ୍‌ରତ୍ ସ:ଆ:ସ ଯିଏ ବାସ୍ତବରେ ସମସ୍ତଙ୍କଠାରୁ ଶ୍ରେଷ୍ଠ ଓ ମହାନ ଥିଲେ, ତାଙ୍କ ବିନମ୍ରତାର ଏକ ନମୁନା ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ଅଛି । ଲେଖାଯାଇଛି ଯେ ଜଣେ ଅନ୍ଧ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ନିକଟକୁ ଆସି ପବିତ୍ର କୁର୍‌ଆନ୍ ପାଠ କରୁଥିଲା । ଦିନେ ଆପଣ ସ:ଆ:ସଙ୍କ ନିକଟକୁ ମକ୍କାର ବଡ଼ ବଡ଼ ଲୋକ ଓ ସହରର ରଇସ୍‌ଗଣ ଏକାଠି ହୋଇଥିଲେ ଓ ଆପଣ ସେମାନଙ୍କ ସହିତ ବାର୍ତାଳାପ କରିବାରେ ବ୍ୟସ୍ତ ଥିଲେ । କଥାରେ ବ୍ୟସ୍ତ ରହିବା ଯୋଗୁଁ କିଛି ବିଳମ୍ବ ହୋଇଗଲା ତେଣୁ ସେହି ଅନ୍ଧବ୍ୟକ୍ତି ଜଣକ ଉଠି ଚାଲିଗଲେ । ଏହା ଏକ ସାଧାରଣ କଥା ଥିଲା । (କିନ୍ତୁ) ଅଲ୍ଲାଃ ତାଲା ତାଙ୍କ ସମ୍ବନ୍ଧରେ ସୁରତ୍ ଅବତୀର୍ଣ୍ଣ କରିଦେଲେ ।

ଏଥିରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ତାଙ୍କ ଘରେ ଯାଇ ପହଂଚିଲେ ଓ ତାଙ୍କୁ ସାଥିରେ ଆଣି ନିଜର ମୁବାରକ୍ ଚାଦାରକୁ ବିଛାଇ ବସାଇଲେ ।"

ଆପଣ ଆ:ସ କହୁଛନ୍ତି ଯେ "ଅସଲ କଥା ହେଉଛି ଏହା କି ଯେଉଁ ଲୋକମାନଙ୍କ ହୃଦୟରେ ଅଲ୍ଲାଃଙ୍କ ମହିମା ରହିଥାଏ, ସେମାନଙ୍କୁ ନିଶ୍ଚିତରୂପେ ବିନୀତ ଓ ବିନମ୍ର ହେବାକୁ ପଡ଼ିଥାଏ । କାରଣ ସେମାନେ ଖୁଦାତାଲାଙ୍କ ଚାଦର ସର୍ବଦା ଭୟଭିତ ରହିଥାନ୍ତି ।

*ଆନା ନକେ ଆରିଫ୍‌ତର୍ ଅନ୍ଦ୍ ତରସାଁ ତର୍"*

ଅର୍ଥାତ ଯେଉଁ ଲୋକମାନେ ଅଧିକ ଜାଣିଥାନ୍ତି ସେମାନେ ଅଧିକ ଭୟ କରନ୍ତି । "କାରଣ ଯେଉଁଭଳି ଅଲ୍ଲାଃ ତାଲା ନୁକ୍ତା ନଓ୍ୱାଜ୍ (ଅର୍ଥାତ ଛୋଟ ଛୋଟ କଥାରେ ସନ୍ତୁଷ୍ଟ ହୋଇଥାନ୍ତି) ସେହିପରି ନୁକ୍ତା ଗୀର୍ ମଧ୍ୟ (ଅର୍ଥାତ ଛୋଟ ଛୋଟ କଥାକୁ ଧରିଥାନ୍ତି) । ଯଦି କୌଣସି କାର୍ଯ୍ୟରେ ସେ ନାରାଜ୍ ହୋଇଯାଏ ତେବେ କ୍ଷଣିକେ ସବୁ କାମ ଶେଷ । ଅତଏବ୍ ଏହି କଥା ଉପରେ ଚିନ୍ତନ କରିବା ଉଚିତ ଓ ଏ ସବୁକୁ ମନେରଖ ଏବଂ ଏହା ଉପରେ ପରିଚାଳିତ ହୁଅ ।"

***(ମଲ୍‌ଫୁଜାତ୍ ଖଣ୍ଡ-୧୦, ପୃ-୩୪୩-୩୪୪)***

ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଆମକୁ ଯେଉଁ ଉପଦେଶ ଦେଇଛନ୍ତି ତାହା ନିଶ୍ଚିତରୂପେ ଆମପାଇଁ ଅମଳ କରିବାକୁ ଦେଇଛନ୍ତି । ଆପଣଙ୍କର ଯେଉଁ ଉପଦେଶାବଳୀମାନେ ରହିଛି ସେଗୁଡ଼ିକ ଉପରେ ନିଶ୍ଚିତରୂପେ ଆମେ ଚିନ୍ତା କରିବା ଉଚିତ । ଆପଣ ସ:ଆ:ସ ଗୋଟିଏ ସ୍ଥାନରେ କହିଛନ୍ତି ଯେ ତୁମମାନଙ୍କ ମଧ୍ୟରୁ କେହି ମଧ୍ୟ ନିଜ କର୍ମ ଯୋଗୁଁ ମୋକ୍ଷ(ନିଜାତ) ପାଇପାରିବ ନାହିଁ । ଏଥିରେ ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ । କଣ ଆପଣ ମଧ୍ୟ ? ଏହା ଶୁଣି ମହାଭାଗ କହିଲେ ହଁ ମୁ ମଧ୍ୟ ନିଜ କର୍ମ ଯୋଗୁଁ ନିଜାତ୍ ପାଇବି ନାହିଁ କିନ୍ତୁ ଅଲ୍ଲାଃ ତାଲା ମତେ ନିଜ କରୁଣାର ଛତ୍ରଛାୟା ତଳେ ନେଇଯିବେ । ପୁଣି ଆପଣ ସ:ଆ:ସ କହିଲେ, ଅତଏବ୍ ତୁମେ ସିଧା ରୁହ ଏବଂ ଶରିୟତ୍‌ର ନିକଟରେ ରୁହ ଏବଂ ସକାଳେ ସନ୍ଧ୍ୟାରେ ଓ ରାତ୍ରୀ ସମୟରେ ଉପାସନା କର ଏବଂ ମଧ୍ୟମ ମାର୍ଗକୁ ଗ୍ରହଣ କର ଯଦ୍ୱାରା ତୁମେ ନିଜ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବ । ଉପାସନା କର ଏବଂ ମଧ୍ୟମ ମାର୍ଗକୁ ଗ୍ରହଣ କର ।

***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍‌ବଲ୍ ଖଣ୍ଡ-୩, ପୃ-୭୫୩, ହଦିସ୍ ୧୦୬୮୮....... ବେରୁତ ୧୯୯୮)***

ପ୍ରତ୍ୟେକ ମାମଲାରେ ମଧ୍ୟମମାର୍ଗ ଗ୍ରହଣ କରିବା ଜରୁରୀ ଅଟେ । ସଂସାରର ମାୟା ମୋହରେ ଲିପ୍ତ ହୋଇନଯାଅ । ବୈଧ ସାଂସାରୀକ କାର୍ଯ୍ୟରେ ଲିପ୍ତ ରହିବାପାଇଁ ଅଲ୍ଲାଃ ତାଲା ଅକ୍ତିଆର ଦେଇଛନ୍ତି କିନ୍ତୁ ତାହା ମଧ୍ୟମ ସ୍ତରର ହେବା ଉଚିତ । ଖୁଦାଙ୍କୁ ଭୁଲି ନ ଯାଅ । ଯେଉଁଠି ଅଲ୍ଲାଃ ତାଲାଙ୍କ ଉପାସନାର ହକ୍‌କୁ ପ୍ରଦାନ କରିବାର ଅଛି ସେଠାରେ ତାହା ପ୍ରଦାନ କର ତତ୍‌ସହିତ ନିଜ କାରୋବାର ପ୍ରତି ଧ୍ୟାନ ଦିଅ ଏବଂ ତାହାର ଯେଉଁ ହକ୍ ଅଛି ତାହା ଦେବାପାଇଁ ଚେଷ୍ଟା କର କିନ୍ତୁ ଏହି ସାଂସାରୀକ କାର୍ଯ୍ୟବ୍ୟସ୍ତତା ଖୁଦାତାଲାଙ୍କ ହକ୍‌ର ମୁକାବିଲାରେ ରହିବା ଠିକ୍ ନୁହେଁ । ସଂସାର ଉପରେ ସର୍ବଦା ଧର୍ମର ଅଗ୍ରାଧିକାର ରହିବା ଉଚିତ । ଯେତେବେଳେ ଏହା ହେବ,

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

*ତାଲିବେ ଦୁଆ: Abdur Rahman Khan & Family, Jamat Ahmadiyya, Pankal (Odisha)*

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

*ତାଲିବେ ଦୁଆ: Farzan Ali Khan & Family, Jamat Ahmadiyya, Pankal (Odisha)*

### ହଜ୍‌ରତ୍ ଅମୀରୁଲ୍

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ ।

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

*ତାଲିବେ ଦୁଆ: Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

*ତାଲିବେ ଦୁଆ: Hawa Bibi & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Pankal (Odisha)*

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ ପ୍ରଦତ ୦୧ ଜାନୁୟାରୀ ୨୦୧୬)*

*ତାଲିବେ ଦୁଆ: Sharafat Khan & Family, Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family, Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family, Jamat Ahmadiyya, Kerang (Odisha)*

ଯେମିତି ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଲେ ସେତେବେଳେ ନିଜ ଉଦ୍ଦେଶ୍ୟକୁ ପାଇଯିବ । ଅଲ୍ଲାଃ ତାଲାଙ୍କ କରୁଣା ତୁମକୁ ମିଳିଯିବ, କୃପା ମିଳିବ । ଅତଏବ୍ ଯେଉଁଠି ଏ କଥାରୁ ଆପଣ ସ:ଆ:ସଙ୍କ ବିନମ୍ରତା ପ୍ରକାଶ ହେଉଅଛି ସେଠି ଅଲ୍ଲାଃ ତାଲାଙ୍କ ଭୟ ମଧ୍ୟ ପ୍ରକାଶ ହେଉଅଛି । ପୁଣି କହିଲେ ଯଦି ମୋର ଅବସ୍ଥା ଏପରି ତେବେ ତୁମମାନଙ୍କୁ କେତେ ମାତ୍ରାରେ ଖୁଦାଙ୍କୁ ପ୍ରସନ୍ନ କରିବା କଥା ଓ ତା'ଠାରୁ କରୁଣା ଭିକ୍ଷା କରିବା ପାଇଁ ଚିନ୍ତା କରିବା ଉଚିତ । ଅଲ୍ଲାଃ ତାଲାଙ୍କର କରୁଣା ଓ କୃପା ହିଁ ଅଲ୍ଲାଃ ତାଲାଙ୍କ ପୁରସ୍କାର ପ୍ରାପ୍ତି କରିବାର ଉତରାଧିକାରୀ ବନାଇଥାଏ । ଆମେ ଏହା ମଧ୍ୟ ଜାଣିନାହୁଁ ଯେ କେଉଁ ମାଧମରେ ଗ୍ରହଣୀୟ ହେବୁ । ତେଣୁ ସେହି କରୁଣା ଓ କୃପାକୁ ହାସଲ କରିବାପାଇଁ ନିଜର ଉପାସନା ପ୍ରତି ଓ ଉତମ ଚରିତ୍ର ପ୍ରତି ଧ୍ୟାନ ଦେବା ଉଚିତ ।

ବ୍ୟବହାରିକ ଅବସ୍ଥା ଏବଂ ମଣିଷ ଚେହେରାର ଭାବ ମଧ୍ୟ ତା ଚରିତ୍ରକୁ ପ୍ରତିଫଳନ କରିଥାଏ । ଏ ସମ୍ବନ୍ଧରେ ସାହାବାମାନେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସମ୍ବନ୍ଧରେ କଣ ବର୍ଣ୍ଣନା କରିଛନ୍ତି । ହଜ୍‌ରତ୍ ବରାଅ ବିନ୍ ଆଜିବ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ଲୋକମାନଙ୍କ ମଧ୍ୟରୁ ସବୁଠାରୁ ଅଧିକା ସୁନ୍ଦର ଓ ଉତମ ଚରିତ୍ର ସମ୍ପନ୍ନ ଥିଲେ । ***(ସହି ବୁଖାରୀ କିତାବୁଲ୍ ମନାକିବ୍......... ହଦିସ୍ ୩୫୪୯)***

ଲୋକଟି ଯଦି ସୁନ୍ଦରିଆ ହୋଇଥାଏ, ଗର୍ବ ଅହଙ୍କାର ସୃଷ୍ଟି ହୋଇଯାଏ । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଏ ଦୁଆ (ପ୍ରାର୍ଥନା) କରୁଥିଲେ ଯେ ହେ ପ୍ରଭୁ ! ଯେଉଁଭଳି ତୁମେ ମତେ ସୁନ୍ଦର ରୂପ ପ୍ରଦାନ କରିଅଛି ସେହିଭଳି ସୁନ୍ଦର ଚରିତ୍ରବାନ ମଧ୍ୟ ବନାଇ ଦିଅ । ***(ମସ୍‌ଦନ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୮, ପୃ-୨୮୮, ହଦିସ୍ ୨୫୭୩୬........ ବେରୁତ ୧୯୯୮)***

ଏହା ଜୀବନର କିଛି ପାର୍ଶ୍ୱ, ଯାହା ଏବେ ମୁଁ ବର୍ଣ୍ଣନା କଲି । ସେଥିରୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଚରିତ୍ରର ସୌନ୍ଦର୍ଯ୍ୟ ଉଜ୍ଜଳମୟ ଦୃଷ୍ଟିଗୋଚର ହେଉଅଛି । କିନ୍ତୁ ବିନମ୍ରତା ଏପରି କି ଖୁଦାତାଲାଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି ଯେ ମୋ ଚରିତ୍ର ମୋ ସ୍ୱଭାବ ଓ ମୋ ଉପାସନାର ସ୍ତର ସର୍ବଦା ଏପରି ରହୁ ଯାହା ତୁମକୁ ଓ ତୁମ ପ୍ରାଣୀଜଗତକୁ ପସନ୍ଦ ହେଉଥିବ ।

ପୁଣି ଆଉ ଜଣେ ସାହାବି ସାକ୍ଷ୍ୟ ଦେଉଛନ୍ତି ଯେ ମୁଁ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କଠାରୁ ଅଧିକା ହସହସ ଚେହେରା ବ୍ୟକ୍ତି ଆଉ କାହାର ଦେଖିନାହିଁ ।

***(ସୁନନେ ତିର୍‌ମିଜ୍....... ହଦିସ୍ ୩୬୪୧)***

ଉମ୍ମେ ମାବଦ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ବ୍ୟକ୍ତିତ୍ୱ ସମ୍ବନ୍ଧରେ ଏପରି ବର୍ଣ୍ଣନା କରୁଛନ୍ତି ଯେ ମହାଭାଗ ଦେଖିବାରେ ଦୁରରୁ ଲୋକମାନଙ୍କ ଅପେକ୍ଷା ଅଧିକ ସୁନ୍ଦର ଲାଗୁଥିଲେ ଓ ନିକଟରେ ଦେଖିବାରେ ଅତ୍ୟନ୍ତ ମିଷ୍ଟଭାଷି ଓ ଉତମ ଚରିତ୍ର ସମ୍ପନ୍ନ ବ୍ୟକ୍ତି ଥିଲେ । ***(ମୁସ୍‌ତଦ୍‌ରକ୍ ଅଲସ୍ ସହିହିନ୍ ଲିଲ୍ ହାକିମ ଖଣ୍ଡ-୩, ପୃ-୧୦-୧୧ କିତାବୁଲ୍ ହିଜ୍‌ରାଃ ହଦିସ୍ ୪୨୭୪........ ବେରୁତ ୨୦୦୨)***

ହଜ୍‌ରତ୍ ଅଲୀ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଲୋକମାନଙ୍କ ମଧ୍ୟରେ ସବୁଠାରୁ ଅଧିକା ଖୋଲା ହୃଦୟ ରଖିଥିଲେ ଏବଂ କଥାରେ ସମସ୍ତଙ୍କଠାରୁ ଅଧିକା ସତ୍ୟବାଦୀ ଥିଲେ ଓ ସମସ୍ତଙ୍କଠାରୁ ଅଧିକା ସୁନ୍ଦର ଏବଂ ସାମାଜିକ ବ୍ୟବହାର ରେ ସମସ୍ତଙ୍କଠାରୁ ସମ୍ମାନୀୟ ବ୍ୟକ୍ତି ଥିଲେ ।***(ସୁନନେ ତିରିମିଜ୍ ଅବୁୱାବୁଲ୍ ମନାକିବ୍........... ହଦିସ୍ ୩୬୩୮)***

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସୁନ୍ଦର ଆଦର୍ଶର ଅଗଣତି ଉଦାହରଣ ଏବଂ ଉତମ ଚରିତ୍ରର ଅଗଣତି ଦୃଷ୍ଟାନ୍ତ ରହିଛି । ମହାଭାଗଙ୍କ ଚରିତ୍ରର କୌଣସି ପାର୍ଶ୍ୱକୁ ମଧ୍ୟ ନେଇନିଅ ତାହା ସ୍ୱୟଂ ସମ୍ପୁର୍ଣ୍ଣ ଓ ପୂର୍ଣ୍ଣ ଦେଖାଯିବ ଏବଂ ଏହି ଆଦର୍ଶକୁ ଆପଣେଇବା ପାଇଁ ଅଲ୍ଲାଃ ତାଲା ଆମକୁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଯଦି ଆମେ ପୃଥିବୀବାସୀଙ୍କୁ ଇସ୍‌ଲାମ୍ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ବାସ୍ତବିକ ଚେହେରାକୁ ଦେଖାଇବାକୁ ଚାହୁଁଛେ ତେବେ ଆପଣ ସ:ଆ:ସଙ୍କ ଆଦର୍ଶର ପ୍ରତ୍ୟେକ ପାର୍ଶ୍ୱକୁ ସମ୍ମୁଖରେ ରଖି ନିଜର କର୍ମ ଓ କଥନ ଦ୍ୱାରା ସେହି ଚେହେରାକୁ ଦେଖାଇବାକୁ ହେବ । ତେବେ ଯାଇ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ଆସିବାର ହକ୍ ମଧ୍ୟ ପ୍ରଦାନ କରିପାରିବା ଯାହାଙ୍କୁ ଅଲ୍ଲାଃ ତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୀନ୍ (ଧର୍ମ)ର ପ୍ରକାଶ ନିମନ୍ତେ ଏ ଯୁଗରେ ପ୍ରେରଣ କରିଛନ୍ତି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚରିତ୍ର ସମ୍ବନ୍ଧରେ ଚର୍ଚ୍ଚା କରି କହୁଛନ୍ତି ଯେ "ହଁ ପବିତ୍ର କୁର୍‌ଆନ୍‌ରେ ହଜ୍‌ରତ୍ ଖାତମୁଲ୍ ଅମ୍ବିୟା ସ:ଆ:ସଙ୍କର ଯେଉଁ ଉତମ ଚରିତ୍ର ବର୍ଣ୍ଣନା ହୋଇଛି ତାହା ହଜ୍‌ରତ୍ ମୁସାଙ୍କଠାରୁ ହଜାର ଗୁଣାରେ ଅଧିକ । କାରଣ ଅଲ୍ଲାଃ ତାଲା କହିଦେଇଛନ୍ତି ଯେ ହଜ୍‌ରତ୍ ଖାତ୍‌ମୁଲ୍ ଅମ୍ବିୟା ସ:ଆ:ସ ସେହି ସମସ୍ତ ଉତମ ଚରିତ୍ରର ସମାହାର ଯାହା ଅନ୍ୟ ସମସ୍ତ ନବିମାନଙ୍କ ନିକଟରେ ଅଲଗା ଅଲଗା ରହିଥିଲା ଏବଂ ସ୍ୱୟଂ ମହାଭାଗଙ୍କ ସପକ୍ଷରେ କହିଲେ:

***ଇନ୍ନକା ଲାଅଲା ଖୁଲୁକିନ୍ ଅଜିମ୍*** (ଅଲ୍‌କଲମ୍:୫)

ଅର୍ଥାତ: ତୁମେ ଉନ୍ନତ ମାନର ଚରିତ୍ର ଉପରେ ପ୍ରତିଷ୍ଠିତ ଅଛ ଏବଂ ଅଜୀମ୍ (ଅର୍ଥାତ ମହାନ ଓ ଉନ୍ନତମାନ ସମ୍ପନ୍ନ) ଶବ୍ଦ ସହିତ ଯେଉଁ ବସ୍ତୁର ପ୍ରଶଂସା କରାଯାଏ ତାହା ଆରବୀୟ ରୂଢ଼ିରେ ଅର୍ଥାତ ଆରବୀୟ ଭାଷାରେ ସେହି ବସ୍ତୁର ଚରମ ପୂର୍ଣ୍ଣତାକୁ ବୁଝାଇଥାଏ । ଉଦାହରଣ ସ୍ୱରୁପ ଯଦି ଏହା କୁହାଯାଏ ଯେ ଏହି ବୃକ୍ଷଟି ଅଜୀମ୍ ଅଟେ । ତେବେ ଏହାର ଅର୍ଥ ହେବ କି ଯାହା ସବୁ ଗୋଟିଏ ବୃକ୍ଷ ମଧ୍ୟରେ ଦୈର୍ଘ୍ୟ, ପ୍ରସ୍ଥ ଓ ଶକ୍ତିଶାଳୀ ହେବା ସମ୍ଭବ ତାହା ସବୁ ସେହି ବୃକ୍ଷ ମଧ୍ୟରେ ଥିବ । ସେହିପରି ଏହି ଆୟତର ଭାବାର୍ଥ ରହିଛି ଯେ ଯେତେ ମାତ୍ରାରେ ଜଣେ ମନୁଷ୍ୟକୁ ଉତମ ଚରିତ୍ର ଓ ସୁନ୍ଦର ଆଚାର ବ୍ୟବହାର ପ୍ରାପ୍ତ ହୋଇପାରେ ସେହି ସବୁ ସମ୍ପୁର୍ଣ୍ଣ ଚରିତ୍ରମାନ ମୁହମ୍ମଦଙ୍କଠାରେ ମହଜୁଦ୍ ରହିଛି । ଅତଏବ୍ ଏହି ସଂଜ୍ଞା ଏପରି ଉଚ୍ଚ ସ୍ତରର ଯେ ଏହାଠାରୁ ଅଧିକା ସମ୍ଭବ ନୁହେଁ" ***(ବରାହିନେ ଅହମଦୀୟା ଚତୁର୍ଥଭାଗ, ରୁହାନୀ ଖଜାଇନ୍ ଖଣ୍ଡ-୧, ପୃ-୬୦୬, ହାଶିୟା ଦର୍ ହାଶିୟା ନଂ-୩)***

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: "ସେହି ବ୍ୟକ୍ତି ଯିଏ ପ୍ରତ୍ୟେକ୍ଷରେ ନିଜ ସ୍ୱଭାବ ଦ୍ୱାରା ନିଜ କର୍ମ ଦ୍ୱାରା ନିଜ କାର୍ଯ୍ୟଦ୍ୱାରା ଏବଂ ନିଜର ଆଧ୍ୟାତ୍ମିକ ଓ ପବିତ୍ର ଶକ୍ତିର ଲହଡ଼ି ଭାଙ୍ଗୁଥିବା ନଦୀ ଦ୍ୱାରା ସ୍ୱୟଂ ସମ୍ପୁର୍ଣ୍ଣ ଚମତ୍କାର ଦୃଷ୍ଟାନ୍ତକୁ ଜ୍ଞାନ, କର୍ମ, ସତ୍ୟତା ଓ ଦୃଢ଼ତାର ସହିତ କରି ଦେଖାଇ ଦେଲା ଏବଂ ପୂର୍ଣ୍ଣ ମାନବ ବୋଲାଇଲା ।........... ସେହି ବ୍ୟକ୍ତି ଯିଏ ସମସ୍ତଙ୍କଠାରୁ ଅଧିକ ସମ୍ପୁର୍ଣ୍ଣ ଏବଂ ପୂର୍ଣ୍ଣ ମାନବ ଥିଲା ଏବଂ ପୂର୍ଣ୍ଣ ନବୀ ଥିଲା ଓ ପୂର୍ଣ୍ଣ ବୈଭବ ସହିତ ଆସିଥିଲା, ଯାହାଙ୍କ ଦ୍ୱାରା ଆଧ୍ୟାତ୍ମିକ ଆବିର୍ଭାବ ଓ (ଆଧ୍ୟାତ୍ମିକ) କୋଳାହଳ ଯୋଗୁଁ ଦୁନିଆର ପ୍ରଥମ କୟାମତ ପ୍ରକାଶ ହେଲା ଏବଂ ଏକ ମୃତପ୍ରାୟ ବିଶ୍ୱ ତାହାଙ୍କ ଆଗମନ ଦ୍ୱାରା ଜୀବନ ପାଇଲା, ସେହି ପବିତ୍ରମୟ ନବୀ ହେଉଛନ୍ତି ହଜ୍‌ରତ୍ ଖାତ୍‌ମୁଲ୍ ଅମ୍ବିୟା ଇମାମୁଲ୍ ଅସ୍‌ଫିୟା ଖତମୁଲ୍ ମୁର୍‌ସଲୀନ୍ ଫଖ୍‌ରୁନ୍ ନବିୟିନ୍ ଯନାବ୍ ମୁହମ୍ମଦ ମୁସ୍ତଫା ସ:ଆ:ସ । ହେ ପ୍ରୀୟ ଖୁଦା ! ଏହି ପ୍ରୀୟ ନବୀ ଉପରେ ଏପରି କରୁଣା ଓ ଦରୁଦ୍ ପ୍ରେରଣ କର ଯାହା ତୁମେ ସଂସାରର ଆରମ୍ଭରୁ କାହା ଉପରେ ପ୍ରେରଣ କରିନଥିବ । ଯଦି ଏହି ମହାନ୍ ନବୀ ଦୁନିଆକୁ ନ ଆସିଥାନ୍ତେ, ତେବେ ଯେତେକ ଛୋଟ ଛୋଟ ନବୀ ଦୁନିଆକୁ ଆସିଥିଲେ ଯେମିତି ୟୁନୁସ୍ ଏବଂ ଅୟୁବ ଏବଂ ମସିହ୍ ଇବ୍‌ନେ ମରିୟମ୍ ଏବଂ ମଲାକି, ଏବଂ ୟହିୟା ଏବଂ ଜକରିୟା ଇତ୍ୟାଦି, ସେମାନଙ୍କ ସତ୍ୟତା ବିଷୟରେ ଆମ ନିକଟରେ କିଛି ମଧ୍ୟ ପ୍ରମାଣ ନଥିଲା ଯଦିଚ ସମସ୍ତେ (ଈଶ୍ୱରଙ୍କ) ନିକଟସ୍ଥ, ପବିତ୍ର ଓ ଖୁଦାତାଲାଙ୍କ ପ୍ରୀୟ ଥିଲେ । ଏହା ସେହି ନବୀର ଉପକାର ଯେ ଏମାନେ ମଧ୍ୟ ଦୁନିଆରେ ସତ୍ୟବାଦୀ ରୂପେ ଚିହ୍ନିତ ହେଲେ ।

***ଅଲ୍ଲାହୁମ୍ମା ସଲ୍ଲେ ୱ ସଲ୍ଲିମ୍ ୱ ବାରିକ୍ ଆଲୈହି ୱ ଆଲିହି ୱ ଅସ୍‌ହାବିହି ଅଜ୍‌ମଇନା ୱ ଆଖରୁ ଦାୱାନା ହମଦୁ ଲିଲ୍ଲାହି ରବ୍‌ବିଲ୍ ଆଲମୀନ୍"***

***(ଇତ୍‌ମାମୁଲ୍ ହୁଜ୍ଜଃ, ରୁହାନୀ ଖଜାଇନ୍, ଖଣ୍ଡ-୮, ପୃ-୩୦୮)***

ଅଲ୍ଲାଃ ତାଲା ଆମକୁ ଏ ଶକ୍ତି ଓ ସୌଭାଗ୍ୟ ପ୍ରଦାନ କରନ୍ତୁ ଯେ ଆମେ ଏହି ପୂର୍ଣ୍ଣ ନବୀଙ୍କ ସମ୍ପ୍ରଦାୟରେ ଥିବାର ହକ୍‌କୁ ପ୍ରଦାନକାରୀ ହେବା ଏବଂ ଏହି ସୁନ୍ଦର ଓ ଆଲୋକମୟ ଚେହେରାକୁ ଦୁନିଆ ସମ୍ମୁଖରେ ଉପସ୍ଥାପନ କରି ଦୁନିଆର ଅନ୍ଧକାରକୁ ଦୁର କରିବା । ଅଲ୍ଲାଃ ତାଲା ଆମକୁ ଏହାର ସୌଭାଗ୍ୟ ପ୍ରଦାନ କରନ୍ତୁ । ଆମିନ୍ । ଏବେ ଦୁଆ କରିନିଅନ୍ତୁ ।

**(ସୌଜନ୍ୟ ଅଖ୍‌ବାର ଅଲଫଜଲ୍ ଇଂଟରନ୍ୟାଶ୍‌ନାଲ୍ ୧୩ ଅଗଷ୍ଟ ୨୦୧୯)**

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

*ପୃଷ୍ଠା-୧୫ର ଅବଶିଷ୍ଟାଂଶ......*

ଥିଲେ ସେଥିଯୋଗୁଁ **ରିଫାଦାଃ** କାର୍ଯ୍ୟ ବନୁ ନୌଫିଲଙ୍କ ନିକଟକୁ ଚାଲିଗଲା ଓ **ସୁକାୟା** କାର୍ଯ୍ୟ ଅବୁତାଲିବ୍ ପରିଶେଷରେ ଅବ୍‌ବାସ୍‌ଙ୍କ ଦାୟିତ୍ୱରେ ଦେଲେ ଯିଏ ତୁଳନାତ୍ମକ ଭାବେ ଜଣେ ଧନୀ ବ୍ୟକ୍ତି ଥିଲେ ।

ଏହି ଅବସରରେ ଏକଥା ମଧ୍ୟ ଚର୍ଚ୍ଚା କରିବା ଜରୁରୀ ଅଟେ ଯେ ଅବ୍‌ଦୁଲ୍ ମୁତଲିବ୍‌ଙ୍କ ଜୀବିତ ରହିବା ପର୍ଯ୍ୟନ୍ତ ବନୁ ହାଶିମ୍ ବହୁତ ସମ୍ମାନର ଅଧିକାରୀ ଥିଲା ଅର୍ଥାତ କୁରୈଶ୍‌ର କବିଲାମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ରଖିଥିଲା । କିନ୍ତୁ ତାଙ୍କ ଦେହାନ୍ତ ପରେ ବନୁ ହାଶିମ୍ ଭିତରୁ ଏପରି କୌଣସି ବ୍ୟକ୍ତି ବାହାରି ପାରିଲେ ନାହିଁ ଯିଏ ଏହି ମାନସମ୍ମାନକୁ କାଏମ୍ ରଖିପାରିବ । ତେଣୁ କୁରୈଶ୍‌ର ନେତୃତ୍ୱ ତାଙ୍କ ହାତରୁ ଚାଲିଗଲା ଏବଂ ବନୁ ହାଶିମ୍‌ର ପ୍ରତିଦ୍ୱନ୍ଦି ବନୁ ଉମୈୟା ଧିରେ ଧିରେ ବହୁତ ଦୃଢ଼ ହୋଇଗଲା ।

## ଅବୁତାଲିବ୍‌ଙ୍କ ଦାୟିତ୍ୱରେ

ଅବୁ ତାଲିବ୍ ତାଙ୍କ ବାପାଙ୍କ ୱସିୟତ ଅର୍ଥାତ ଇଚ୍ଛାକୁ ଅତ୍ୟନ୍ତ ନିଷ୍ଠାର ସହିତ ଅନୁପାଳନ କଲେ ଓ ନିଜ ସନ୍ତାନମାନଙ୍କଠାରୁ ଅଧିକା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସ୍ନେହ କରୁଥିଲେ । ସର୍ବଦା ତାଙ୍କୁ ଆଖି ଆଗରେ ରଖୁଥିଲେ ଏବଂ ରାତି ସମୟରେ ସାଧାରଣତଃ ନିଜ ନିକଟରେ ଶୋଇବାର ବ୍ୟବସ୍ଥା କରୁଥିଲେ ।

## ଶାମ୍‌ର ଯାତ୍ରା ଏବଂ ବୁହୈରା ରାହିବ୍‌ଙ୍କ ଘଟଣା

ଯେତେବେଳେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ବୟସ ବାରବର୍ଷ ହେଲା ସେତେବେଳେ ଅବୁ ତାଲିବ୍‌ଙ୍କର ଏକ ବାଣିଜ୍ୟ କାଫିଲା ସହିତ ଶାମ୍ (ଏବେକାର ସିରିଆ ଦେଶ) ଯିବାପାଇଁ ଅବକାସ ମିଳିଲା । ଯେହେତୁ ଯାତ୍ରା ବହୁତ ଲମ୍ୱା ଓ କଷ୍ଟସାଧ ଥିଲା ସେଥିଯୋଗୁଁ ସେ ମନସ୍ଥ କଲେ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମକ୍କାରେ ହିଁ ଛାଡ଼ି ଯିବେ । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅବୁତାଲିବ୍‌ଙ୍କ ବିଚ୍ଛେଦ ଅତ୍ୟନ୍ତ କଷ୍ଟକର ଥିଲା । ଅତଏବ୍ ଯାତ୍ରାରେ ବାହାରିଲା ବେଳକୁ ପ୍ରେମର ଆବେଗରେ ଆପଣ ସ:ଆ:ସ ଅବୁତାଲିବ୍‌ଙ୍କୁ କୁଣ୍ଢାଇ ପକାଇଲେ ଓ କାନ୍ଦିବାକୁ ଲାଗିଲେ । ଏପରି ଅବସ୍ଥା ଦେଖି ଅବୁ ତାଲିବ୍‌ଙ୍କ ହୃଦୟ ଭରିଗଲା ତେଣୁ ସେ ଆପଣ ସ:ଆ:ସଙ୍କୁ ମଧ୍ୟ ନିଜ ସାଥିରେ ନେଇଗଲେ ।

ସିରିଆ ଦେଶର ଦକ୍ଷିଣରେ ବୁସ୍‌ରା ହେଉଛି ଏକ ପ୍ରଶିଦ୍ଧ ସ୍ଥାନ । ସେଠାରେ ପହଂଚିବା ପରେ ଏକ ଅଜବ ଘଟଣା ଘଟିଲା । ସେଠାରେ ଜଣେ ଇସାଇ ରାହିବ୍ (ସନ୍ଥ/ସନ୍ୟାସୀ) ରହୁଥିଲେ । ତାଙ୍କ ନାମ **ବୁହିରା** ଥିଲା । ଯେତେବେଳେ କୁରୈଶ୍‌ର କାଫିଲା ତାଙ୍କ ମଠ ନିକଟରେ ପହଂଚିଲା, ସେତେବେଳେ ସେହି ରାହିବ୍ ଜଣଙ୍କ ଦେଖିବାକୁ ପାଇଲେ ଯେ ସମସ୍ତ ପଥର ଓ ବୃକ୍ଷଲତା ଆଦି ତତ୍‌କ୍ଷଣାତ୍ ସିଜ୍‌ଦାଃରେ ପଡ଼ିଗଲେ (ଅର୍ଥାତ ନତମସ୍ତକ ହୋଇ ଭୁମିଷ୍ଠ ହେଲେ) । ସେ ଜାଣିଥିଲେ ଯେ ଐଶ୍ୱରୀକ ପୁସ୍ତକ ଅନୁସାରେ ଜଣେ ନବି ପ୍ରକଟ ହେବାର ଥିଲା ତେଣୁ ସେ ତାଙ୍କ ବୁଦ୍ଧି ଦ୍ୱାରା ଜାଣିପାରିଲେ ଯେ ଏହି କାଫିଲାରେ ସେହି ନବୀ ଉପସ୍ଥିତ ଅଛନ୍ତି । ସୁତରାଂ ସେ ନିଜର ଅନୁମାନ ଲଗାଇ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଚିହ୍ନି ନେଲେ ଏବଂ ଏ ବିଷୟରେ ଅବୁ ତାଲିବ୍‌ଙ୍କୁ ଅବଗତ କଲେ ଓ ଅବୁ ତାଲିବ୍‌ଙ୍କୁ ଉପଦେଶ ଦେଲେ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅହ୍‌ଲେ କିତାବ୍ (ଅର୍ଥାତ ଯେଉଁ ଧର୍ମଗୁଡ଼ିକ ଐଶିପୁସ୍ତକ ଦିଆଯାଇଅଛି ଯଥା- ଇହୁଦୀ, ଇସାଇ ଇତ୍ୟାଦି ଧର୍ମାବଲମ୍ୱୀ)ଙ୍କ ଦୁଷ୍ଟାମିରୁ ସୁରକ୍ଷିତ ରଖିବେ ।

ଇଲ୍‌ମେ ରିୱାୟତ ଅନୁସାରେ ଏହି ଘଟଣାର ସନଦ ଅର୍ଥାତ ପ୍ରମାଣ ହେଉଛି ଦୃବଳ । କିନ୍ତୁ ଯଦି ବାସ୍ତବିକ ଏହିପରି ଘଟଣା ଘଟିଥାଏ ତେବେ କିଛି ଆଶ୍ଚର୍ଯ୍ୟ କଥା ନୁହେଁ । ବୃକ୍ଷଲତା ଇତ୍ୟାଦିର ସଜ୍‌ଦାଃ କରିବାର ଦୃଶ୍ୟ ଦେଖିବା ରାହିବ୍‌ଙ୍କର ଏକ କଶ୍‌ଫି ନଜାରାଃ ଅର୍ଥାତ ଆଲୌକିକ ଦୃଶ୍ୟ) ବୁଝାଯିବ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦା ଦୃଷ୍ଟିକୋଣରୁ କୌଣସି ଅସାଧାରଣ ଓ ଅସମ୍ଭବ କଥା ନୁହେଁ ।

## ଆଁ ହଜ୍‌ରତ୍ ସ:ଆ:ସଙ୍କ ଛେଳି ଚରାଇବା

ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଯେତେବେଳେ ଶାମ୍ ଦେଶରୁ ଯାତ୍ରା ଶେଷ କରି ଫେରି ଆସିଲେ । ସେ ନିୟମିତ ଅବୁ ତାଲିବ୍‌ଙ୍କ ନିକଟରେ ହିଁ ରହୁଥିଲେ । କିନ୍ତୁ ଯେହେତୁ ଆରବରେ ପିଲାମାନଙ୍କୁ ସାଧାରଣତଃ ପଶୁମାନଙ୍କୁ ଚରାଇବାର କାର୍ଯ୍ୟରେ ଲଗାଇ ଦିଆଯାଉଥିଲା ତେଣୁ ସେତେବେଳେ ଆପଣ ସ:ଆ:ସ ମଧ୍ୟ ବେଳେବେଳେ ଏହି କାର୍ଯ୍ୟ କରିଛନ୍ତି ଓ ଛେଳି ଚରାଇଛନ୍ତି । ନବୁୱତ ଯୁଗରେ ସେ କହୁଥିଲେ ଯେ ଛେଳି ଚରାଇବା ମଧ୍ୟ ଅମ୍ବିୟା ମାନଙ୍କ ସୁନ୍ନତ ଓ ମୁଁ ମଧ୍ୟ ଛେଳି ଚରାଇଛି । ଅତଏବ ଏକ ଯାତ୍ରା ଅବସରରେ ଆପଣ ସ:ଆ:ସଙ୍କ ସାହାବାମାନେ ଜଙ୍ଗଲରେ ପିଲୁ ଏକାଠି କରି ଖାଇବାର ଦେଖି ଆପଣ ସ:ଆ:ସ କହିଲେ କଳା କଳା ପିଲୁ ଖୋଜି ଖାଅ କାରଣ ଯେତେବେଳେ ମୁଁ ଛେଳି ଚରାଉଥିଲି, ସେତେବେଳେ ମୋର ଏ ଅଭିଜ୍ଞତା ରହିଛି ଯେ କଳା ରଙ୍ଗର ପିଲୁ ବହୁତ ଭଲ ହୋଇଥାଏ ।

## କୁକର୍ମରୁ ନିବୃତ ରହିବା ପାଇଁ ଇଶ୍ୱର ସ୍ୱୟଂ ସୁରକ୍ଷା ପ୍ରଦାନ କଲେ

ସେହି ସମୟର ଏକ ଘଟଣା ଯେ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଗୋଟିଏ ରାତିରେ କହିଲେ, ଅର୍ଥାତ ଯେଉଁ ଲୋକଟି ଛେଳି ଚରାଇବା ସମୟରେ ଆପଣ ସ:ଆ:ସଙ୍କ ସହିତ ସାମିଲ ଥିଲା, ତାଙ୍କୁ କହିଲେ ମୋ ଛେଳିଗୁଡ଼ିକୁ ଦେଖୁଥିବ ମୁଁ କିଛି ସମୟ ପାଇଁ ସହରକୁ ଯାଇ ଲୋକମାନଙ୍କ ମଜ୍‌ଲିସ୍ ଦେଖି ଆସୁଛି । ସେ ସମୟରେ ଏ ପ୍ରଥା ଥିଲା ଯେ ରାତିବେଳା ଲୋକମାନେ କୌଣସି ଏକ ଘରେ ଏକାଠି ହୋଇ କାହାଣି ଶୁଣନ୍ତି ଓ ଶୁଣାଇଥାନ୍ତି ଓ ଶେର୍ ଓ ଗଜଲ୍ (ଅର୍ଥାତ କବିତା ପାଠ ଇତ୍ୟାଦି)ର ମଜ୍‌ଲିସ୍ ଲାଗେ ଏବଂ ବେଳେବେଳେ ପୁରା ରାତି ଏହିପରି ବିତାଇ ଦେଇଥାନ୍ତି । ଆଁ ହଜ୍‌ରତ୍ ସ:ଆ:ସ ଛୋଟ ପିଲା ହିସାବରେ ଏହି ତମାଶା ଦେଖିବାକୁ ଗଲେ । କିନ୍ତୁ ଅଲ୍ଲାଃ ତାଲାଙ୍କୁ ଏହି ବ୍ୟର୍ଥ ଓ ନିରର୍ଥକ କାର୍ଯ୍ୟରେ ମୁହମ୍ମଦ ସ:ଆ:ସଙ୍କୁ ସାମିଲ ହେବା ପସନ୍ଦ ଲାଗିଲା ନାହିଁ । ଅତଏବ୍ ଗୋଟିଏ ଜାଗାକୁ ଆପଣ ସ:ଆ:ସ ଗଲେ କିନ୍ତୁ ଅଧାବାଟରେ ହିଁ ନିଦ ଲାଗିଗଲା, ତେଣୁ ଶୋଇ ପଡ଼ିଲେ ଏବଂ ସକାଳ ପର୍ଯ୍ୟନ୍ତ ଶୋଇ ରହିଲେ । ଆଉଥରେ ପୁଣି ଏହିପରି ଭାବନା ଆପଣ ସ:ଆ:ସଙ୍କର ଆସିଥିଲା କିନ୍ତୁ ଅଦୃଶ୍ୟ ଈଶ୍ୱରୀୟ ହାତ ଆପଣଙ୍କୁ ରୋକି ଦେଲା । ନବୁୱତ ସମୟରେ ଆଁ ହଜ୍‌ରତ୍ ସ:ଆ:ସ କହୁଥିଲେ ଯେ ମୁଁ ସାରା ଜୀବନରେ କେବଳ ଦୁଇଥର ଏହିପରି ମଜ୍‌ଲିସ୍‌ରେ ଯୋଗ ଦେବା ପାଇଁ ମନସ୍ଥ କରିଥିଲି କିନ୍ତୁ ଦୁଇଥରଯାକ ମତେ ରୋକି ଦିଆଯାଇଅଛି ।

***(ସିରତ୍ ଖାତମୁନ୍ ନବିୟିନ୍, ପୃ-୯୩)***

*ପୃଷ୍ଠା-୦୩ ର ଅବଶିଷ୍ଟାଂଶ......*

ହେଲେ, ଯେତେବେଳେ ସେହି ଯୁଗଟି ଅତ୍ୟନ୍ତ ଅଜ୍ଞାନତାର ଅନ୍ଧକାର ମଧରେ ପଡ଼ି ରହିଥିଲା । ସେହି ଯୁଗ ସ୍ୱଭାବିକ ରୂପେ ଜଣେ ମହାନ ଯୁଗ ସଂସ୍କାରକଙ୍କ ଆଗମନର ପ୍ରତିକ୍ଷାରେ ଥିଲା । ମହାଭାଗ ଏପରି ସମୟରେ ଇହଲୀଳା ସମ୍ୱରଣ କଲେ ଯେ ଲକ୍ଷ ଲକ୍ଷ ଲୋକ ପ୍ରତିମା ପୁଜାକୁ ପରିତ୍ୟାଗ କରି ଏକେଶ୍ୱର ଉପାସନା ତଥା ସତ୍‌ପଥକୁ ଅବଲମ୍ୱନ କରିସାରିଥିଲେ ଏବଂ ବାସ୍ତବିକ ରୂପେ ଏପରି ସମ୍ପୁର୍ଣ୍ଣ ସଂସ୍କାର ମୂଳକ ପଦକ୍ଷେପ ଆପଣଙ୍କ ଦ୍ୱାରା ସମ୍ଭବ ହେବ ବୋଲି ବିଧି ନିର୍ଦ୍ଦିଷ୍ଟ ଥିଲା । ଯାହାଫଳରେ କି ଆପଣ ଏକ ଅସଭ୍ୟ ଓ ବର୍ବର ଜାତିର ଲୋକମାନଙ୍କୁ ମାନବୀୟ ସ୍ୱଭାବ ଶିଖାଇଲେ ଅଥବା ଅନ୍ୟ ଅର୍ଥରେ କହିଲେ ପଶୁମାନଙ୍କୁ ମାନବରେ ପରିଣତ କଲେ । ତା'ପରେ ସେହି ମାନବକୁ ଶିକ୍ଷିତ ମାନବ କଲେ । ଶିକ୍ଷିତ ମାନବକୁ ପୁଣି ଐଶିପୁରୁଷ କରିଦେଲେ ଏବଂ ଆଧାତ୍ମିକତାର ଆତ୍ମା ସେମାନଙ୍କଠାରେ ଫୁଙ୍କି ଦେଲେ ଓ ସତ୍ୟ ଈଶ୍ୱରଙ୍କ ସହିତ ସେମାନଙ୍କର କରିଦେଲେ । ସେମାନେ ଈଶ୍ୱରଙ୍କ ମାର୍ଗରେ ଛେଳି ମେଣ୍ଢାପରି ନିଜ ଜୀବନକୁ ବଳି ପକାଇଲେ ଏବଂ ସେମାନଙ୍କୁ ଜନ୍ଦାପିମ୍ପୁଡ଼ିଙ୍କ ପରି ପାଦରେ ଦଳି ଦିଆଗଲା । ମାତ୍ର ନିଜର ଧର୍ମବିଶ୍ୱାସକୁ ଜଳାଞ୍ଜଳୀ ଦେଲେ ନାହିଁ ବରଂ ପ୍ରତ୍ୟେକ ପ୍ରକାରର ବିପତି ସମୟରେ ଆମକୁ ଅଗ୍ରସର ହେଲେ । ସୁତରାଂ ନିଃସନ୍ଦେହରେ ଆମ ନବି ସ:ଅ ଆଧାତ୍ମିକତା ପ୍ରତିଷ୍ଠା କରିବାରେ ଦ୍ୱିତୀୟ ଆଦମ ଥିଲେ ବରଂ ସେ ହିଁ ପ୍ରକୃତ ଆଦମ ଥିଲେ ଯାହାଙ୍କ ମାଧ୍ୟମରେ ଓ ଯାହାଙ୍କ ପ୍ରତିଦାନ ସ୍ୱରୁପ ସମସ୍ତ ମାନବିକ ବିଶେଷତ୍ୱ ଚରମ ସୋପାନରେ ପହଂଚିଲା । ସମସ୍ତ ପ୍ରକାରର ପୁଣ୍ୟ ଶକ୍ତି ନିଜ ନିଜର କାର୍ଯ୍ୟରେ ନିୟୋଜିତ ହୋଇଗଲେ । ମାନବୀୟ ସହଜାତ ପ୍ରକୃତିର କୌଣସି ଭାଗ ଏଥିରୁ ବଂଚିତ ରହିଲା ନାହିଁ ଏବଂ ଖତ୍‌ମେ ନବୁୱତ ମହାଭାଗଙ୍କ ଉପରେ ନା କେବଳ ଯୁଗାବସାନ ଯୋଗୁଁ ପ୍ରକଟିତ ହେଲା ବରଂ ସମସ୍ତ ଅବତାରତ୍ୱର ଉତ୍କର୍ଷତା ମହାଭାଗଙ୍କଠାରେ ହିଁ ଚୁଡ଼ାନ୍ତ ହୋଇଗଲା । ଯେହେତୁ ମହାଭାଗ ନୈଶର୍ଗୀକ ଗୁଣାବଳୀର ପୂର୍ଣ୍ଣାଙ୍ଗ ଜୀବନାଦର୍ଶ ଥିଲେ । ଏହି କାରଣ ଯୋଗୁଁ ମହାଭାଗଙ୍କ ଧର୍ମବିଧାନ ଦର୍ପଗୁଣ ଓ ନମ୍ରଗୁଣ ଦୁଇଟିଯାକ ବହନ କରିଥିଲା ତତ୍‌ସହିତ ମହାଭାଗଙ୍କର ଦୁଇଟି ନାମ ଯେପରି କି "ମୁହମ୍ମଦ" (ପ୍ରଶଂସିତ) ଓ "ଅହ୍‌ମଦ୍" (ପ୍ରଶଂସାକାରୀ) ସ:ଆ:ସ ଏହି ଉଦ୍ଦେଶ୍ୟରେ ରଖାଯାଇଅଛି । ମହାଭାଗଙ୍କର ସାର୍ବଜନୀନ ଅବତାରତ୍ୱରେ କୌଣସି କୃପଣତାର ଆଭାଷ ନାହିଁ ବରଂ ପ୍ରାରମ୍ଭରୁ ସକଳ ଜଗତ ପାଇଁ ଉଦ୍ଦିଷ୍ଟ ।

***(ଲେକ୍‌ଚର ସିଆଲ୍‌କୋଟ, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃ-୨୦୬)***

# سرے دارم فدائے خاکِ احمدؐ
# دلم ہر وقت قربانِ محمدؐ ﷺ

منظوم کلام سیّدنا حضرت مسیح موعود علیہ السلام

## ଅହମଦଙ୍କର ଶ୍ରୀଚରଣ ଧୂଳି ଭକତିର ଅର୍ଘ୍ୟ ମୋ ମୁଣ୍ଡରେ ମାରି
## ପ୍ରତିକ୍ଷଣ ମୋର ପ୍ରାଣ ଉତ୍ସର୍ଗୀତ ଶ୍ରୀମୁହମ୍ମଦଙ୍କ ବନ୍ଦାପନା କରି

عجب نوریست در جانِ محمدؐ — عجب لعلیست در کانِ محمدؐ
**ଅଜବ୍ ନୁରେସ୍ତ ଦର୍ ଜାନେ ମୁହମ୍ମଦ୍ । ଅଜବ୍ ଲା'ଲେସ୍ତ ଦର୍ କାନେ ମୁହମ୍ମଦ୍**
ଶ୍ରୀମୁହମ୍ମଦଙ୍କ ପରାଣରେ ଭରିରହିଛି ଅଦ୍ଭୁତ ଜ୍ୟୋତି ଶ୍ରୀମୁହମ୍ମଦଙ୍କ ରତନ ଖଣିରେ ଅଜବ ଦୁର୍ଲଭ ମଣି ।

عجب دارم دل آں ناکساں را — کہ رُو تابند از خوانِ محمدؐ
**ଅଜବ ଦାରମ୍ ଦିଲେ ଆଁ ନାକସାଁ ରା କେ ରୁ ତାବନ୍ଦ୍ ଅଜ୍ ଖ୍ୱାନେ ମୁହମ୍ମଦ୍**
ସେହି ଅପାରଗମାନଙ୍କ ସକାଶେ ବିସ୍ମିତ ହେଉଛି ମୁହିଁ ଶ୍ରୀମୁହମ୍ମଦଙ୍କ ଅର୍ଘ୍ୟ ଥାଳ ମଧୁ ମୁହଁ ମୋଡୁଛନ୍ତି ସେହି ।

ندانم ہیچ نفسے در دو عالم — کہ دارد شوکت و شانِ محمدؐ
**ନଦାନମ୍ ହେଚ୍ ନଫ୍‌ସଏ ଦର୍ ଦୋ ଆଲମ୍ କେ ଦାରଦ୍ ଶୌକତ୍ ଓ ଶା'ନେ ମୁହମ୍ମଦ୍**
ଦୁଇ ଭୁବନରେ ଏପରି ମନୁଷ୍ୟ କାହାକୁ ମୁଁ ଜାଣିନାହିଁ ଶ୍ରୀମୁହମ୍ମଦଙ୍କ ଖ୍ୟାତି ଗଉରବ ବହନ କରିଛି କେହି ।

خُدا خود سوزد آں کِرمِ دنی را — کہ باشد از عدوّانِ محمدؐ
**ଖୁଦା ଖୁଦ୍ ସୋଜଦ ଆଁ କିର୍‌ମେ ଦନୀ ରା କେ ବାଶଦ୍ ଅଜ୍ ଅଦ୍‌ଉଓ୍ୱାନେ ମୁହମ୍ମଦ୍**
ନିଜେ ହିଁ ଈଶ୍ୱର ଭସ୍ମ କରିଦେବେ ଘୃଣିତ କୀଟ ସବୁରି ଶ୍ରୀମୁହମ୍ମଦଙ୍କ ଦୁଷ୍ଟଙ୍କୁ ନାଶନ ହୋଇଥା'ନ୍ତି ଯେ ବଇରି

اگر خواہی نجات از مستیٔ نفس — بیا در ذیلِ مستانِ محمدؐ
**ଅଗର୍ ଖ୍ୱାହୀ ନଯାତ ଅଜ୍ ମସ୍ତିଏ ନଫ୍‌ସ ବୟାଦର୍ ଜେଲେ ମସ୍ତାନେ ମୁହମ୍ମଦ୍**
ଚାହୁଁଅଛ ଯଦି ସ୍ୱାର୍ଥନିଶା ଠାରୁ ମୁକତି ଲଭିବା ପାଇଁ ଶ୍ରୀମୁହମ୍ମଦଙ୍କ ଭକତ ମଧରେ ଯାଅ ମତୁଆଲା ହୋଇ

اگر خواہی کہ حق گوید ثنایت — بشو از دل ثنا خوانِ محمدؐ
**ଅଗର ଖ୍ୱାହୀ କେ ହକ୍ ଗୋୟଦ୍ ସନାୟତ୍ ବଶୁ ଅଜ୍ ଦିଲ୍ ସନା ଖ୍ୱାନେ ମୁହମ୍ମଦ୍**
ଚାହୁଁଅଛ ଯଦି ଈଶ୍ୱର ତୁମର ପ୍ରଶଂସା କରିବେ ଭାରି ହୋଇଯାଅ ତୁମେ ଶ୍ରୀମୁହମ୍ମଦଙ୍କ ଗୁଣ କୀର୍ତ୍ତନକାରୀ ।

اگر خواہی دلیلے عاشقش باش — محمدؐ ہست برہانِ محمدؐ
**ଅଗର ଖ୍ୱାହୀ ଦଲୀଲେ ଆଶକଶ୍ ବାଶ୍ ମୁହମ୍ମଦ ହିସ୍ତ ବୁର୍‌ହାନେ ମୁହମ୍ମଦ୍**
ତାଙ୍କ ସତ୍ୟତାର ପ୍ରମାଣ ପାଇଁକି ହୁଅ ତାଙ୍କ ପ୍ରେମାସକ୍ତ ଶ୍ରୀମୁହମ୍ମଦଙ୍କ ଠାରେ ହିଁ ତାଙ୍କରି ପ୍ରମାଣ ଅଛି ନିହିତ ।

سرے دارم فدائے خاکِ احمدؐ — دلم ہر وقت قربانِ محمدؐ
**ସରେ ଦାରମ୍ ଫିଦାଏ ଖାକେ ଅହମଦ୍ ଦିଲମ୍ ହର୍ ଓ୍ୱକ୍ତ କୁର୍‌ବାନେ ମୁହମ୍ମଦ୍**
ଅହମଦଙ୍କର ଶ୍ରୀଚରଣ ଧୂଳି ଭକତିର ଅର୍ଘ୍ୟ ମୋ ମୁଣ୍ଡରେ ମାରି
ପ୍ରତିକ୍ଷଣ ମୋର ପ୍ରାଣ ଉତ୍ସର୍ଗୀତ ଶ୍ରୀମୁହମ୍ମଦଙ୍କ ବନ୍ଦାପନା କରି ।

دگر اُستاد را نامے ندانم — کہ خواندم در دبستانِ محمدؐ
**ଦିଗର୍ ଉସ୍ତାଦ ରା ନାମେ ନଦାନମ୍ କେ ଖ୍ୱାନଦମ୍ ଦର୍ ଦବୁସ୍ତାନେ ମୁହମ୍ମଦ୍**
ଜଣାନାହିଁ ମୋତେ ଶିକ୍ଷକ କେ ଆନ ପଢିଅଛି ଯାହା ପାଶ କେବଳ ମାତର ଶ୍ରୀମୁହମ୍ମଦଙ୍କ ଚାଟଶାଳୀର ମୁଁ ଛାତ୍ର ।

اَلا اے دشمنِ نادان و بے راہ — بترس از تیغِ بُرّانِ محمدؐ
**ଅଲା ଅଏ ଦୁଶମନେ ନାଦାନ୍ ଓ ବେରାହ୍ ବେତରସ୍ ଅଜ୍ ତେଗେ ବୁର୍‌ରାନେ ମୁହମ୍ମଦ୍**
ହେ ଅଜ୍ଞାନୀ ଶତ୍ରୁ ଧରମୁ ବିଚ୍ୟୁତ ସାବଧାନ ହୁଅ ଥରେ ! ଭସ୍ମ କର ସେହି ଶ୍ରୀମୁହମ୍ମଦଙ୍କ ଶାଣିତ ଖଣ୍ଡାର ଧାର

اَلا اے منکر از شانِ محمدؐ — ہم از نورِ نمایانِ محمدؐ
**ଅଲା ଅଏ ମୁନକିର୍ ଅଜ୍ ଶାନେ ମୁହମ୍ମଦ୍ ହମ୍ ଅଜ୍ ନୁରେ ନୁମାୟାନେ ମୁହମ୍ମଦ୍**
କରୁଛ ଅବଜ୍ଞା ତାଙ୍କରି ମହିମା ଶୁଣ ହେ ସତର୍କବାଣୀ ଶ୍ରୀମୁହମ୍ମଦଙ୍କ ଜ୍ୟୋତି ଝଟକୁଛି ଏତିକି ବା ନାହିଁ ଜାଣି ?

کرامت گرچہ بے نام و نشان است — بیا بنگر زِ غلمانِ محمدؐ
**କରାମତ୍ ଗର୍ ଚେ ବେନାମୋ ନିଶାନ୍ ଅସ୍ତ୍ ବୟା ବଙ୍ଗର୍ ଜେ ଗୁଲମାନେ ମୁହମ୍ମଦ୍**
ମହାନୁଭବତା ହଜିଗଲା କାହିଁ ତଥାପି ହେ ଆସି ଦେଖ ଶ୍ରୀମୁହମ୍ମଦଙ୍କ ଭୃତ୍ୟ ମଧେ ଅଜି ପାଇବ ସେହି ଆଦର୍ଶ
।

❋❋❋

ମୂଳ ପାର୍ସୀ କାବ୍ୟ : ହଜରତ ମସିହ ମଉଦ[ଅସ] (ପ୍ରତିଶ୍ରୁତ ମସିହ ଓ ମେହ୍‌ଦୀ)
ଓଡିଆ ରୂପାନ୍ତର : ଇଂ ରୌଶନ ଖାନ୍ (ଅଧ୍ୟକ୍ଷ ଅହମଦିୟା ରିଭ୍ୟୁ କମିଟି, ଓଡିଶା)

**EDITOR**
**Qamarul Haque Khan**
**SUB EDITOR**
**Maqsood Ali Khan** (M.A.)
Mob (91+) 9437128786
e-mail:odiabadar@gmail.com

Registered with the Registrar of the Newspapers at No.PUN ODI/2016/68750

ସାପ୍ତାହିକ ବଦର କାଦିୟାନ *Weekly* **BADAR** *Qadian*
**Qadian - 143516** Distt. Gurdaspur (Pb.) INDIA
**Vol. 05 Thursday 13 August 2020 Issue 33**

MANAGER
**NAWAB AHMAD**
Mob : (91+) 94170-20616
email:managerbadrqnd@gmail.com
**SUBSCRIPTION**
ANNUAL: Rs. 500
(Per issue : Rs.9/-)
(Weight : 50-100 gms/issue)



عَنْ اَبِیْ هُرَیْرَۃَ رَضِیَ اللّٰهُ عَنْهُ اَنَّ النَّبِیَّ صَلَّی اللّٰهُ عَلَیْهِ وَسَلَّمَ قَالَ

"صَلَاۃٌ فِیْ مَسْجِدِیْ هٰذَا
خَیْرٌ مِنْ اَلْفِ صَلَاۃٍ فِیْمَا سِوَاهُ اِلَّا الْمَسْجِدَ الْحَرَامَ"

(صحیح بخاری، کتاب فضل الصّلوٰۃ فی مکۃ والمدینۃ)

حضرت ابوہریرہ رضی اللہ عنہ سے روایت ہے کہ آنحضرت صلی اللہ علیہ وسلم نے فرمایا:
میری اس مسجد (یعنی مسجد نبویؐ) میں ایک وقت کی نماز
دوسری مساجد میں ایک ہزار نماز سے بہتر ہے، سوائے مسجد حرام کے

ଘନିଷ୍ଠ ସହଚର ହଜରତ ଅବୁହୁରେରା[ରଅ] ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର ବାର୍ତ୍ତାବହ ହଜରତ ମୁହମ୍ମଦ[ସଅ] ଏହିପରି କହିଥିବାର ସେ ଶୁଣିଛନ୍ତି :

"ମୋର ଏହି ମସଜିଦ୍ (ଅର୍ଥାତ ମସଜିଦ୍ ନବୱି)ରେ ପାଠ କରାଯାଉଥିବା ଗୋଟିଏ ବେଳାର ନମାଜ ଅନ୍ୟାନ୍ୟ ମସଜିଦ୍‌ରେ ପଠିତ ଏକ ହଜାର ନମାଜ ଠାରୁ ମଧ୍ୟ ଶ୍ରେଷ୍ଠ ଏବଂ ଉତ୍କୃଷ୍ଟତର, କେବଳ ମକ୍କାସ୍ଥିତ ମସଜିଦ୍ ଏ ହରାମ୍ ବ୍ୟତୀତ ।"

(ହଦିସ ସହି ବୁଖାରି, କିତାବ ଫଜଲୁସ୍ ସଲାତ)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor : Qamrul Haque Khan